

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୯ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 19 OCTOBER 2022
Vol.No. 33 ■ No. 271 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସିବିଆଇ ନାଁରେ ସିସୋଦିଆଙ୍କ ସାଂଘାତିକ ଅଭିଯୋଗ

## ଆପ ଛାଡି ବିଜେପିରେ ମିଶିବାକୁ କହିଛନ୍ତି ସିବିଆଇ ଅଧିକାରୀ

ନୂଆଦିଲ୍ଲୀ, ୧୮/୧୦ : ସିବିଆଇ ନାଁରେ ସିସୋଦିଆ ଏଭଳି କିଛି ଅଭିଯୋଗ ଆଣିବା ପରେ ଏବେ ହଇଚଇ ସୃଷ୍ଟି ହୋଇଛି । ଏଥିସହ ସିସୋଦିଆ କହିଛନ୍ତି ବିଜେପି ଅପରେସନ ଲୋଟସକୁ ସଫଳ କରିବା ପାଇଁ ଦିଲ୍ଲୀ ସରକାରଙ୍କୁ କଳେବଳେ କୌଶଳେ ସମସ୍ୟା ଭିତରକୁ ଆଣିବାକୁ ଚାହୁଁଛି । ଗୁଜରାଟରେ ଆପର ଲୋକପ୍ରିୟତା ଦେଖି ବିଜେପି ବିଚଳିତ ତେଣୁ ଏଭଳି ମିଛ ମାମଲା ଆଣି ଆମ ଆଦମୀ ପାର୍ଟିକୁ ବଦନାମ କରିବାକୁ ଷଡଯନ୍ତ୍ର କରୁଛି । ସିବିଆଇ ବିରୋଧରେ ସିସୋଦିଆଙ୍କ ବୟାନକୁ ନେଇ ପ୍ରତିକ୍ରିୟା ରଖିଛି



ବିଜେପି । ବିଜେପି କହିଛି ଅରବିନ୍ଦ କେଜ୍ରିୱାଲ ଓ ତାଙ୍କ ନିଜର ଦୁର୍ନିତୀ ଲୁଚାଇବା ପାଇଁ ଏଭଳି ବୟାନ ଦେଉଛି । ଏଥିସହ ସିସୋଦିଆଙ୍କୁ ଲାଇଭ ଡିଟେକ୍ଟ ଟେଷ୍ଟ ଦେବାକୁ ଖୋଲା ଚ୍ୟାଂଲେଜ ଦେଇଛି ବିଜେପି । ଗଣମାଧମ ସମ୍ମୁଖରେ ମନିଷ ସିସୋଦିଆ ଯେଉଁ ଅଭିଯୋଗ ଆଣିଛନ୍ତି ଏହାକୁ ନେଇ ସିବିଆଇ ପ୍ରତିକ୍ରିୟା ରଖିଛି । ସିସୋଦିଆଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତିହୀନ ଓ ଆଇନ ଅନୁସାରେ କେନ୍ଦ୍ରୀୟ ସଂସ୍ଥା କାମ କରୁଛି ବୋଲି ସିବିଆଇ କହିଛି । ଏକଥା ମଧ ସିବିଆଇ କହିଛି କି ସୋମବାର ଜେରାରେ ସିସୋଦିଆ ସନ୍ତୋଷଜନକ ଉତର ଦେଇ ନାହାଁନ୍ତି । ତେଣୁ ଆବଶ୍ୟକ ପଡିଲେ ପୁଣି ଥରେ ଜେରା କରାଯିବ । ଦିଲ୍ଲୀ ଅବକାରୀ ଦୁର୍ନିତୀ ମାମଲାରେ ଆପର ଅନେକ ନେତା ଓ ମନ୍ତ୍ରୀଙ୍କୁ ସିବିଆଇ ଜେରା କରିବା ସହ ୩ଜଣଙ୍କୁ ଏବେ ସୁଦ୍ଧା ଗିରଫ କରିଛି । ମାମଲାରେ ଅନେକ ସ୍ଥାନରେ ଚଢାଉ କରିଛି ।

# ବଙ୍ଗୋପସାଗରରେ ବାତ୍ୟା ସମ୍ଭାବନା



ଭୁବନେଶ୍ୱର, ୧୮/୧୦(ନି.ପ୍ର): ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ବାତ୍ୟା । ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ୨୨ ତାରିଖ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଏକ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ପରବର୍ତୀ ସମୟରେ ଏହା ଆହୁରି ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ବାତ୍ୟାର ରୂପ ନେବ ବୋଲି ଜଣାଯାଇଛି। ୨୨ ଅକ୍ଟୋବର ରୁ ପଶ୍ଚିମ-କେନ୍ଦ୍ରୀୟ ପାର୍ଶ୍ୱବର୍ତୀ ଉତର-ପଶ୍ଚିମ ବଙ୍ଗୋପସାଗର ଅଂଚଳର ଗଭୀର ସମୁଦ୍ର ଭାଗରେ ଝଡ଼-ପବନ ଘଂଟା ପ୍ରତି ବେଗ ୪୫ ରୁ ୫୫ କିମି ସହ ସର୍ବାଧିକ ବା ଝଟକା ପବନ ୬୫ କିମି ଯାଏଁ ରହିବାର ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ। ତେଣୁ ୨୨ ଅକ୍ଟୋବରରୁ ମତ୍ସ୍ୟଜୀବୀମାନଙ୍କୁ ଗଭୀର ସମୁଦ୍ରକୁ ଯିବାକୁ ମନା କରାଯାଇଛି। ସେହିପରି ସରକାରୀ କର୍ମଚାରୀମାନଙ୍କୁ ୨୩ରୁ ୨୫ ପର୍ଯ୍ୟନ୍ତ ହେଡକ୍ୱାର୍ଟର ନ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ମହାନିର୍ଦ୍ଦେଶକ (ଡିଜି) ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ତତ୍‌ସଂଲଗ୍ନ ପଡ଼ୋଶୀ ଅଂଚଳ ଉପରେ ସୋମବାର ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ବର୍ତମାନ ଉତରରେ ଅବସ୍ଥିତ ରହିଛି। ଏହାର ପ୍ରଭାବରେ ଆସନ୍ତା ୪୮ ଘଂଟା ମଧ୍ୟରେ ଅଧିକ ଘନୀଭୂତ ହୋଇ ବଙ୍ଗୋପସାଗରର ଦକ୍ଷିଣ ପୂର୍ବ ଏବଂ ସଂଲଗ୍ନ ପୂର୍ବଦିଗରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତୀ ସମୟରେ ଲଘୁଚାପଟି ଅଧିକ ଘନୀଭୂତ ହେବା ସହ ଏହାର ତୀବ୍ରତା ବଢ଼ିବ ଏବଂ ଏହା କେନ୍ଦ୍ରୀୟ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଗତିକରିବ। ▶▶ପୃଷ୍ଠା ୭

## ୫୦ କୋଟି ଟଙ୍କାର କୋକେନ ଜବତ, ୪ ବିଦେଶୀ ଓ ୨ ମହିଳା ଗିରଫ

ନୂଆଦିଲ୍ଲୀ, ୧୮/୧୦ : ଦେଶରେ ଚାଲିଥିବା ବେଆଇନ ନିଶାଦ୍ରବ୍ୟ କାରବାରର ଆଉ ଏକ ରାକେଟ ପର୍ଦ୍ଦାଫାସ ହୋଇଛି। ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନସିବି) ୫୦ କୋଟି ଟଙ୍କାର କୋକେନ ଜବତ କରିବା ସହ ୪ ବିଦେଶୀ ନାଗରିକ ଓ ୨ ଜଣ ମହିଳାଙ୍କୁ ଗିରଫ କରିଛି। ଜବତ କୋକେନର ଓଜନ ୭ କେଜି ହେବ। ଏହି ରାକେଟ କେମିତି ଦେଶରେ ଅପରେଟ କରୁଥିଲା, ତା'ର ତଥ୍ୟ ମଧ ସାମ୍ନାକୁ ଆସିଛି। ଆଣ୍ଟି ଡ୍ରଗ୍ସ ଏଜେନ୍ସି ପ୍ରଥମେ ଦିଲ୍ଲୀର ତିଲକ ନଗରରେ କୋକେନ ବେପାର କରୁଥିବା ବିଦେଶୀ ନାଗରିକଙ୍କ ଠିକଣାରେ ରେଡ୍ କରିଥିଲା। ଏଠାରୁ ୫ କେଜି ଓଜନର କୋକେନ ଜବତ ହୋଇଛି। ଜଣେ ମହିଳାଙ୍କ ଟ୍ରଲି ବ୍ୟାଗରେ ଏହି ନିଶାଦ୍ରବ୍ୟକୁ ରଖାଯାଇଥିଲା। ଇଥୋପିଆରର ଦୁଇ ଜଣ ନାଗରିକ ଉକ୍ତ ବ୍ୟାଗକୁ ମହିଳାଙ୍କୁ ଦେଇଥିଲେ। ମହିଳାଙ୍କ ଠାରୁ ସୂଚନା ପାଇ ଏନସିପି ସେମାନଙ୍କୁ ବି ଗିରଫ କରିଛି। ଏନସିବି କହିଛି ଯେ ଜବତ କୋକେନର ଲିଙ୍କ ମୁମ୍ବାଇର ଗୋଟିଏ ହୋଟେଲ ସହ ରହିଛି। ▶▶ପୃଷ୍ଠା ୭

# ଗହମ ଓ ସୋରିଷର ଏମଏସ୍‌ପି ବୃଦ୍ଧି କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୧୮/୧୦ : ଦୀପାବଳି ପୂର୍ବରୁ ଚାଷୀଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ଆଜି କେନ୍ଦ୍ର ସରକାର ରବି ଫସଲ ପାଇଁ ବିଭିନ୍ନ ଖାଦ୍ୟ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସ୍‌ପି) ବୃଦ୍ଧି କରିଛନ୍ତି। ୨୦୨୩-୨୪ ରବି ପାଇଁ ଏହି ବର୍ଦ୍ଧିତ ଏମଏସ୍‌ପି ଦାମରେ ସରକାର ଚାଷୀଙ୍କ ଠାରୁ ସାମଗ୍ରୀ କିଣିବ। ସରକାର ଗହମର ଏମଏସ୍‌ପି କ୍ୱିଣ୍ଟାଲ ପିଛା ୧୧୦ ଟଙ୍କା ବଢ଼ାଇଛନ୍ତି। ୨୦୨୨-୨୩ରେ ଗହମର କ୍ୱିଣ୍ଟାଲ ପିଛା ଏମଏସ୍ ?ପି ୨୦୧୫ ଟଙ୍କା ଥିଲା। ୨୦୨୩-୨୪ରେ ଏହାକୁ କେନ୍ଦ୍ର ସରକାର ୨୧୨୫ ଟଙ୍କା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ



ଅଧକ୍ଷତାରେ ବସିଥିବା ଅର୍ଥନୀତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ ଏମଏସ୍‌ପି ବୃଦ୍ଧି ଉପରେ ନିଷ୍ପତି ନେଇଛି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗହମ ବ୍ୟତୀତ ବିଭିନ୍ନ ଖାଦ୍ୟଶସ୍ୟର ଏମଏସ୍‌ପି ବୃଦ୍ଧି କରାଯାଇଛି। ସୋରିଷର ଏମଏସ୍‌ପି କ୍ୱିଣ୍ଟାଲ ପିଛା ୪୦୦ ଟଙ୍କା ବୃଦ୍ଧି ହୋଇଛି। ୨୦୨୨-୨୩ରେ ଗୋଟିଏ କ୍ୱିଣ୍ଟାଲ ସୋରିଷର ଦାମ ୫୦୫୦ ଟଙ୍କା ଥିଲା। ୨୦୨୩-୨୪ରେ ଏହାର ଦାମ ୫,୪୫୦ ଟଙ୍କା ହୋଇଛି। ମସୁର ଡାଲିର ଏମଏସ୍‌ପି ୫୦୦ ଟଙ୍କା ବଢ଼ିଛି। ମସୁଲ ଡାଲିର ଦାମ କ୍ୱିଣ୍ଟାଲ ପିଛା ଦାମ ୫,୫୦୦ ଟଙ୍କା ଥିଲା ଏବେ ୬୦୦୦ ଟଙ୍କାରେ ପହଞ୍ଚିଛି। ସେହିପରି ବାର୍ଲିର ଏମଏସପି ୧୦୦ ଟଙ୍କା, ସୂର୍ଯ୍ୟମୁଖୀର ଏମଏସ୍‌ପି ୨୦୯ ଟଙ୍କା ଓ ବିରିର ଏମଏସ୍‌ପି ୧୦୫ ଟଙ୍କା ବୃଦ୍ଧି ପାଇଛି। ଗହମ ଉପରେ ଏମଏସ୍‌ପି ୫.୬୪%, ବଢ଼ିଥିବା ବେଳେ ସୋରିଷର ଦାମ ୯% ବୃଦ୍ଧି କରାଯାଇଛି। ବର୍ଦ୍ଧିତ ଦର ପରେ ଚାଷୀମାନେ ବାର୍ଲି ପାଇଁ କ୍ୱିଣ୍ଟାଲ ପିଛା ୧୭୩୫ ଟଙ୍କା, ବିରି ପାଇଁ କ୍ୱିଣ୍ଟାଲ ପିଛା ୧୭୩୫ ଟଙ୍କା ଓ ସୂର୍ଯ୍ୟମୁଖୀ ପାଇଁ କ୍ୱିଣ୍ଟାଲ ପିଛା ୫,୬୫୦ ଟଙ୍କା ପାଇବେ।

# କେଦାରନାଥରେ ବଡ ଦୁର୍ଘଟଣା: ହେଲିକପ୍ଟର ଦୁର୍ଘଟଣାରେ ୬ ମୃତ



ନୂଆଦିଲ୍ଲୀ, ୧୮/୧୦ : କେଦାରନାଥ ଯାଉଥିବା ଏକ ହେଲିକପ୍ଟର ଦୁର୍ଘଟଣାରେ ଶିକାର ହେବା ଫଳରେ ୪ ଜଣଙ୍କର ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣା ଗଣ୍ଡୁଡଚଟ୍ଟି ଅଞ୍ଚଳରେ ହୋଇଥିବା କୁହାଯାଉଛି । ଦୁର୍ଘଟଣାରେ ଶିକାର ହୋଇଥିବା ହେଲିକପ୍ଟରଟି ଆର୍ଯ୍ୟନ ହେଲି କମ୍ପାନୀର ବୋଲି କୁହାଯାଉଛି । ସୂତ୍ର ସୂଚନା ମୁତାବକ ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରରେ ୫ ଜଣ ଯାତ୍ରୀ ଓ ୨ ଜଣ ପାଇଲଟ୍ ଥିଲେ । ଘନ ବାଦଲ କାରଣରୁ ଏହି ଦୁର୍ଘଟଣା ଘଟିଥିବା କଥା କୁହାଯାଉଛି । ସେପଟେ କେଦାରନାଥରେ ଘନ ବାଦଲ କାରଣରୁ ଯାତ୍ରୀମାନେ ଅନେକ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏହି ଦୁର୍ଘଟଣା ପରେ ହେଲିକପ୍ଟରଟି ଖଣ୍ଡ ଖଣ୍ଡ ହୋଇଯାଇଛି । ସୂଚନା ପାଇବା ପରେ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ।

# ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ଏମସ୍ ଡାକ୍ତର ଗିରଫ

ଭୁବନେଶ୍ୱର, ୧୮/୧୦(ନି.ପ୍ର): ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗରେ ଭୁବନେଶ୍ୱର ଏମ୍ସରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ ମହିଳା ଥାନା ପୋଲିସ୍ ଗିରଫ କରିଛି। ଗିରଫ ଡାକ୍ତର ଜଣକ ହେଲେ ଜୟଦୀପ ଦାସଗୁପ୍ତା। ସୂଚନା ଅନୁଯାୟୀ ଖୋର୍ଦ୍ଧା ଅଂଚଳର ଜଣେ ଯୁବତୀ ବ୍ୟାଙ୍କ କର୍ମଚାରୀ ହୋଇଥିବା ବେଳେ ଦୁଇ ବର୍ଷ ତଳେ ତାଙ୍କ ବାପାଙ୍କୁ ଏମ୍ସ ହୃଦରୋଗ ବିଭାଗରେ ଭର୍ତି କରିଥିଲେ। ସେଠାରେ ତାଙ୍କୁ ଚିକିତ୍ସା କରୁଥିଲେ ହୃଦରୋଗ ବିଶେଷଜ୍ଞ ଡାକ୍ତର ଜୟଦୀପ ଦାସଗୁପ୍ତା। ବାପାଙ୍କ ପାଖରେ ଆଟେଣ୍ଡାଂଟ ଭାବେ ଯୁବତୀ ଜଣକ ରହୁଥିଲା ବେଳେ ତାଙ୍କ ପ୍ରେମରେ ପଡ଼ିଥିଲେ ଡାକ୍ତର ଦାସଗୁପ୍ତା। ପରେ ତାଙ୍କୁ ତାଙ୍କ ମୋବାଇଲ୍ ନମ୍ବର ମାଗିଥିଲେ। ହେଲେ ମାଧବୀ ତାଙ୍କୁ ଫୋନ୍ ନମ୍ବର ଦେଇନଥିଲେ। ଯେଉଁଥିପାଇଁ ମାଧବୀଙ୍କ ବାପାଙ୍କୁ ଡାକ୍ତର ଦାସଗୁପ୍ତା ଡିସ୍‌ଚାର୍ଜ କରୁନଥିବା ଅଭିଯୋଗ ହୋଇଥିଲା। ପରେ ଯୁବତୀ ମୋବାଇଲ୍ ନମ୍ବର ଦେବାରୁ ସେ ଡିସ୍‌ଚାର୍ଜ କରିଥିଲେ। ଡିସଚାର୍ଜ ପରେ ଡାକ୍ତର ଦାସଗୁପ୍ତା ଯୁବତୀଙ୍କୁ ବାରମ୍ବାର ଫୋନ୍ କରୁଥିଲେ। କଥା ହେଉ ହେଉ ଉଭୟ ପରସ୍ପରର ପ୍ରେମରେ ପଡ଼ିଗଲେ। ପରେ ଯୁବତୀ ଜଣକ ଗର୍ଭବତୀ ହୋଇଥିବା ଜାଣିବା ପରେ ତାଙ୍କ ଗର୍ଭ ନଷ୍ଟ କରାଯାଇଥିବା ଅଭିଯୋଗ ହୋଇଛି। କିଛି ଦିନ ପରେ ଡାକ୍ତର ଦାସଗୁପ୍ତା ଯୁବତୀଙ୍କଠାରୁ ଦୂରେଇ ଯିବା ପାଇଁ ଚାହିଁଥିଲେ। ପୂର୍ବ ପରି ଆଉ ଫୋନ୍ କରିନଥିଲେ। ଅନ୍ୟପକ୍ଷରେ ଡାକ୍ତର ଦାସଗୁପ୍ତା ଅନ୍ୟ ଜଣେ ଯୁବତୀଙ୍କୁ ବାହା ହେବା ପାଇଁ ଯୋଜନା କରୁଥିଲେ। ଏକଥା ଜାଣିବା ପରେ ଯୁବତୀ ଭୁବନେଶ୍ୱର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଅଭିଯୋଗକୁ ଭିତିକରି ଆଜି ଡାକ୍ତର ଦାସଗୁପ୍ତାଙ୍କୁ ଗିରଫ କରିଛି।

## କଂଗ୍ରେସ ଗଣମାଧମ ଆବାହକ ପଦରୁ ଇସ୍ତଫା ଦେଲେ ସତ୍ୟ ନାୟକ

ଭୁବନେଶ୍ୱର, ୧୮/୧୦(ନି.ପ୍ର): ଓଡିଶା କଂଗ୍ରେସର ଗଣମାଧମ ଆବାହକ ଏବଂ ସାଧାରଣ ସଂପାଦକ ପଦରୁ ଇସ୍ତଫା ଦେଇଛନ୍ତି ସତ୍ୟ ପ୍ରକାଶ ନାୟକ। ମଙ୍ଗଳବାର ସତ୍ୟ ନାୟକ ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ଓଡିଶା କଂଗ୍ରେସ ପ୍ରଭାରୀ ଚେଲ୍ଲାକୁମାରଙ୍କୁ ଇସ୍ତଫା ପତ୍ର ପଠାଇଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ସତ୍ୟ ନାୟକ କହିଛନ୍ତି ଯେ, ସେ ଆଜି କଂଗ୍ରେସର ଗଣମାଧମର ଆବାହକ ଏବଂ ସାଧାରଣ ସଂପାଦକ ପଦରୁ ଇସ୍ତଫା ଦେଇଛି। ନିଜର ଇସ୍ତଫା ପତ୍ର ସେ ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ଓଡିଶା କଂଗ୍ରେସ ପ୍ରଭାରୀ ଚେଲ୍ଲାକୁମାରଙ୍କ ନିକଟକୁ ପଠାଇ ଦେଇଛନ୍ତି। ହେଲେ ସେ କଂଗ୍ରେସ ଦଳରେ ରହିଥିବା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଗତକାଲି କଂଗ୍ରେସର ରାଷ୍ଟ୍ରୀୟ ଅଧକ୍ଷ ନିର୍ବାଚନ ଅନୁଷ୍ଠିତ ହେଲା। ଏଥିପାଇଁ ପ୍ରଦେଶ କଂଗ୍ରେସର ପ୍ରସ୍ତୁତ ପିସିସି ସଦସ୍ୟ ତାଲିକାରେ ୪୨୭ ଜଣଙ୍କ ନାମ ଥିଲା। ହେଲେ ଏଥିରେ ମୋର ନାମ ନଥିଲା । ଯେଉଁମାନେ ଏହି ତାଲିକା ପ୍ରସ୍ତୁତ କରିଛନ୍ତି, ସେମାନେ ନିଶ୍ଚିତ ଭାବେ ଭଲଭାବେ ଭାବିଚିନ୍ତି କରି ପ୍ରସ୍ତୁତ କରିଛନ୍ତି। କଂଗ୍ରେସର ସାଧାରଣ ସଂପାକଦ ଏବଂ ଗଣମାଧମ ଆବାହକ ପରି ଗୁରୁତ୍ୱପୂର୍ଣ୍ଣ ପଦରେ ଥାଇ ବି ପିସିସି ସଦସ୍ୟ ତାଲିକାରେ ମୋ ନାମ ନାହିଁ। ଫଳରେ ମୁଁ କଂଗ୍ରେସ ଅଧକ୍ଷ ନିର୍ବାଚନରେ ମତଦାନ କରି ପାରିଲିନି।

# ୧୯୬୮ ଜଣଙ୍କୁ ଠକେଇ ଅଭିଯୋଗରେ ଚିଟଫଣ୍ଡ ସଂସ୍ଥା ଏମଡି ଗିରଫ

ଭୁବନେଶ୍ୱର, ୧୮/୧୦(ନି.ପ୍ର): ଠକେଇ ଅଭିଯୋଗରେ ଚିଟଫଣ୍ଡ କମ୍ପାନୀ ଜିଟେକ୍ସ ଓସିନେର ପ୍ରାଇଭେଟ ଲିମିଟେଡ୍‌ର ଏମଡି ଜୟଦୀପ ରାହାଙ୍କୁ ଗିରଫ କରିଛି କ୍ରାଇମବ୍ରାଂଚ ଇଓଡବ୍ଲ୍ୟୁ। ଦକ୍ଷିଣ ଚବିଶ ପ୍ରଗଣାର ଚିଫ ଜୁଡ଼ିଆସିଆଲ ଅଫିସ୍ ରଙ୍କ ପାଖରେ ହଜାର କରି ଆଜି ତାଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ଆଣିଛି ଇଓଡ଼ବ୍ଲ୍ୟୁ। ୨୦୧୦ରୁ ୨୦୧୪ ମଧରେ ଓଡ଼ିଶାର ୧୯୬୮ ଜଣଙ୍କରାରୁ ଅଧିକ ସୁଧର ପ୍ରଲୋଭନ ଦେଖାଇ କୋଟି କୋଟି ଟଙ୍କା ହଡ଼ପ କରିଥିବା ନେଇ ଇଓଡବ୍ଲୁ ନିକଟରେ ଅଭିଯୋଗ



ହୋଇଥିଲା। ଚିଟଫଣ୍ଡ କମ୍ପାନି ଆମ୍ବିସିୟସ ଡାଇଭର୍ସିଫାଏଡ୍ ପୋଜେକ୍ଟ ଲିମିଟେଡ୍ କମ୍ପାନି, କୋଲକାତା ଓଏକେ ଇଣ୍ଡିଆ ମଲଟିଷ୍ଟେଟ କ୍ରେଡିଟ କୋପରେଟିଭ ସୋସାଇଟି ନାମରେ ଜମାକାରୀଙ୍କଠାରୁ କୋଟି କୋଟି ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଥିଲା। ତଦନ୍ତ ଜଣା ପଡ଼ିଥିଲା ଉକ୍ତ କମ୍ପାନି ୨୦୧୧ ଓ ୨୦୧୨ରେ କୋଟିଏ ୮୩ ଲକ୍ଷ ଟଙ୍କା ଜିଟେକ୍ସ ଓସିନେର ପ୍ରାଇଭେଟ ଲିମିଟେଡକୁ ପଠାଇ ଦେଇଥିଲେ। ଏହାର ଡାଇରେକ୍ଟର ଜୟଦୀପ ରାହା ତଦନ୍ତ ବେଳେ ଇଓଡବ୍ଲୁକୁ ସନ୍ତୋଷଜନକ ଉତର ଦେଇପାରି ନଥିଲେ। ଏହି କମ୍ପାନି ନାଁରେ ପଶ୍ଚିମବଙ୍ଗରେ ବି ଠକେଇ ମାମଲା ରହିଛି। ପୂର୍ବରୁ ସଂସ୍ଥାର ୪ ମ୍ୟାନେଜିଂ ଡାଇରେକ୍ଟରଙ୍କୁ ଗିରଫ କରଯାଇଥିଲା।

# ଜୟଲଳିତାଙ୍କ ମୃତ୍ୟୁ ପଛରେ ଶଶିକଳାଙ୍କ ସନ୍ଦେହଜନକ ଭୂମିକା ଥିବା କହିଲା ଯାଂଚ କମିଟି ରିପୋର୍ଟ

ନୂଆଦିଲ୍ଲୀ, ୧୮/୧୦ : ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିବଂଗତ ଜୟଲଳିତାଙ୍କ ମୃତ୍ୟୁକୁ ନେଇ ବଡ ଖବର ସାମ୍ନାକୁ ଆସିଛି । କେଉଁ ପରିସ୍ଥିତିରେ ଜୟଲଳିତାଙ୍କ ମୃତ୍ୟୁ ହୋଇଥିଲା ତାର ସତ୍ୟତା ଜାଣିବା ପାଇଁ ତାମିଲନାଡୁ ସରକାର ଏକ ପ୍ୟାନେଲ ଗଠନ କରିଥିଲେ । ଏବେ ଏହି ପ୍ୟାନେଲ ନିଜର ରିପୋର୍ଟ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିଛି । ଯେଉଁଥିରେ ଆମ୍ମାଙ୍କ ମୃତ୍ୟୁ ପଛରେ ଭିକେ ଶଶିକଳାଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛି ଯାଂଚ କମିଟି । ରିପୋର୍ଟରେ କୁହାଯାଇଛି କି ଜୟଲଳିତା ଓ ଭିକେ ଶଶିକଳାଙ୍କ ଭିତରେ ସର୍ମ୍ପକ ଭଲ ନଥିଲା ।



ରିପୋର୍ଟରେ ଏକଥା ମଧ କୁହାଯାଇଛି କି ଜୟଲଳୀତାଙ୍କୁ ଉତମ ଚିକିତ୍ସା ପାଇଁ କାହିଁକି ବିଦେଶକୁ ନିଆଗଲାନି ? ଡାକ୍ତରଙ୍କ ପରାର୍ମଶ ସତ୍ତ୍ୱେ ତାଙ୍କର ଆନଜିଓପ୍ଲାଷ୍ଟ କଣ ପାଇଁ କରାଗଲାନି ? ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ପାନେଲ ସୁପାରିଶ କରିଛି କି ଜୟଲଳିତଙ୍କା ମୃତ୍ୟୁର ପୁଣି ଥରେ ତଦନ୍ତ କରାଯାଉ । ଆମ୍ମାଙ୍କ ମୃତ୍ୟୁର ଯାଂଚ ପ୍ରାକୃତିକ ନୁହେଁ ଏକ ଷଡଯନ୍ତ୍ର ଭାବେ ଗ୍ରହଣ କରାଯାଇ କରାଯାଇ ତଦନ୍ତ କରାଯାଉ । ପ୍ୟାନେଲ ଯାଂଚ ରିପୋର୍ଟରେ ଶଶି କଳା, ଜୟଲଳୀତାଙ୍କ ଚିକତ୍ସା କରିଥିବା ଡକ୍ଟର କେଏସ ଶିବକୁମାର, ତାମିଲନାଡୁର ପୂର୍ବତନ ସ୍ୱାସ୍ଥ୍ୟ ସଚିବ ରାଧାକ୍ରଷ୍ଣ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସି. ବିଜୟଭାସ୍କରଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି । ମଙ୍ଗଳବାର ତାମିଲନାଡୁ ସରକାର ବିଧାନସଭାରେ ଜୟଲଳିତାଙ୍କ ମୃତ୍ୟୁର ଯାଂଚ ରିପୋର୍ଟକୁ ଉପସ୍ଥାପନ କରିଥିଲେ । ଏହି ଯାଂଚ କମିଟିରେ ୩ଜଣ ଅବସରପ୍ରାପ୍ତ ବିଚାରପତି ଥିଲେ । ଏହି କମିଟି ୫ଶହ ପୃଷ୍ଠାର ରିପୋର୍ଟ ରାଜ୍ୟ ସରକାରଙ୍କୁ ଦେଇଛନ୍ତି । ୨୦୧୬ ମସିହା ଡିସେମ୍ବର ୫ ତାରିଖରେ ଚେନ୍ନାଇ ଆପୋଲରେ ମୃତ୍ୟୁ ହୋଇଥିଲା ।

# ଅର୍ଚ୍ଚନା ମାମଲାର ଏସଆଇଟି ତଦନ୍ତ ହେଉ : ତାରା

ଭୁବନେଶ୍ୱର, ୧୮/୧୦(ନି.ପ୍ର): ଲେଡି ବ୍ଲାକମେଲର୍ ଅର୍ଚ୍ଚନା ନାଗ ପ୍ରସଙ୍ଗରେ ଏସଆଇଟି ଗଠନ କରି ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ତଦନ୍ତ କରିବାକୁ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଦାବି କରିଛନ୍ତି। ସେ କହିଛନ୍ତି ଅର୍ଚ୍ଚନା ନାଗ ଗଙ୍ଗାରେ ବିଜେପି ଓ ବିଜେଡିର ନେତା ବହୁତ ଗଧୋଇଛନ୍ତି। ବହୁ ଅର୍ଥ ଦେଇଛନ୍ତି। ଏଥିରେ ଅନେକ ଲୋକଙ୍କ ସମ୍ପୃକ୍ତି ଆସୁଛି। ବର୍ତମାନ ମନ୍ତ୍ରୀ, ବିଧାୟକ ଓ ପ୍ରାଶାସନିକ ଅଧିକାରୀଙ୍କ ସଂପୃକ୍ତି ଆସୁଥିବାରୁ ପୋଲିସ ସ୍ଥାଣୁ ହୋଇଯାଇଛି। ସେହିପରି ଛୋଟ ଛୋଟ ପ୍ରସଙ୍ଗରେ ପୋଲିସ ସାମ୍ବାଦିକ ସମ୍ମିଳନୀ କରୁଛି। ଅର୍ଚ୍ଚନା ଘଟଣାରେ ୭୦ କୋଟି ଟଙ୍କାର କାରବାର ହୋଇଥିଲେ ବି ପୋଲିସ କିଛି ବି ତଥ୍ୟ ରଖୁନି ବୋଲି ସେ ଅଭିଯୋଗ କରିଛନ୍ତି। ଅର୍ଚ୍ଚନା ମାମଲା ଏକ ବଡ଼ ସେକ୍ସ ସ୍କାଣ୍ଡାଲ। ଓଡ଼ିଶାର ସଂସ୍କୃତିକୁ ନଷ୍ଟ କରିଛନ୍ତି ରାଜ୍ୟ ସରକାର। ଏସ ଆଇ ଟି ଗଠନ କରାଯାଇ ହାଇକୋର୍ଟଙ୍କ ଜଣେ ବିଚାରପତିଙ୍କ ଦ୍ୱାରା ତଦନ୍ତ କରାଯାଉ। ସରକାର ସମ୍ପୂର୍ଣ୍ଣ ତଥ୍ୟ ରଖିବା ଆବଶ୍ୟକ। ଅପରପକ୍ଷରେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି, ଅର୍ଚ୍ଚନା ହେଉଛି ଅଳିଆ ଗଦା। ଯିଏ ନିଆଁ ଖାଇଛି ସେ ଅଙ୍ଗାର ହଗିବ। ତଦନ୍ତ ହେଉ। ଯେମିତି ହେବା କଥା ହେଉ। ଯିଏ ଧରା ପଡ଼ିବା କଥା ପଡ଼ିବ। ଯିଏ ଯାହା କରିଥିବ, ତାହାର ଫଳ ଭୋଗିବ।

# ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ : ବାଳିକା ବର୍ଗରେ ବିଏମପୁର ବ୍ଲକ ଓ ବାଳକ ବର୍ଗରେ ସୋନପୁର ବ୍ଲକ ବିଜୟୀ

ସୁବର୍ଣ୍ଣପୁର ,୧୮/୧୦ (ନି.ପ୍ର): ଭୁବନେଶ୍ୱର ଠାରେ ଫିଫା ୧୭ ବର୍ଷରୁ କମ ମହିଳା ବିଶ୍ୱକପ ଫୁଟବଲ ଚାଲିଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲାରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ସହଯୋଗରେ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବର୍ଗରେ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ ସୋନପୁର ସହର ସ୍ଥିତ ରୟାଲ ପଡିଆରେ ଆଜି ମହା ସମାରୋହରେ ଉଦଯାପିତ ହୋଇଛି । ପ୍ରଥମେ ସରକାରୀ ବାଳିକା ହାଇସ୍କୁଲ ଛାତ୍ରୀ ଙ୍କ ଦ୍ୱାରା ବୀରେନ୍ଦ୍ର ଜଗଦଲା ଙ୍କ ସଂଗୀତ ନିର୍ଦ୍ଦେଶନା ରେ ହେ ବନ୍ଧୁ ବିଦାୟ ସ୍ୱାଗତ ସଂଗୀତ ଏବଂ ବିଇଓ ଶାନ୍ତନୁ କୁମ୍ଭକକ୍ଷର ଙ୍କ ନିର୍ଦ୍ଦେଶନା ରେ କେନ ରସିଆ ନେଇ ଗଲା ମୋର ଗୁଡ଼ର ପଏଁରୀ ନୃତ୍ୟ ସଂଗୀତ ପରିବେଷଣକରାଯାଇଥିଲା । ଆଜି ଅନ୍ତିମ ଦିନରେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ସଭାପତିତ୍ୱରେ ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଗୁରୁ ଙ୍କୁ ସଦା ସମ୍ମାନ ଦେବାକୁ ଓ କ୍ରୀଡା କ୍ଷେତ୍ରରେ ବିକାଶ ହେଲେ ସବୁ କ୍ଷେତ୍ରର ବିକାଶ ଆପେ ହୁଏ ବୋଲି କହିଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନିଶି ପୁନମ ମିଞ୍ଜ କ୍ରୀଡା ସମେତ ସବୁ କ୍ଷେତ୍ରରେ ଅଭ୍ୟାସ ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରି ଜାତୀୟ ସ୍ତର ରେ ନାଁ କରିବାକୁ ଖେଳାଳୀ ଙ୍କୁ ପ୍ରେରଣା ଦେଇଥିଲେ କ୍ଷ ଅନ୍ୟ ତମ ଅତିଥି ଭାବେ ପୌର ଅଧକ୍ଷା ତା ମସି ତାମସ୍ମିତ ନାଏକ, ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ପିୟୁଷ ପଣ୍ଡା , ଅତିରିକ୍ତ ଶିକ୍ଷା ଅଧିକାରୀ ଡଃ ରମାକାନ୍ତ ଗଡତିଆ ଓ ଶ୍ରୀମତୀ ମଞ୍ଜୁଲତା ଭୋଇ, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦୁର୍ଯୋଧନ ରାଉତ, ଅତିରିକ୍ତ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ସତ୍ୟନାରାୟଣ ତ୍ରିପାଠୀ ପ୍ରମୁଖ ଯୋଗଦାନ କରି ଖେଳାଳୀ ଙ୍କୁ ପୁରସ୍କୃତ କରି ଥିଲେ । ରାଜ୍ୟ ସରକାରଙ୍କ ତରଫରୁ ଜିଲ୍ଲା ପାଇଁ 'ଫୁଟବଲ ଫର ଅଲ'ଯୋଜନାରେ ପ୍ରଦତ ଫୁଟବଲ ସ୍କୁଲ ଗୁଡିକୁ ଅତିଥି ପ୍ରଦାନ କରିଥିଲେ କ୍ଷ ଫାଇନାଲ ଫୁଟବଲ ମ୍ୟାଚ ବାଳିକା ବର୍ଗ ବିନିକା ବ୍ଲକ ଓ ବୀରମହାରାଜପୁର ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବୀରମହାରାଜପୁର ବ୍ଲକ ୩/୦ ଗୋଲରେ ଚମ୍ପିୟାନ ହୋଇଥିବା ବେଳେ ଠିକ୍ ସେହିପରି ବାଳକ ବର୍ଗରେ ଡୁଙ୍ଗୁରିପାଲି ବ୍ଲକ ଓ ସୋନପୁର ବ୍ଲକ ମଧ୍ୟରୁ ଏହି ଫାଇନାଲ ମ୍ୟାଚ ରେ ଡୁଙ୍ଗୁରିପାଲି ବ୍ଲକ କୁ ସୋନପୁର ବ୍ଲକ ଟ୍ରାଏ ବ୍ରେକରରେ ୪/୩ ଗୋଲ ରେ ପରାସ୍ତ କରି ଫାଇନାଲରେ ଚମ୍ପିୟାନ ହୋଇଛି । ବାଳିକା ବିଭାଗରେ ମ୍ୟାନ ଅଫ ଦି ମ୍ୟାଚ, ପ୍ରିତିମୟୀ ଭୁକ୍ତା, ବେଷ୍ଟ ସ୍କୋରର ଶାନ୍ତି ଲତା ଭୋଇ, ମ୍ୟନ ଅଫ ଦ ସିରିଜ ଶାନ୍ତିଲତା ଭୋଇ, ବାଳକ ବିଭାଗରେ ମ୍ୟନ ଅଫଦ ମ୍ୟାଚ ଶ୍ରୀତମ ବଡ଼କି ଙ୍କୁ ପୁରସ୍କୃତ କରାଯାଇଥିଲା । ଖେଳ ପଡିଆର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ରେ ପଡିଆ ପରିଚାଳକ, ଖେଳ ଶିକ୍ଷକ ରଘୁନାଥ ଥନାପତି ଙ୍କ ତତ୍ୱାବଧାନରେ ଏହି ମ୍ୟାଚ ସବୁ କୁ ନରସିଂହ ସେଠୀ ପ୍ରମୋଦ ପୁଟେଲ, ସଞ୍ଜୟ ଫତେସିଂହ, ସାନ ଡାଙ୍ଗ, ଶିକ୍ଷକ ଶ୍ୟାମସୁନ୍ଦର ନାଏକ, ସଞ୍ଜୟ ସାହୁ, ମହମ୍ମଦ କଲିମ ଙ୍କ ସହଯୋଗରେ ପରିଚାଳିତ ହୋଇଥିଲା । ଜିଲ୍ଲା କ୍ରୀଡା ନିରୀକ୍ଷକ ଦୁର୍ଯ୍ୟଧନ ରାଉତ ଙ୍କୁ ଜଣେ ଶ୍ରେଷ୍ଠ ସଂଗଠକ, କ୍ରୀଡା ନିରୀକ୍ଷକ ଭାବେ ଏହି ମଂଚ ରେ ଓଡିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଶାଖା ପକ୍ଷରୁ ଅତିଥି ଏଡିଏମ ଶ୍ରୀମତୀ ନିଶି ପୁନମ ମିଞ୍ଜ ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ପିଇଟି ସଂଜୀବ ସାହୁ ଓ ସାମ୍ବାଦିକ ମନୋରଞ୍ଜନ ତ୍ରିପାଠୀ ଫାଇନାଲ ଖେଳ ର ଧରା ବିବରଣୀ ପ୍ରଦାନ କରି ସଭା ମଂଚ କୁ ପରିଚାଳନା ରେ ସହଯୋଗ କରିଥିଲେ । ଆଜି ସମସ୍ତ ବ୍ଲକ ସ୍ତରରୁ ଫୁଟବଲ ଦଳ, ଜିଲ୍ଲାର ସମସ୍ତ ହାଇସ୍କୁଲ ର ଖେଳ ଶିକ୍ଷକ ଯୋଗ ଦେଇଥିଲେ। ବ୍ଲକ କ୍ରୀଡା ସଂପାଦକ ଙ୍କ ତତ୍ୱାବଧାନରେ ସମସ୍ତ ବ୍ଲକ ଫୁଟବଲ ଟିମ ଜିଲ୍ଲା ସ୍ତରୀୟ ଫୁଟବଲ ପ୍ରତିଯୋଗିତା ରେ ଭାଗ ନେଇ ଥିବାରୁ ବ୍ଲକ ସଂପାଦକ ମାନଙ୍କୁ ବିଦ୍ୟାଳୟ କ୍ରୀଡା ସଂପାଦକ ଦୁର୍ଯୋଧନ ରାଉତ ଧନ୍ୟବାଦ ଅର୍ପଣ କରିଛନ୍ତି । ଏବଂ ଖେଳ ଆରମ୍ଭ ରୁ ପଡିଆ ର ସ୍ୱଛତା ଦିଗରେ ସମ୍ପୂର୍ଣ୍ଣ ସହାୟତା କରିଥିବା ରୁ ସୁବର୍ଣ୍ଣପୁର ଏସପି ଶ୍ରୀ ଅମରେଶ ପଣ୍ଡା ଙ୍କ ସମେତ ସ୍ୱଛ ଭାରତ, ରୟାଲ ସ୍ପୋର୍ଟ୍ସ, ଇନଫିନିଟି, ଭଲିବଲ ଟିମ ଓ ପୌର ପରିଷଦ କର୍ମଚାରୀ ଙ୍କୁ ସଭାରେ ଜିଲ୍ଲା ଶିକ୍ଷାଧିକାରୀ ଓ କ୍ରୀଡା ନିରୀକ୍ଷକ ଧନ୍ୟବାଦ ଓ କୃତଜ୍ଞତା ଅର୍ପଣ କରି ଭୁୟସୀ ପ୍ରଂଶଂସା କରିଥିଲେ ।

# ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ନିରାକରଣ ସମ୍ପର୍କିତ ସଚେତନତା ଅଭିଯାନ

ବଲାଙ୍ଗିର ,୧୮/୧୦ (ନି.ପ୍ର): ଆଜି ପୂର୍ବାହ୍ନରେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୁଲ୍ୟରେ ଆୟୋଜିତ ଜିଲ୍ଲା ସ୍ତରୀୟ ବାଲ୍ୟ ବିବାହ ନିରାକରଣ ସମ୍ପର୍କିତ ସଚେତନତା ଅଭିଯାନ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରଥ ବାହାରିଥିଲା । ଏହି ସଚେତନତା ରଥକୁ ଜିଲ୍ଲାପାଳ ଚଂଚଳ ରାଣା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସଚେତନତା ରଥ ଅକ୍ଟୋବର ୧୭ ତାରିଖ ଠାରୁ ଅକ୍ଟୋବର ୨୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଅଂଚଳ ପରିକ୍ରମା କରି ବାଲ୍ୟ ବିବାହ ନିରାକରଣ ଉପରେ ଜନସାଧାରଣଙ୍କୁ ସଚେତନ କରିବ। ବାଲ୍ୟ ବିବାହ ନିରାକରଣ ସକାଶେ ସଚେତନତା ସୃଷ୍ଟି ସହ ସେପ୍ଟେମ୍ବର ମାସ ୩୦ ତାରିଖରେ ଜିଲ୍ଲାର ପ୍ରତ୍ୟେକ ପଂଚାୟତରେ ୧୮ ବର୍ଷରୁ କମ ବାଳକ ବାଳିକା ମାନଙ୍କୁ ନେଇ ବାଳସଭା ଆୟୋଜନ କରାଯାଇ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଗଠନ କରିବା ନିମନ୍ତେ ଶପଥ ପାଠ କରାଯାଇଥିଲା ବୋଲି ସଚେତନତା ରଥ ଶୁଭାରମ୍ଭ ଅବସରରେ ଜିଲ୍ଲାପାଳ ପ୍ରକାଶ କରିବା ସହ ବାଲ୍ୟ ବିବାହ ଏକ ଅପରାଧ ଏବଂ ଏ ସମ୍ପର୍କରେ ସଚେତନତା ଅଭିଯାନ ଜରିଆରେ ଜନସଚେତନା କରାଯିବ ବୋଲି ସେ ପ୍ରକାଶ କରିଥିଲେ।

ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସନ୍ତୁଲାଲ ଦୀପ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ୱାନ ଷ୍ଟପ ସେଂଟରର ପ୍ରୋଗ୍ରାମ ମେନେଜର ଆଲିଶା ଚକ୍ରବର୍ତୀ, ୱାନ ଷ୍ଟପ ସେଂଟରର କର୍ମକର୍ତା, ଆଇସିଡିଏସ ସୁପରଭାଇଜର, ଅଙ୍ଗନବାଡି କର୍ମୀ, ଏସଏଚଜି ସଦସ୍ୟା, ସମାଜ କଲ୍ୟାଣ ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର କର୍ମକର୍ତା ମାନେ ଉପସ୍ଥିତ ଥିଲେ । ପରେ ସଚେତନତା ରଥ ସହ ୱାନ ଷ୍ଟପ ସେଂଟରର କର୍ମକର୍ତା, ଆଇସିଡିଏସ ସୁପରଭାଇଜର, ଅଙ୍ଗନବାଡି କର୍ମୀ, ଏସଏଚଜି ସଦସ୍ୟା, ସମାଜ କଲ୍ୟାଣ ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର କର୍ମକର୍ତା ମାନେ ବାଲ୍ୟ ବିବାହ ନିରାକରଣ ସମ୍ପର୍କିତ ପ୍ଲା କାର୍ଡ ଧରି ସହର ପରିକ୍ରମା କରିଥିଲେ ।

# ଅକ୍ଟୋବର ୨୦ ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗିର ,୧୮/୧୦ (ନି.ପ୍ର): ବଲାଙ୍ଗିର ଏକ୍ସନ କମିଟିର ନେତୃତ୍ୱରେ ତଥା ବଲାଙ୍ଗିର ଜିଲ୍ଲା ଓକିଲ ସଂଘ ସହାୟତାରେ ଆସନ୍ତା ଅକ୍ଟୋବର ୨୦ ତାରିଖରେ ବଲାଙ୍ଗିରରେ ହାଇକୋର୍ଟ ର ପୁନଃସ୍ଥାପନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ସମସ୍ତ ସରକାରୀ ଓ ବେସରକାରୀ ଆଫିସ, ବ୍ୟାଙ୍କ ଓ ବୀମା କାର୍ଯ୍ୟାଳୟ ଆଦି ବନ୍ଦ କରାଯିବାକୁ ସ୍ଥିରୀକୃତ ହୋଇଛି। ଏହି ଅବସରରେ ବିକ୍ଷୋଭ ସମାବେଶ କୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସିଭିଲ କୋର୍ଟ ବାର ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗୀରର ବଲାଙ୍ଗିର ଏକ୍ସନ କମିଟିର ଆବାହକ ଗୋପ ଲଜୀ ପାଣିଗ୍ରାହୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲାର ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବୁଦ୍ଧିଜୀବୀ ଓ ସାମ୍ବାଦିକ ମାନେ ଯୋଗ ଦେଇ ହାଇକୋର୍ଟ ବେଂଚ ଆନ୍ଦୋଳନକୁ ତୃଣମୂଳ ସ୍ତରରେ ସୁଦୃଢ କରିବା ପାଇଁ ନିଜର ସମର୍ଥନ ଜଣାଇ ଥିଲେ । ଜିଲ୍ଲା ଓକିଲ ସଂଘ ର ସଭାପତି ଅମରେଶ ତ୍ରିପାଠୀ ସଭାରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅଧିକାରୀ ଦନ୍ତା ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ଓକିଲ ସଂଘର ଉପସଭାପତି ସରୋଜ ଗୁପ୍ତା ମଞ୍ଚାସୀନ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପଶ୍ଚିମ ଓଡିଶା ଯୁବା ମଂଚର ଅଭିଷେକ ଦାସ ବିନୋଦ କଳସକ୍ଷଏ, ଆଇନଜୀବୀ ଅରବିନ୍ଦ ପୂଜାରୀ, ଭବାନୀ ଶଙ୍କର ସତପଥୀ, ଗୋପାଳ ହୋତା, ଅସିତ୍ ଷଡଙ୍ଗୀ, ସାମ୍ବାଦିକ ବିରେନ୍ଦ୍ର ଝାଙ୍କର, ସୁଧୀର ମିଶ୍ର ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ ।

# ଆଗଲପୁର ଅତିରିକ୍ତ ତହସିଲଦାରଙ୍କୁ ମରଣାନ୍ତକ ଆକ୍ରମଣ

ବଲାଙ୍ଗିର ,୧୮/୧୦ (ନି.ପ୍ର): ଆଗଲପୁରର ଅତିରିକ୍ତ ତହସିଲଦାର ପ୍ରଭାକର ପଧାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଆଗଲପୁର ତହସିଲଦାର ସୁଚିତା ପୁଷ୍ପାଙ୍କ କହିବା ଅନୁସାରେ ବାଲି ମାଫିଆମାନେ ଅଂଗ ନଦୀରୁ ଗତ ରାତ୍ରୀ ସମୟରେ ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ ଚାଲିଥିବା ଆଗଲପୁର ତହସିଲଦାର ଜାଣିବାକୁ ପାଇଥିଲେ । ଏଣୁ ଅତିରିକ୍ତ ତହସିଲଦାର ପ୍ରଭାକର ପଧାନଙ୍କ ସହ ଆରଆଇ ସୁଶାନ୍ତ ପଟେଲ ଓ ନୀଳମାଧବ ନାଏକ ଘଟଣାସ୍ଥଳରେ ଜଗି ରହିଥିଲେ । ଟ୍ରାକ୍ଟର ନଂ ଓଡି୦୩ ଏସ ୮୯୩୪ ବାଲି ବୋଝେଇ ପାଇଁ ନଦୀପଠାକୁ ଆସିବାରୁ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ଅତିରିକ୍ତ ତହସିଲଦାରଙ୍କୁ ଗାଡି ଡ୍ରାଇଭର ଗାଡି ମଡାଇଦେବାକୁ ଉଦ୍ୟମ କରିଥିଲେ । ଡ୍ରାଇଭର ସହ ୭/୮ ଜଣ ପୁରୁଷ ଓ ମହିଳା ଅତିରିକ୍ତ ତହସିଲଦାର ଓ ଆରଆଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ହାରାହାରି ୧ ଘଂଟା ସମୟ ପର୍ଯ୍ୟନ୍ତ ଟ୍ରାକ୍ଟରକୁ ଅଟକାଇ ରଖିବା ପରେ ପୋଲିସ ଘଟଣାସ୍ଥଳକୁ ପହଂଚି ଗରୁତର ଥିବା ଅତିରିକ୍ତ ତହସିଲଦାର ଓ ଆରଆଇଙ୍କୁ ଉଦ୍ଧାର କରି କରିଥିବା ଜଣାପଡିଛି । ଲୋଇସିଂହା ଥାନାରେ ଏକ କେସ ମଧ ରୁଜୁ ହୋଇଛି । ଖବରପାଇ ବଲାଙ୍ଗିର ଉପ ଜିଲ୍ଲାପାଳ କୁମାର ନାଗ ଭୂଷଣ ଲୋଇସିଂହା ଥାନାରେ ପହଂଚିଥିବା ଜଣାପଡିଛି ।

# ନିଖିଳ ଓଡ଼ିଶା ମେହେର ସମାଜର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ନୂଆପଡା ,୧୮/୧୦ (ନି.ପ୍ର): ନିଖିଳ ଓଡ଼ିଶା ମେହେର ଭୁଲିଆ ସମାଜର କାର୍ଯ୍ୟକାରିଣୀ କମିଟିର ଏକ ବୈଠକ ଠାରେ ଅନୁଷ୍ଠିତ ହୋଇଯାଇଛି । ସମାଜର ରାଜ୍ୟ ସଭାପତି ବୈଶମ୍ପାୟନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ବର୍ଷ ବରପାଲି ଠାରେ ହେବାକୁ ଥିବା ମେହେର ଭୁଲିଆ ସମାଜର ରାଷ୍ଟ୍ରୀୟ ମହାସମ୍ମିଳନୀ ଓ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଶହେ ତମ ପୂଣ୍ୟ ତିଥି ପଳନକୁ ନେଇ ବିଶଦ ଆଲୋଚନା କରାଯାଇଥିଲା। କବିଙ୍କ ପୂଣ୍ୟତିଥିକୁ ଭବ୍ୟ ଭାବରେ ପାଳନ କରାଯିବାକୁ ଥିବା ବେଳେ ଏ ଅବସରରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଓଡ଼ିଶାରରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯିବାକୁ ସମାଜ ତରଫରୁ ନିଷ୍ପତ୍ତି ନିଆଯାଇଥିଲା । ଏହି ସମାବେଶରେ ଗଙ୍ଗାଧର ସାହିତ୍ୟ ଆଲୋଚନା, ପୁସ୍ତକ ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ସମ୍ବର୍ଦ୍ଧନା ପ୍ରଦାନ, ବାଣିଜ୍ୟ ମେଳା, ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଆଦି କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥିର କରାଯାଇଛି। ଏଥିସହ ନିକଟରେ ରାଜ୍ୟ ହସ୍ତତନ୍ତ, ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ କାର୍ଯ୍ୟକାରୀ ବୋର୍ଡରେ ପଦ୍ମଶ୍ରୀ ଡ. ଚତୁର୍ଭୁଜ ମେହେରଙ୍କୁ ଉପାଧ୍ୟକ୍ଷ ଓ ବରଗଡ଼ର ସୁକାନ୍ତି ମେହେର, ସୋନପୁରର ପ୍ରହ୍ଲାଦ ମେହେର, କାଳାହାଣ୍ଡିର ଜଳନ୍ଧର ମେହେରଙ୍କୁ ବୋର୍ଡ ସଦସ୍ୟ ଭାବରେ ମନୋନୀତ କରାଯାଇ ଥିବାରୁ ସମାଜ ତରଫରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଆଜିକାର ସଭାରେ ମହେନ୍ଦ୍ର କୁମାର ମେହେର, ପ୍ରସନ୍ନ ମେହେର, ସୁଧୀର ମେହେର, ଗୁଣନିଧି ମେହେର, ସୁରେନ୍ଦ୍ର ମୋହନ ମେହେର, ଶିବ ପ୍ରସାଦ ମେହେର, ଗୋପବନ୍ଧୁ ମେହେର, ପ୍ରଦୀପ ମେହେର, ରାମକୃଷ୍ଣ ମେହେର, ରମାକାନ୍ତ ମେହେର, ସୁକାନ୍ତୀ ମେହେର, ମୋଟିରାମ୍ ମେହେର, ରାଧା ଚରଣ ମେହେର, ସୁବାସ ମେହେରଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରତିନିଧି ମାନେ ଯୋଗ ଦେଇଥିଲେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା ,୧୮/୧୦ (ନି.ପ୍ର): ଲଖନପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଆଜି ମୋଟ ୭୫ଗୋଟି ଅଭିଯୋଗ ଶୁଣାଣି ହୋଇଛି । ଏଥି ମଧ୍ୟରୁ ୧୩ଟି ସାମୁହିକ ଓ ୬୨ଟି ବ୍ୟକ୍ତିଗତ। ଚିଖିଲି କୀର୍ତନ ମଣ୍ଡପ ନିର୍ମାଣ ସକାଶେ ପାଣି ଯୋଗାଣ , ଜାମପାଲି ଗ୍ରାମରେ ଉଠା ଜଳସେଚନ କାର୍ଯ୍ୟ , ଭଅଁରଖୋଲରେ ସରକାରୀ ଜମିରେ ଦୀର୍ଘଦିନରୁ ବସବାସ କରୁଥିବା ଲୋକଙ୍କ ନାଆଁରେ ଜମିପଟ୍ଟା , ଅଡ଼ାପଡ଼ା ସ୍ଥିତ ଜବାହାର ଉଚ୍ଚ ବିଦ୍ୟାଳୟ ରେ ଶିକ୍ଷକ ଓ କିରାଣୀ ନିଯୁକ୍ତି , ପିପିଲିକାନି ଗ୍ରାମ ଉନ୍ନତିକରଣ , ଭଉଁରାଚକ ମୌଜାରେ ସରକାରୀ ଜମିଓ ଜଙ୍ଗଲ ଜମି ଚିହ୍ନଟ ଆଦି ୧୩ଟି ସାମୁହିକ ଅଭିଯୋଗର ଶୁଣାଣି କରାଯାଇଥିଲା । ସେହିପରି ଇନ୍ଦିରା ଆବାସ ଗୃହ , ଚିକିତ୍ସା ସକାଶେ ଆର୍ଥିକ ସହାୟତା, ବୁଡ଼ି ଅଂଚଳବାସୀଙ୍କୁ ଦଶ ଡିସମିଲ ଜମି ଯୋଗାଣ, ପେନସନ , କୁଡ଼ାଲୋଇ ଗ୍ରାମରେ କମ୍ୟୁନିଟି ସେଂଟର ନିର୍ମାଣ ସମ୍ପର୍କିତ ୬୨ଟି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା । ଶିବିରରେ ଚିକିତ୍ସା ସହାୟତା ବାବଦକୁ ରେଡକ୍ରସ୍ ପାଣ୍ଠିରୁ ୧୨ଜଣଙ୍କୁ୩୬ ହଜାର ଟଙ୍କା ପ୍ରଦାନ କରାଯାଇଛି । ଅଭିଯୋଗ ଗୁଡ଼ିକ ସମ୍ପର୍କରେ ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏ ଦିଗରେ ଯଥା ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ପୂର୍ବରୁ ଶୁଣାଣି ହୋଇଥବା ଅଭିଯୋଗଗୁଡ଼ିକ ସମ୍ପର୍କରେ ସମୀକ୍ଷା କରି ସମାଧାନ ହୋଇ ନଥିବା ଅଭିଯୋଗଗୁଡିକ ସମ୍ପର୍କରେ ଯଥାଶୀଘ୍ର ପଦକ୍ଷେପ ନେବା ସହ ଅଭିଯୋଗ ଶୁଣାଣି ଓ ସମାଧାନ ଦିଗରେ ଅଧିକାରୀମାନେ ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ , ବ୍ଲକ ଅଧକ୍ଷା ହୁତେଶ୍ୱରୀ ତିହିରିଆ ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ୱ ) ଲଙ୍କେଶ୍ୱର ଅମାତ , ଉପ ଜିଲ୍ଲାପାଳ ଦୟାମୟ ପାଢ଼ୀ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ , ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟନ୍ତ କୁମାର ସାହୁ, ଆସିଷ୍ଟାଂଟ କଲେକ୍ଟର କିଶୋର ସାହୁଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଗୋକୁଳ ନଗର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପ୍ରାଚୀନ ସଙ୍ଗୀତ ଧର୍ମୀ ନାଟ୍ୟ ପରମ୍ପରା ଆରମ୍ଭ ସଂସ୍କୃତି ବଞ୍ଚାଇବାର ପ୍ରୟାସ

ନୂଆପଡ଼ା ,୧୮/୧୦ (ନି.ପ୍ର): ଖଡ଼ିଆଳ ମାଟି ଏକ ଅନନ୍ୟ ଏବଂ ପ୍ରତିଭା ସମ୍ପର୍ଣ୍ଣ ମାଟି ଅଟେ। ନିଜର ଅଭିନୟ, କଳା, ସାହିତ୍ୟ, ସଂସ୍କୃତି, ଏବଂ ପରମ୍ପରା ବଜାୟ ରଖିବାର ଜଣ ପ୍ରହରୀ ଭାବରେ ଗଢି ତୋଳିଛନ୍ତି। ଖଡିଆଳ ଏନ୍ ଏ ସି ୱାର୍ଡ ନଂ ୯ର ଗୋକୁଳ ନଗର ସାଂସ୍କୃତିକ ଅନୁଷ୍ଠାନ ଠାରେ ଆସନ୍ତା କାର୍ତ୍ତିକ ମାସ ଅଁଳା ନବନୀ ଠାରୁ ଆରମ୍ଭ ହେବ ସଙ୍ଗୀତ ଧର୍ମୀ ନାଟ୍ୟ ପରମ୍ପରା ଶ୍ରୀକୃଷ୍ଣ ଲିଳା / ରାହାସ ଲୀଳା। ରାହାସ ଲୀଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଲିଳାଟି ସାତ ଦିନ ଧରି ଅନୁଷ୍ଠିତ ହୋଇଥାଏ। ଶ୍ରୀକୃଷ୍ଣ ଜନ୍ମ ଲିଳା ଠାରୁ ଆରମ୍ଭ କରି କଂସ ବଧ ଯାଏ ଗୀତିନାଟ୍ୟ ପରିବେଷଣ ହୋଇଥାଏ। ଦୁଇ ବର୍ଷ ଧରି କରୋନା କଟକଣା ଯୋଗୁଁ ରାହାସ ଲୀଳା କାର୍ଯ୍ୟକ୍ରମ ବନ୍ଦ ରହିଥିଲା ଏଥର ବହୁତ ଯାକ ଯମକ ସହିତ ପାଳନ କରିବା ପାଇଁ କମିଟି ତରଫରୁ ପ୍ରସ୍ତାବ ଗୃହିତ ହୋଇଅଛି। ଏହି ପ୍ରସ୍ତୁତି ବୈଠକ ରେ ଅନୁଷ୍ଠାନ ର ସମସ୍ତ ବୟୋଜ୍ୟେଷ୍ଠ ଓ ଯୁବ କାର୍ଯ୍ୟକର୍ତ୍ତା ସମସ୍ତେ ଅଂଶ ଗ୍ରହଣ କରିଥିଲେ। ରାହାସ ଲୀଳା କାର୍ଯ୍ୟକ୍ରମ କୁ ଚଳିତ ବର୍ଷ ବହୁ ଆଡ଼ମ୍ବରରେ ପାଳିତ ହେଉଅଛି।

# ଖାଦ୍ୟର ଗୁଣବତ୍ତା ସମ୍ପର୍କରେ ତାଲିମ୍ ଶିବିର

କନ୍ଧମାଳ ,୧୮/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ରେ ଭାରତ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ବେଂଟଗ୍ରୀନ ସ୍କିଲ ପ୍ରାଇଭେଟ ଲିମିଟେଡ଼ ତରଫରୁ ଖାଦ୍ୟ ର ମାନ ଓ ଗୁଣବତା ସମ୍ବନ୍ଧରେ ତାଲିମ ଶିବିର ଅନୁଷ୍ଠିତ ହେଇଥିଲା। ସୋମବାର ଦିନ ଫୁଲବାଣୀ ଆୟଲାପଡ଼ା ସେନାପତି ରେସିଡେନ୍ସି ଠାରେ ଖାଦ୍ୟ ତାଲିମ ଶିବିର ରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ,ଆଇନଜୀବୀ ତଥା ସମାଜସେବୀ ଅଶୋକ ପରିଡ଼ାଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କନ୍ଧମାଳ ଜିଲ୍ଲା ବଣିକ ସଙ୍ଘ ସଭାପତି ଅଶୋକ ପଟ୍ଟନାୟକ, ପ୍ରଫେସର ସତ୍ୟ ଶୁଭମ ଲେଙ୍କା, ଓଡିଶା ସଂଯୋଜକ ପ୍ରତାପ କିଶୋର ଦିଗାଲ, ଜିଲ୍ଲା ସଂଯୋଜକ କୁନା ଦିଗାଲ ପ୍ରମୁଖ ଯୋଗଦେଇ ଲୋକଙ୍କୁ ଉନ୍ନତ ମାନର ଖାଦ୍ୟ ଦେବାପାଇଁ ପରାମର୍ଶ ଦେଇଥିଲେ। ଜନ ସାଧାରଣ ଯେପରି ସୁସ୍ଥ ଓ ନିରୋଗ ରହିବେ ତାକୁ ଦୃଷ୍ଟିରେ ରଖି ଖାଦ୍ୟ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି କହିଥିଲେ।

# ଉତ୍କଳ ଯାଦବ ମହାସଭା ପକ୍ଷରୁ ମୁଲାୟମ ସିଂହଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଧର୍ମଶାଳା ,୧୮/୧୦ (ନି.ପ୍ର): ଜାତୀୟ ନେତା ତଥା ଉତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂହ ଯାଦବଙ୍କ ବିୟୋଗରେ ଯାଜପୁର ଜିଲା ବଡଚଣା ବ୍ଲକ ଉତ୍କଳ ଯାଦବ ମହାସଭା ପକ୍ଷରୁ ଧାଉଡିଆପଦାଠାରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଗୟାଧର ଦାସଙ୍କ ସଭାପତିତ୍ୱରେ ଯାଜପୁର ଜିଲା ଯାଦବ ମହାସଭାର ସଭାପତି ଗଣେଶ୍ୱର ଦାସ,ଜିଲା ସମ୍ପାଦକ ମୁକୁନ୍ଦ ପ୍ରସାଦ ଦାସ,ଉପସଭାପତି ଭରତ ଚନ୍ଦ୍ର ଦାସ,ସାମ୍ବାଦିକ ମହେଶ୍ୱର ବଳ, ଜିଲା କୋଷାଧ୍ୟକ୍ଷ ଗୌତମ ଦାସ,ଧର୍ମଶାଳା ବ୍ଲକ ସଭାପତି ମୁରଲୀ ପାଣ୍ଡବ, ବଡଚଣା ବ୍ଲକ ଉପସଭାପତି ବଟକୃଷ୍ଣ ଦାସ,ଲିଳିମା ଦାସ,ଚୈତନ୍ୟ ଦାସ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ ।

# ଅତଲାପୁରଠାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଧର୍ମଶାଳା ,୧୮/୧୦ (ନି.ପ୍ର): ଅକ୍ଟୋବର ୨ ତାରିଖଠାରୁ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଚାଲୁ ରହିଛି । ଏହି ଅବସରରେ ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକର ୧୦ ଗୋଟି ପଂଚାୟତକୁ ନେଇ ଅତଲାପୁରଠାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଅତଲାପୁର ପଂଚାୟତସ୍ଥ ଗୋପିନାଥ ମନ୍ଦିର ପ୍ରଙ୍ଗଣରୁ ଏକ ବିଶାଳ ପଦଯାତ୍ର ବାହରି ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲେ । ଶେଷରେ ୩୬ ନଂ ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ ଚତୃଭୂଜ ଦ୍ୱିବେଦୀ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ନବୀନ ପଟ୍ଟନାୟକଙ୍କ ଜନହିତ କାର୍ଯ୍ୟକୁ ନିଜ ବକ୍ତବ୍ୟ ମାଧମରେ ଜନସାଧରଣଙ୍କୁ ସଚେତନ ବାର୍ତା ପଂହଚାଇଥିଲେ । ଅନ୍ୟତମ ଅତିଥିଭାବେ ରସୁଲପୁର ବ୍ଲକ ଅଧକ୍ଷ ଅରୁଣ କୁମାର ରାଉତ,ରସୁଲପୁର ବ୍ଲକ ଉପାଧକ୍ଷା ଜୟନ୍ତୀ ଦାସ,ବରୀ ନିର୍ବାଚନ ମଣ୍ଡଳୀ ୨୧ ନଂ ଜୋନର ଜିଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ,୩୧ ନଂ ଜୋନ ଜିଲା ପରିଷଦ ସଭ୍ୟ ବିନୋଦ ମାଝି,ଜିଲା ସାଧାରଣ ସମ୍ପାଦକ ବିଜୟ ଦାସ,ଅତଲାପୁର ସରପଂଚ ଅଲ୍ଲୀସା କସର,ଯୁବ ସାଧାରଣ ସମ୍ପାଦକ ପ୍ରିୟ ରଂଜନ ରାଉତଙ୍କ ସମେତ ୧୦ ଗୋଟି ପଂଚାୟତର ସରପଂଚ,ସମିତି ସଭ୍ୟ/ସଭ୍ୟା ପ୍ରମୁଖ ଯୋଗ ଦେଇ ନିଜ ନିଜ ଅଂଚଳର ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଅତଲାପୁର ପଂଚାୟତର ପୂର୍ବତନ ସରପଂଚ ଶଶିଭୂଷଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପଦଯାତ୍ରାରେ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷଙ୍କ ସମେତ ଦଳୀୟ କର୍ମୀ ଯୋଗ ଦେଇ ଥିଲେ ।

# ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର ,୧୮/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାରେ ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ଉଲୁଣ୍ଡା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରୱଣେ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ବଳିତ ୧୯ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୧୨ ଗୋଟି ଓ ସାମୁହିକ ଦରଖାସ୍ତ ୭ ଗୋଟି ରହିଛି। ଗ୍ରହଣ ୧୯ ଗୋଟି ଦରଖାସ୍ତ ମଧ୍ୟରୁ ଶିବିରରେ ବିଭିନ୍ନ ମାମଲାର ୩ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୧୬ ଟି ଆପତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଲୁଣ୍ଡା ହେମସାଗର ଭୋଇଙ୍କ ତତ୍ୱାବଧାନରେ ଅଦ୍ୟ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ, ବୀରମହାରାଜପୁର ଅଶୋକ କୁମାର ଭୋଇ, ତହସିଲଦାର ବିପିନ୍ କୁମାର ପ୍ରଧାନ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

ଏହି ଶିବିରରେ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ବ୍ଲକ ଅନ୍ତର୍ଗତ ୨ ଗୋଟି ଦମ୍ପତି, କୋଟସମଲେଇ ଗ୍ରାମର ପ୍ରଫୁଲ୍ଲ ବାଗ ଓ ଚନ୍ଦ୍ରକାନ୍ତି ପଟେଲ ଏବଂ ଉଲୁଣ୍ଡା ଗ୍ରା. ପ. ଅନ୍ତର୍ଗତ ଖଲିଆପାଲି ଗ୍ରାମର ଗଜାନନ ପ୍ରଧାନ ଓ ଉର୍ମିଳା ପ୍ରଧାନ, ପ୍ରତ୍ୟେକ ଦମ୍ପତିଙ୍କୁ ୨ ଲକ୍ଷ ୫୦ ହଜାର ଲେଖାଏଁ ଦିବ୍ୟାଙ୍ଗ ବିବାହ ପ୍ରୋତ୍ସାହନ ଅର୍ଥ ରାଶି ଚେକ୍ ମାଧ୍ୟମରେ ଜିଲ୍ଲାପାଳ ଶ୍ରୀମତୀ ନରୱଣେ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ପଣ୍ଡା ପ୍ରଦାନ କରିଥିଲେ।

# ଖମତରାଇ ଗ୍ରାମଠାରେ ମାଁ ମାହେଶ୍ୱରୀ ନବନିର୍ମିତ ମନ୍ଦିର ଉଦ୍‌ଘାଟିତ

ନୂଆପଡ଼ା ,୧୮/୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ଖମତରାଇ ଗ୍ରାମ ଠାରେ ମାଁ ମାହେଶ୍ୱରୀ ନବନିର୍ମିତ ମନ୍ଦିର ର ଉଦଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ଙ୍କ ସ୍ୱତନ୍ତ୍ର ପାଣ୍ଠି ରୁ ନିର୍ମିତ ଏହି ମନ୍ଦିରକୁ ଆଜି ମୁଖ୍ୟ ଅତିଥି ରୂପେ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ଯୋଗ ନବନିର୍ମିତ ମନ୍ଦିରର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ତନୟା ଶବର, ଜିଲ୍ଲା ଛାତ୍ର ସଭାପତି ଅମିତ ସିଂ ଦେଓ, ସମିତିସଭ୍ୟ କେଦାର ତାଣ୍ଡି, ପୁର୍ବତନ ସରପଂଚ ହରି ମାଝି, ରଜକ ଚନ୍ଦ୍ର ଧ୍ୱଜ ମାଝି, ଭଗବାନ ପଟେଲ ଝଟକୁ ଟୁନା ମାଝି, କ୍ରୁଷ୍ଣ ଦାସ ଅମୁଲ୍ୟ ହାତି, ଓ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ପୁଜାର୍ଚନା ସହିତ ଉଦଘାଟନୀ ଉତ୍ସବରେ ଅଂଶଗ୍ରହଣ କରିଥିଲେ।

# ବେଲପଡ଼ାରେ ବଲାଙ୍ଗିର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି

ବଲାଙ୍ଗିର ,୧୮/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ବେଲପଡା ବ୍ଲକ ପରିସରରେ ଆଜି ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ ଓ ସମାଧାନର ବାଟ ବାହାର କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରୋଜେକ୍ଟ ଡାଇରେକ୍ଟର ଶୁଶାନ୍ତ ସିଂ, ଡିଏଫ୍ ?ଓ ନିତିଶ କୁମାର, ପାଟଣାଗଡ଼ ଉପଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ତହସିଲଦାର ପ୍ରଶାନ୍ତି ପ୍ରଧାନ, ବେଲପଡା ବ୍ଲକ ଅଧକ୍ଷା କୁମାରୀ ଟିନା କୁମ୍ଭାର, ଉପାଧକ୍ଷ ଦୁର୍ଯ୍ୟୋଧନ କୁମ୍ଭାର, ବିଡ଼ିଓ ଭିକ୍ଟୋର ସୋରେଙ୍ଗ ଉପସ୍ଥିତ ଥିବା ବେଳେ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବେଲପଡା ବ୍ଲକ କାର୍ଯ୍ୟାଳୟର ସାମାଜିକ ସୁରକ୍ଷା ଅଧିକାରୀ ସୁରଜ ପଟେଲ, ଜିପିଇଓ ଗୋବିନ୍ଦ ଭୋଇ, ପିଏ ରୁକ୍ମଣ ନାଗ, ଡବ୍ଲୁଇଓ ଜାନକୀ ବଲ୍ଲଭ ପଟ୍ଟନାୟକ, ସିନିଅର କ୍ଲାର୍କ ପ୍ରଦ୍ୟୁମ୍ନ ମିଶ୍ର, ଜୁନିୟର କ୍ଲାର୍କ ସସ୍ମିତା ବାରଲେବଡିଆ, ପିଇଓ ପ୍ରଭାସିନୀ ବେହେରା, ପିଇଓ ଅନୁରାଧା ସାହୁ, ନିରୋଜ ଭୋଇ, ଡିଇଓ ଦେବେନ୍ଦ୍ର ସେଠ ଓ ଅସିତ୍ ବେହେରା ଓ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିବା ବେଳେ ବେଲପଡା ଥାନା ଭାରପ୍ରାପ୍ତ ବୁଲୁ ମୁଣ୍ଡା ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ବେଲପଡା ଅଂଚଳର ୭୩ଟି ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ଏହି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବେଲପଡା ବ୍ଲକ ପରିସରରେ କାର୍ଯ୍ୟ ସାରି ବେଲପଡା ବ୍ଲକ ସିହିନୀ ପଂଚାୟତକୁ ଯାଇ ସରକାରୀ ଯୋଜନା ଉପରେ ଲୋକଙ୍କୁ ସଚେତନତା କରିଥିଲେ ଏବଂ ବର୍ତମାନ ଦାଦନ ରତୁ ହୋଇଥିବା ବେଳେ ବାହାର ରାଜ୍ୟକୁ ଦାଦନ ନଯାଇ ସରକାରୀ ଯୋଜନାରେ କାର୍ଯ୍ୟକରି ନିଜ ଅଂଚଳରେ ରହିବାକୁ ପରାମର୍ଶ ଦେଇଥିଲେ । ଉପଖଣ୍ଡ ଲୋକ ସୂଚନା ଅଧିକାରୀ ସଞ୍ଜିବ ମହାନ୍ତି ପରିଚାଳନା କରିଥିଲେ ।

# କୋଲେଷ୍ଟେରଲ ବଢ଼ିବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ



କୋଲେଷ୍ଟେରଲ ବଢ଼ିବା ସ୍ୱାସ୍ଥ୍ୟ ପାଇଁ ନିଶ୍ଚିତ ଭାବେ କ୍ଷତିକାରକ । ଅଧିକାଂଶ ଭାବନ୍ତି, ୪୦ ପାଖାପାଖି ବୟସ ହେଲେ କୋଲେଷ୍ଟେରଲ ବଢ଼ିବା କଥା ଚିନ୍ତା କରିବେ । ଏବେ କିନ୍ତୁ ୧୮-୩୫ ବର୍ଷ ବୟସ ମଧ୍ୟରେ ଯୁବକମାନଙ୍କଠାରେ ବି କୋଲେଷ୍ଟରଲ ସମସ୍ୟା ଦେଖାଯାଉଛି । ଏହା ବଢ଼ିଲେ କମ ବୟସରେ ହୃଦଘାତ, ଉଚ୍ଚ ରକ୍ତଚାପ, ଧମନୀ ବ୍ଲକ୍ ହେବା, ମସ୍ତିଷ୍କାଘାତ ପରି ଘାତକ ରୋଗ ଆକ୍ରମଣ କରିଥାଏ । ଶରୀରରେ କ୍ଷତିକାରକ କୋଲେଷ୍ଟେରଲ ବଢ଼ିବା ସମୟରେ କେତେକ ଲକ୍ଷଣ ଦେଖାଯାଏ । ଏହାକୁ ତୁରନ୍ତ ଚିହ୍ନଟ କରି ସତର୍କ ହୋଇଯିବା ଉଚିତ । ଏପରି ପାଞ୍ଚଟି ଲକ୍ଷଣ ହେଲା-

### ଧଇଁସଇଁ ଲାଗିବା:

ପୂର୍ବାପେକ୍ଷା କାମ କରିବା ସମୟରେ ଶୀଘ୍ର ଥକିଯିବା, ଚାଲିବା ଏବଂ ପାହାଚ ଚଢ଼ିବା ସମୟରେ ଶୀଘ୍ର ଥକିଯିବା, ଚାଲିବା ଏବଂ ପାହାଚ ଚଢ଼ିବା ସମୟରେ ଧଇଁସଇଁ ଲାଗିବା, ହୃତସ୍ପନ୍ଦନ ବଢ଼ିଯିବା, ଖୁବ୍ ଦୁର୍ବଳ ଅନୁଭବ କରିବା ଆଦି କୋଲେଷ୍ଟରଲ ବଢ଼ିବାର ପ୍ରମୁଖ ଲକ୍ଷଣ ।



### ଆଖି ଉପରେ ହଳଦିଆ ଦାଗ:

ଏପରି ଦାଗ କିମ୍ବା ଭାତୁଡ଼ି ପରି ଦେଖାଯିବା ମଧ୍ୟ କୋଲେଷ୍ଟରଲ ବଢ଼ିବାର ଲକ୍ଷଣ । ରକ୍ତରେ ଫ୍ୟାଟ୍ ପରିମାଣ ବଢ଼ିଗଲେ ଏହା ହୋଇଥାଏ । କେତେକ କ୍ଷେତ୍ରରେ ଏହା ମଧୁମେହର ବି ଲକ୍ଷଣ ହୋଇପାରେ ।





### ବେକ, ମାଢ଼ି, ପେଟ ଓ ପିଠି ଯନ୍ତ୍ରଣା:

ଏସବୁ ସ୍ଥାନରେ ଯନ୍ତ୍ରଣା ହେଲେ ବସିବା କି ଶୋଇବାରେ ସମସ୍ୟା ହୋଇଥିବ ବୋଲି ଅନେକ ଭାବିନିଅନ୍ତି । ଏହି ଯନ୍ତ୍ରଣା କିନ୍ତୁ କୋଲେଷ୍ଟେରଲ ଯୋଗୁ ବି ହୋଇପାରେ । ମାଢ଼ି ଓ ଛାତିର ନିମ୍ନ ଭାଗରେ ଯନ୍ତ୍ରଣା ହୃଦଘାତର ପ୍ରାରମ୍ଭିକ ଲକ୍ଷଣ ହେବା ଆଶଙ୍କା କରାଯାଏ ।



### ହାତ, ଗୋଡ଼ ଝିମଝିମ ହେବା:

ଅନେକ ଥର ହାତଗୋଡ଼ ଝିମ ଝିମ ହୋଇଯିବାବେଳେ ଦେହସାରା ପିମ୍ପୁଡ଼ି ଚାଲିବା ପରି ଅନୁଭବ ହୋଇଥାଏ । ଏହା ମଧ୍ୟ କୋଲେଷ୍ଟରଲ ବଢ଼ିବାର ଲକ୍ଷଣ ହୋଇପାରେ । ଧମନୀରେ ବ୍ଲକ୍ ହେଲେଯେଉଁ ଅଙ୍ଗଗୁଡ଼ିକ ପର୍ଯ୍ୟନ୍ତ ରକ୍ତ ପ୍ରବାହ ହୋଇପାରିନାହିଁ, ସେଠାରେ ଏପରି ହୋଇଥାଏ ।

### ସତର୍କତା:

ପରିବାରରେ କାହାକୁ ହୃଦଘାତ କିମ୍ବା କୋଲେଷ୍ଟରଲ ସମସ୍ୟା ନଥିଲେ ବି ୨୦ବର୍ଷ ବୟସରେ ପ୍ରଥମ କୋଲେଷ୍ଟେରଲ ପରୀକ୍ଷା କରାଇବା ଉଚିତ । ଏହାପରେ ପ୍ରତି ତିନି ବର୍ଷରେ ଥରେ ଏହି ପରୀକ୍ଷା କରାଇବେ । ଖାଦ୍ୟଦେଞ୍ଜରେ କିଛି ସତର୍କତା ଅବଲମ୍ବନ କଲେ ଏଥିରୁ ସୁରକ୍ଷିତ ରହିପାରିବେ ।
ଅଖରୋଟ୍, ବାଦାମ, ପିସ୍ତାରେ ପ୍ରଚୁର ଫାଇବର, ଓମେଗା ୩ ଫ୍ୟାଟି ଏସିଡ୍ ଏବଂ ଭିଟାମିନ ରହିଛି ଯାହା କ୍ଷତିକାରକ କୋଲେଷ୍ଟରଲ କମାଇ ଉପକାରୀ କୋଲେଷ୍ଟରଲ ବଢ଼ାଇବାରେ ସହାୟକ ହୋଇଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ପ୍ରତିଦିନ ଡ୍ରାଏଫ୍ରୁଟସରୁ ୮-୧୦ଟି ଖାଇବା ଉଚିତ । ତେବେ ଛଣା ଏବଂ ଲୁଣିଆ ଡାଏଫ୍ରୁଟସ ଖାଇବେ ନାହିଁ । ବାଦାମ, ଅଖରୋଟକୁ ପାଣିରେ ଭିଜାଇବା ଦ୍ୱାରା ଏହାର ଚୋପା ବାହାରିଯାଏ ଏବଂ ଫ୍ୟାଟ କମ ହୋଇ ଏଥିରେ ଭିଟାମିନ ଇ ମାତ୍ରା ବଢ଼ିଥାଏ । ଅଖରୋଟ ଖାଇବାରେ ଆଲର୍ଜି ଥିଲେ ଏହା ଖାଆନ୍ତୁନି । ଶାରୀରିକ ଶ୍ରମ କରୁନଥିବା ମହିଳାମାନେ ଅଧିକ ବାଦାମ ଖାଇବା ମନା ।
ନିୟମିତ ସକାଳୁ ଖାଲି ପେଟରେ ଚୋପାଛଡା ରସୁଣ ଖାଇଲେ କ୍ଷତିକାରକ ଏଲଡିଏଲ କୋଲେଷ୍ଟରଲ ପରିମାଣ ୯ରୁ ୧୫ ପ୍ରତିଶତ ପର୍ଯ୍ୟନ୍ତ କମିଯାଇପାରେ । ଏହା ମଧ୍ୟ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରେ । ପ୍ରତିଦିନ ଗୋଟିଏ ତାଟିଆ ଓଟସ କିମ୍ବା ୨ପଟ ଓଟସ ତିଆରି ପାଉଁରୁଟି ଖାଇଲେ ଶରୀରକୁ ପର୍ଯ୍ୟପ୍ତ ବିଟା ଗ୍ଲୁକନ ମିଳେ ।
ତିନିମାସ ନିୟମିତ ଓଟସ ଖାଇବା ଦ୍ୱାରା ଏଲଡିଏଲ ୫ପ୍ରତିଶତ କମିଯାଇପାରେ । ହଜମ ସମସ୍ୟା ଥିଲେ ଏହା ଖାଆନ୍ତୁନି । ସୋୟାବିନ, ବିଭିନ୍ନ ପ୍ରକାର ଡାଲି, ଗଜାଶସ୍ୟ ଆଦି ଶରୀରରୁ କ୍ଷତିକାରକ କୋଲେଷ୍ଟେରଲ ବାହାର କରିବାରେ ଯକୃତକୁ ସାହାଯ୍ୟ କରନ୍ତି । ୟୁରିକ୍ ଏସିଡ୍ ସମସ୍ୟା ଥିଲେ ଏଗୁଡ଼ିକ କମ୍ ଖାଇବେ ।








## ଅନ୍ତରୀକ୍ଷ ବିଷୟରେ ରୋଚକ ତଥ୍ୟ



ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଅନ୍ତରୀକ୍ଷରେ ପାଣିର ବିଶାଳ ଭଣ୍ଡାର ଭାସମାନ ଅବସ୍ଥାରେ ଅଛି ଯାହା କି ପୃଥିବୀରେ ଥିବା ସମସ୍ତ ସମୁଦ୍ରରେ ପାଣି ଠାରୁ ଲକ୍ଷ୍ୟାଧିକ ଗୁଣ ଅଧିକ । ଅନ୍ତରୀକ୍ଷକୁ ଯାଉଥିବା ଯାତ୍ରୀଙ୍କର ଗୋଟିଏ ସ୍ପେସ୍ ସୁଟ୍ ତିଆରି କରିବାକୁ ଭାରତୀୟ ମୁଦ୍ରାରେ ଏକ କୋଟି କୋଡ଼ିଏ ଲକ୍ଷ ଟଙ୍କା ଦରକାର ହୁଏ । ଅନ୍ତରୀକ୍ଷ ଯାତ୍ରୀଙ୍କ ଅନୁସାରେ ସ୍ପେସରେ ୱେଲଡିଙ୍ଗର ଧୂଆଁ ଓ ଗରମ ଧାତୁ ପରି ବାସ୍ନା ଥାଏ । ସ୍ପେସରେ ପ୍ରଥମ ସେଲଫି ୧୯୬୬ରେ ବଜ୍ ଏଲଡ୍ରିନଙ୍କ ଦ୍ୱାରା ନିଆଯାଇଥିଲା ଏହାର ଦାମ ୬ଲକ୍ଷ ଟଙ୍କା । ଏମାନଙ୍କ ମତରେ ସେଠାରେ ଦିନରେ ପନ୍ଦର ଥର ସୂର୍ଯ୍ୟ ଉଦୟ ହୁଅନ୍ତି ଓ ଅସ୍ତ ଯାଆନ୍ତି । ଅଧିକାଂଶ ଅନ୍ତରୀକ୍ଷ ଯାତ୍ରୀ ଅନ୍ତରୀକ୍ଷକୁ ଯାଇ ଦୁଇ ଇଞ୍ଚ ଲମ୍ବା ହୋଇଯାନ୍ତି । ଆପଣ ଅନ୍ତରୀକ୍ଷରେ କାନ୍ଦି ପାରିବେ ନାହିଁ କାରଣ ସେଠାରେ ଲୁହ ବାହାରେ ନାହିଁ । ଶନିଗ୍ରହଙ୍କ ଚାରିପଟେ ଦେଖାଯାଉଥିବା ବଳୟ ବରଫ, ଧୂଳି ଓ ପଥର ମିଶି ହୋଇଛି । କାରଣ ସେଠାରେ ସୂର୍ଯ୍ୟ ଧଳାରଙ୍ଗର ଦେଖାଯାଆନ୍ତି । ଅନ୍ତରୀକ୍ଷରେ ଯାତ୍ରୀମାନଙ୍କୁ ବହୁତ ସଂଘର୍ଷ କରିବାକୁ ପଡ଼େ । ସେମାନଙ୍କୁ ଆଖିରେ ପଟି ବାନ୍ଧି ଗୋଟିଏ ବଙ୍କରେ ଶୋଇବାକୁ ପଡ଼େ କାରଣ ପହଁରିବା ବା ଏପଟ ସେପଟ ହୋଇ ବାଡ଼େଇ ହେବାର ସମ୍ଭାବନା ଥାଏ । ଆମେରିକାର ଅନ୍ତରୀକ୍ଷ ଯାତ୍ରୀମାନେ ଅନ୍ତରୀକ୍ଷରୁ ନିର୍ବାଚନରେ ସେମାନଙ୍କର ଭୋଟ୍ ଦେଇପାରନ୍ତି । ସେଠାରେ ରହିବା ବେଳେ ଏହି ଯାତ୍ରୀମାନଙ୍କର ନଖ ଛୋଟ ହୋଇଯାଏ । ପୃଥିବୀରୁ ଆକାଶ ନୀଳ ରଙ୍ଗ ଦେଖାଯାଏ କିନ୍ତୁ ସେଠାରେ ସେମାନଙ୍କୁ ଆକାଶ କଳା ରଙ୍ଗର ଦେଖାଯାଏ ।

## ପୁରୁଷଙ୍କ ମଧ୍ୟରେ କସମେଟିକ୍ ସର୍ଜରୀର ଲୋକପ୍ରିୟତା



କସମେଟିକ୍ ସର୍ଜରୀର ଆଦର ଯେ କେବଳ ମହିଳାଙ୍କ ମଧ୍ୟରେ ଅଛି, ତା ନୁହେଁ । ବର୍ତ୍ତମାନ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଏଇ ଦୌଡ଼ରେ ପୁରୁଷମାନେ ସବୁଠୁ ଅଧିକ ଆଗରେ । ଏଇ ଚିକିତ୍ସା ମହଙ୍ଗା ହେବା ସତ୍ତ୍ୱେ ଲୋକେ ଏସବୁ କରିବାରେ ଖୁବ୍ ଆଗ୍ରହ ପ୍ରକାଶ କରୁଥିବାର ଦେଖାଯାଉଛି । ବିଶ୍ୱର ପ୍ରମୁଖ ରାଷ୍ଟ୍ରର ପୁରୁଷଙ୍କ ପ୍ରଥମ ସମସ୍ୟା ହେଲା ଅକାଳରେ କେଶ ପାଚିବା ଓ ଖୁବ୍ ମାତ୍ରାରେ ଝଡ଼ିବା । ପର୍ବ ଏସବୁର ଦେଶୀ ଚିକିତ୍ସା କରାଯାଉଥିବା ବେଳେ ଲୋକଙ୍କ ମତ ହେଲା, ଏସବୁ ସମୟସାପେକ୍ଷ । ଏଣୁ ଶୀଘ୍ର ଉପଚାର ନିମନ୍ତେ ସେମାନେ ହଜାରହଜାର ଟଙ୍କା ଖର୍ଚ୍ଚ କରି 'ହେୟାର ଟ୍ରାନ୍ସପ୍ଲାଣ୍ଟ' କରାଉଛନ୍ତି । ବିଦେଶୀ ରାଷ୍ଟ୍ରରେ ଏଇ କେଶ ଚିକିତ୍ସା ନିମନ୍ତେ ଲୋକେ ବର୍ଷକୁ ୫-୭ଲକ୍ଷ ଯଙ୍କା ଖର୍ଚ୍ଚ କରିବାକୁ ମନ ଉଣା କରୁନାହାନ୍ତି । ଭାରତରେ ମଧ୍ୟ ନାମୀ ବ୍ୟୁଟି ପାର୍ଲର ବ୍ରାଣ୍ଡ 'ହେୟାର ଟ୍ରାନ୍ସପ୍ଲାଣ୍ଟ' ନିମନ୍ତେ ପ୍ରତି ଥର ପିଛା ୨୦-୨୨ ହଜାର ଟଙ୍କା ଦେୟ ନେଉଥିବାର ପ୍ରକାଶ ପତଳା ଶରୀର ସମସ୍ତଙ୍କୁ ପସନ୍ଦ । ଖାଦ୍ୟପାନୀୟ ପ୍ରତି ଲୋଭ ବଢ଼ିଲେ ଶରୀରର ଓଜନ ବଢ଼ିବା ସ୍ୱାଭାବିକ । ଓଜନକୁ ନିୟନ୍ତ୍ରଣ କରିବା ଏତେ ସହଜ ବ୍ୟାପାର ନୁହେଁ । ଅଧିକାଂଶ ଲୋକ ବ୍ୟାୟାମ, କସରତ ଓ ଖାଦ୍ୟପାନୀୟ ପ୍ରତି ସଜାଗ ରହିନପାରି ଏବେ ଲିପୋସକ୍ସନ କରାଉଛନ୍ତି । ହଲିଉଡ ଓ ବଲିଉଡ କଳାକାରଙ୍କୁ ଦେଖି ଏବେ ସଂଖ୍ୟାଧିକ ଲୋକ ନିଜର 'ସିକ୍ସ ପ୍ୟାକ୍ ଏବ୍ସ' ଫିଗର କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏଇ ଲିପୋସକ୍ସନ ଅପରେସନ୍ ଦ୍ୱାରା ହି ଶରୀରର ଓଜନ କମ କରାଯିବା ସହ ଫିଗର ସୁନ୍ଦର କରାଯାଇଥାଏ ।

## କଙ୍କଡ଼ା ଗୋଡ଼ ମସଲା



**ସାମଗ୍ରୀ:**
କଙ୍କଡ଼ା, ନଡ଼ିଆ କୋରା, ପିଆଜ, ଅଦା, ରସୁଣ, ପୋସ୍ତ, ଜୀରା, ଲବଙ୍ଗ, ଡାଲଗିନି, ଗୁଜୁରାତି, ଗୋଲମରିଚ, ଧନିଆ ଓ ତେଜପତ୍ର, ଲୁଣ, ହଳଦୀ ଗୁଣ୍ଡ ଓ ଲେମ୍ବୁ ରସ, ତେଲ, ଧନିଆଁପତ୍ର, କଞ୍ଚାଲଙ୍କା ।

**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ କଙ୍କଡ଼ାକୁ ସଫା କରି ତାର ଛୋଟ ଗୋଡ଼କୁ କାଟି ଛାଣି ରଖନ୍ତୁ। କଙ୍କଡ଼ାରେ ଲୁଣ, ହଳଦୀ ଗୁଣ୍ଡ ଓ ଲେମ୍ବୁ ରସ ପକାଇ ମ୍ୟାରିନେଟ୍ କରି ରଖନ୍ତୁ। ନଡ଼ିଆ କୋରା, ପିଆଜ, ପୋସ୍ତ, ଜୀରା, ଲବଙ୍ଗ, ଡାଲଗିନି, ଗୁଜୁରାତି, ଗୋଲମରିଚ, ଧନିଆ ଓ ତେଜପତ୍ରକୁ ଭାଜି ବାଟି ରଖନ୍ତୁ। କରେଇରେ ତେଲ ଗରମ କରି ଗୋଟା ମସଲା ଓ ପିଆଜ କଟା ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଗଲା ପରେ ସେଥିରେ ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଧନିଆପତ୍ର, ଟମାଟୋ, କଞ୍ଚାଲଙ୍କା, ଅଦାରସୁଣ ବଟା ପକାଇ ଭଲ ଭାବେ କଷନ୍ତୁ। ମସଲା ଅଳ୍ପ କଷି ହେବା ପରେ ପ୍ରସ୍ତୁତ ଥିବା ଗୋଟା ମସଲାବଟା ଓ ଲୁଣ ପକାଇ ଭଲଭାବେ ଗୋଳାନ୍ତୁ। ଏହାପରେ ମ୍ୟାରିନେଟ୍ କଙ୍କଡ଼ାକୁ ପକାଇ ଗୋଳାଇ ଘୋଷଣୀ ଘୋଡ଼ାଇ ଦିଅନ୍ତୁ।
କିଛି ସମୟ ପରେ ଘୋଡ଼ଣୀ ବାହାର କରି ପ୍ରସ୍ତୁତ କଙ୍କଡ଼ା ଗୋଡ଼କୁ ପକାଇ ଗୋଳାନ୍ତୁ ଓ ଅଳ୍ପ ପାଣି ଦେଇ ଘୋଡ଼ଣି ଘୋଡ଼ାଇ ଦିଅନ୍ତୁ। ୨ରୁ ୫ ମିନିଟ୍ ପରେ ଘୋଡ଼ଣୀ ବାହାର କରି ଧନିଆଁପତ୍ର ଓ କଞ୍ଚାଲଙ୍କା ପକାଇ ଚୁଲିରୁ ଓହ୍ଲାନ୍ତୁ।

## ମୁହଁରେ ଲଗାନ୍ତୁ ପୋଦିନା ଓ ଗୋଲାପ ଜଳର ଫେସ୍ ପ୍ୟାକ୍

ମୁହଁର ତ୍ୱଚାକୁ ନେଇ ପ୍ରାୟ ସମସ୍ତେ ଚିନ୍ତାରେ ରହନ୍ତି, ବିଶେଷ କରି ମହିଳାମାନେ। ସେଥିପାଇଁ ସେମାନେ ମୁହଁରେ ବିଭିନ୍ନ ପ୍ରକାର ଫେସିଆଲ୍ ଓ ଟ୍ରିଟ୍‌ମେଣ୍ଟ କରିଥା'ନ୍ତି। ତେବେ ସୁନ୍ଦର ଦେଖାଯିବା ପାଇଁ ତଥା ମୁହଁର ତ୍ୱଚାକୁ ସର୍ବଦା ସଫା ଓ ସୁସ୍ଥ ରଖିବା ପାଇଁ ସବୁବେଳେ ପାର୍ଲର ଯିବାର ଆବଶ୍ୟକତା ନାହିଁ। ଯେଉଁ କାମ ପାର୍ଲରେ ହୋଇଥାଏ, ତାହା ଆପଣ ଘରେ ବି କରିପାରିବେ। ଆପଣ ଘରେ ସହଜରେ ପୋଦିନା ପତ୍ର ଓ ଗୋଲାପ ଜଳର ଫେସ୍ ପ୍ୟାକ୍ ପ୍ରସ୍ତୁତ କରି ମୁହଁରେ ଲଗାଇ ପାରିବେ। ଏହି ଫେସ୍ ପ୍ୟାକ୍ ଉପଯୋଗ କରି ଆପଣ ଡ୍ରାଏ ସ୍କିନ୍ ଓ ଡେଡ୍ ସ୍କିନ୍ ସମସ୍ୟାରୁ ରକ୍ଷା ପାଇପାରିବେ। ତେବେ ଆସନ୍ତୁ ଜାଣିନେବା ଏହି ଫେସ୍ ପ୍ୟାକ୍‌କୁ କେମିତି ତିଆରି କରିବେ ଓ ଏହା ଦ୍ୱାରା ଆଉ କ'ଣ ସବୁ ଫାଇଦା ମିଳିଥାଏ।
ଏଥିପାଇଁ ପ୍ରଥମେ ପୋଦିନା ପତ୍ର, ଗ୍ଲିସେରିନ୍ ଓ ଗୋଲାପ ଜଳ ନିଅନ୍ତୁ। ପୋଦିନା ପତ୍ରକୁ ଭଲ ଭାବେ ଧୋଇ ଗ୍ରାଇଣ୍ଡ କରି ଦିଅନ୍ତୁ। ଗ୍ରାଇଣ୍ଡ କରିବା ସମୟରେ ହିଁ ଏଥିରେ ଗୋଲାପ ଜଳ ପକାନ୍ତୁ। ପରେ ଏଥିରେ ୨ ବୁନ୍ଦା ଗ୍ଲିସେରିନ୍ ପକାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୩୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ପରେ ଧୋଇ ଦିଅନ୍ତୁ।



**ମିଳିଥାଏ ଏହିସବୁ ଲାଭ:**
- ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ୍ ଯୋଗୁ ମୁହଁରେ ରିଙ୍କଲସ୍ ଦେଖା ଯାଇନଥାଏ। ଏହା ସେଲ୍‌ର ଫ୍ରି-ରାଡିକଲ୍‌କୁ ନିୟନ୍ତ୍ରଣ କରିଥାଏ।
- ପୁଦିନା ଓ ଗୋଲାପ ଜଳର ଏହି ଫେସ୍ ପ୍ୟାକ୍ ଲଗାଇଲେ ତ୍ୱଚା ଅଏଲ୍ ଫ୍ରି ରହିଥାଏ।
- ଯଦି ଆପଣ ନିୟମିତ ଭାବରେ ଏହି ମିଶ୍ରଣକୁ ଲଗାଇବେ, ତେବେ ଆପଣଙ୍କର ବ୍ରଣ ସମସ୍ୟା ମଧ୍ୟ ଦୂର ହୋଇଯିବ। ତା'ସହିତ ସ୍କିନ୍ ଡ୍ରାଏ ହେବନି ଓ ସ୍କିନ୍‌ର ସେଲ୍‌ଗୁଡ଼ିକ ମଧ୍ୟ ସୁସ୍ଥ ରହିବେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା ତିଆରି କରିବା ହେଉଛି ତାର ନିଦାନ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ପ୍ରତ୍ୟେକ ମାନବକୁ ଶିକ୍ଷା ଦିଅ।

## ଉଚିତ ପଦକ୍ଷେପ...

ଓଡ଼ିଶା ପ୍ରଶାସନରେ ନୂତନ ଫର୍ଦ ଯୋଡ଼ି ହୋଇଛି । ରାଜ୍ୟର ୫୭ହଜାର ଏଠିକା କର୍ମଚାରୀଙ୍କ ଚାକିରି ନିୟମିତ ହୋଇଯାଇଛି । ଏଣିକି କୌଣସି ଠିକା ନିଯୁକ୍ତି ରହିବନାହିଁ । ସମସ୍ତ ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମିତ କରାଯିବା ଫଳରେ ସେମାନଙ୍କୁ ଯଥେଷ୍ଟ ଆର୍ଥିକ ଫାଇଦା ମିଳିବ । ଠିକା ଶ୍ରମିକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଏହା ଦୀପାବଳି ଭେଟି ବୋଲି କୁହାଯାଉଛି। ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ, ନିଯୁକ୍ତି ଦିନଠାରୁ ବର୍ଦ୍ଧିତ ବେତନ ବା ଇନ୍କ୍ରିମେଣ୍ଟ ଲାଗୁହେବ। ଯେଉଁ ଚାକିରି ସର୍ତ୍ତା ନେଇ ଠିକା କର୍ମଚାରୀମାନେ ବର୍ଷ ବର୍ଷ ଧରି ଅସୁବିଧା ଭୋଗ କରିଆସୁଥିଲେ ଏବଂ ତାହା ଅସନ୍ତୋଷର କାରଣ ହୋଇଆସୁଥିଲା, ତାହା ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବା ଫଳରେ ଦୂରୀଭୂତ ହୋଇଛି ବୋଲି କୁହାଯାଇପାରିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇଦିନ ତଳେ ଘୋଷଣା କଲେ ଏବଂ ଠିକ୍ ତାର ପରଦିନ ବିଜ୍ଞପ୍ତି ପ୍ରକାଶ ପାଇଲା । ତାଙ୍କ ଜନ୍ମଦିନ ହିଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୫୭ହଜାର କର୍ମଚାରୀଙ୍କ ଭିତରେ ଆନନ୍ଦ ଉଲ୍ଲାସ ଖେଳିଯାଇଛି । ଠିକା ନିଯୁକ୍ତି ନିୟମକୁ ସବୁଦିନ ପାଇଁ ଉଚ୍ଛେଦ କରାଯିବା ଫଳରେ ଏଣିକି ବିବଦ୍ଧ ନିଯୁକ୍ତିକୁ ପ୍ରାଥମିକତା ପ୍ରଦାନ କରାଯିବା ଦିଗରେ ରାସ୍ତା ଖୋଲିବ। ଠିକା କର୍ମଚାରୀମାନଙ୍କୁ ପୂର୍ବଭଳି ରହିବାକୁ ହେବନାହିଁ, ସମସ୍ତଙ୍କର ନିଯୁକ୍ତି ରେଗୁଲାର ହୋଇଯିବ। ବିଜ୍ଞପ୍ତି ମୁତାବକ, ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମ ୨୦୧୩କୁ ସମ୍ପୂର୍ଣ୍ଣ ଲୋପ କରାଗଲା ଗ୍ରୁପ୍-ବି, ଗ୍ରୁପ୍-ସି , ଗ୍ରୁପ୍-ଡି ଅଧୀନରେ ଆସୁଥିବା ଏହି ନିୟମ ଆଉ ଲାଗୁ ହେବନାହିଁ। ବିଜ୍ଞପ୍ତି ତକ୍ଷଣାତ୍ ଲାଗୁ କରାଯାଇଛି ଏବଂ ନିଯୁକ୍ତି ଦିନଠାରୁ ଇନକ୍ରିମେଣ୍ଟ ଲାଗିବା ବିଷୟ ସ୍ପଷ୍ଟ କରି ଦିଆଯାଇଛି । ଅର୍ଥାତ୍ ଯେଉଁମାନେ ନିର୍ଦ୍ଦିଷ୍ଟ ତାରିଖରେ ଠିକା ନିଯୁକ୍ତି ପାଇଛନ୍ତି, ସେହିଦିନଠାରୁ ହିସାବ କରି ସମସ୍ତଙ୍କୁ ବର୍ଦ୍ଧିତ ଦରମା ଦିଆଯିବ। ଯେଉଁମାନଙ୍କର ୬ବର୍ଷ ପୂରଣ ହୋଇନାହିଁ, ସେମାନେ ମଧ ଏହି ବ୍ୟବସ୍ଥାରେ ଉପକୃତ ହେବେ । ଠିକା ଶ୍ରମିକ ଓ କର୍ମଚାରୀମାନଙ୍କର ଚାକିରି ନିୟମିତ ହେଲେ ସରକାରୀ କର୍ମଚାରୀମାନଙ୍କୁ ଯେଉଁ ସୁବିଧା ମିଳୁଛି, ତାହା ଉପଲବ୍ଧ ହେବ। କ୍ୟାବିନେଟ୍ ବୈଠକରେ ଗୃହୀତ ନିଷ୍ପତ୍ତି କ୍ରମେ ଏହା କେବଳ କରାଯାଇନାହିଁ, ତାହା ତୁରନ୍ତ ଲାଗୁ ହୋଇଥିବାରୁ କର୍ମଚାରୀ ମହଲରେ ଉଲ୍ଲାସ ଖେଳିଯାଇଛି । ରାଜକୋଷରୁ ଏ ବାବଦରେ ୧୩୦୦ କୋଟି ଟଙ୍କା ଅତିରିକ୍ତ ବ୍ୟୟ ହେବ ବୋଲି କୁହାଯାଇଛି । ପୂର୍ବଦିନରେ ଠିକା ନିଯୁକ୍ତି ଲୋପ ପାଇଁ କର୍ମଚାରୀମାନେ ଲଢ଼େଇ କରିଆସିଥିଲେ । କାଳବିଳମ୍ବ ନକରି ସରକାର ଠିକା ବ୍ୟବସ୍ଥା ଉଚ୍ଛେଦ କରି ସେମାନଙ୍କ ମୁହଁରେ ହସ ଫୁଟାଇଛନ୍ତି, ଏହାର ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଶ୍ୟ ଯିବ । ମୁଖ୍ୟମନ୍ତ୍ରୀ ତାଙ୍କ ଘୋଷଣା ସହିତ ଏହି କଥା ପରାମର୍ଶ ଛଳରେ କହିଛନ୍ତି ଯେ, କର୍ମଚାରୀମାନେ ଅଧିକ ନିଷ୍ଠା ଓ ସେବାମୂଳକ ମନୋଭାବ ନେଇ କାର୍ଯ୍ୟ କରନ୍ତୁ ତାହା ସରକାର ଆଶା କରୁଛନ୍ତି । ରାଜ୍ୟବାସୀଙ୍କୁ ନିୟମିତ ହୋଇଥିବା କର୍ମଚାରୀମାନଙ୍କର ସମର୍ପିତ ସେବା କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ । ଏଠାରେ ଯେଉଁମାନଙ୍କର ସେବା ନିୟମିତ ହୋଇପାରିନାହିଁ, ସେମାନଙ୍କ ଭିତରେ ଡାଟା ଏଣ୍ଟି ଅପରେଟର ଓ ଏନ୍ଏଆରମାନଙ୍କର ଚାକିରି ରେଗୁଲାର ନହୋଇ ରହିଯାଇଛି, ସେମାନଙ୍କର ଦାବି ସରକାର ବିଚାରକୁ ନେବା ଉଚିତ୍ ଥିଲା ବୋଲି କେତେକ ମହଲ କହୁଛନ୍ତି । ଉପସ୍ଥିତ କ୍ଷେତ୍ରରେ ଯେଉଁ ୫୭ହଜାର ଠିକା କର୍ମଚାରୀଙ୍କର ଦାବିକୁ ଗ୍ରହଣ କରି ସ୍ଥାୟୀ ମାନ୍ୟତା ମିଳିଛି, ତାକୁ ପ୍ରଥମେ ସ୍ୱାଗତ ଓ ସମର୍ଥନ କରାଯାଉ। ଅବଶିଷ୍ଟ ଠିକା କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀର ପ୍ରକରଣ ବିଷୟରେ ପରୀକ୍ଷା ନିରୀକ୍ଷା ନେଇ ଯାହା କିଛି ବ୍ୟବସ୍ଥା ଅଛି, ସେଥିପାଇଁ ସୁଯୋଗର ଅପେକ୍ଷା ରହୁ । ମୁଖ୍ୟମନ୍ତ୍ରୀଙ୍କର ପାଞ୍ଚ ପାଳିର ଶାସନ ଭିତରେ ଓଡ଼ିଶାବାସୀଙ୍କର ବହୁବିଧ କଲ୍ୟାଣ ସାଧନ ପାଇଁ ବ୍ୟବସ୍ଥା ଖଞ୍ଜିଛନ୍ତି । ଏସ୍ ଏଚ୍ଜି ଜରିଆରେ ମାଆମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଠାରୁ ବ୍ୟାପକ ଶିଳ୍ପାୟନ ଭଳି ବ୍ୟବସ୍ଥା ଜରିଆରେ ନିଯୁକ୍ତି ସୁଯୋଗ ସୃଷ୍ଟି ଭଳି ବ୍ୟବସ୍ଥା କରାଯାଉଛି । ଶିକ୍ଷାୟତନର ରୂପାନ୍ତରୀକରଣ, ମଧାହ୍ନଭୋଜନ ଜରିଆରେ ଉପସ୍ଥାନ ବଢ଼ି ଭଳି ବ୍ୟବସ୍ଥା ହୋଇଛି । ଧର୍ମପୀଠଗୁଡ଼ିକର ପୁନଃନିର୍ମାଣ ଓ ଆଧୁନିକୀକରଣ ଭଳି ବ୍ୟବସ୍ଥା କରି ଧର୍ମାନୁରାଗୀଙ୍କର ଶ୍ରଦ୍ଧା ପାଇଛନ୍ତି ମୁଖ୍ୟମନ୍ତ୍ରୀ ମାତୃଗର୍ଭରୁ ଆରମ୍ଭ କରି ଶ୍ମଶାନ ଯାତ୍ରା ଲାଗି ହରିଶ୍ଚନ୍ଦ୍ର ଯୋଜନା ରଖାଯାଇଛି । ଶେଷତମ ପାଳିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ବଣ୍ଟନ କରି ସ୍ୱାସ୍ଥ୍ୟ ସେବାକୁ ସାର୍ବଜନୀନ କରି ମୁଖ୍ୟମନ୍ତ୍ରୀ କୋଟି କୋଟି ଧନରାଶି ବ୍ୟୟ ବ୍ୟବସ୍ଥା କରିଛନ୍ତି । କାର୍ତ୍ତିକ ମାସରେ ହବିଷ୍ୟାଳୀମାନଙ୍କ ସକାଶେ ମାଗଣା ବ୍ୟବସ୍ଥା କରି ମୁଖ୍ୟମନ୍ତ୍ରୀ ଓ ତାଙ୍କ ପ୍ରଶାସନ ଆଶୀର୍ବାଦ ପାଉଛନ୍ତି। ସ୍ୱାସ୍ଥ୍ୟସେବାକୁ ସାର୍ବଜନୀନ କରି ଅଗଣିତ ରୁଗ୍ଣ ବ୍ୟକ୍ତିମାନଙ୍କର ଚିକିତ୍ସାକୁ ସୁଲଭ କରାଯାଇଛି । ସେ ଦିଗରେ ଠିକା କର୍ମଚାରୀମାନଙ୍କର ଚାକିରିକୁ ସ୍ଥାୟୀ କରାଯିବା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି କୁହାଯାଇପାରିବ।



## ଆଦେଶର କର୍ମ ବୁଝନ୍ତୁ

ଅଜୟ କୁମାର ବେହେରା

ଧର୍ମଗୁରୁମାନେ ଏକ ସ୍ଥିର ନିୟମରେ ସଂସାରକୁ ଚଳାଇବାକୁ ଶାସ୍ତ୍ର ନିୟମମାନ ସ୍ଥିର ରଖାଇଛନ୍ତି। ମାତ୍ର ବର୍ଦ୍ଧିଷ୍ଣୁ ଜନା ଏ ନିୟମ ମାନିବାରେ ବାଧା ଆସୁଛି। ଏକ ଧର୍ମ ଶାସ୍ତ୍ରର ଭିନ୍ନ ବାଖ୍ୟା କରାଯାଇ ଧର୍ମରେ ଦ୍ୱନ୍ଦ୍ୱପୁରା ଯାଉଛି। ଅନେକ ଧର୍ମଧ୍ୱଜୀ ବୃଥା କାନୁନ ନିଜ ମତରେ ପୁରାଇ ତାକୁ ଶାସ୍ତ୍ରରେ ଅଛି ଦର୍ଶାଉଛନ୍ତି। ଶାସ୍ତ୍ର ପଢ଼ିବାକୁ କାହାକୁ ତର ନାହିଁ। ଅତଏବ ଏ ଗୁରୁ ମଣିମା କହୁଛନ୍ତି ଏହା ନିଶ୍ଚୟ ଶାସ୍ତ୍ରବାକ ଲୋକେ ଧରିନେଇ ରକ୍ତପାଦ, ଦଙ୍ଗା ପରି ପରିସ୍ଥିତି ଉପୁଜାଉଛନ୍ତି।

ଆଦେଶ, ଯାହାକୁ 'ଆଜ୍ଞା' ବା ହୁକୁମ କୁହାଯାଏ। ଆଦେଶ ଗୁରୁ, ଗୁରୁଜନ, ମାଲିକ, କ୍ଷମତାରେ ଥିବା ଶାସକ ଯେ ବହୁଜନଙ୍କୁ / ବାଘ ବକ୍ରୀଙ୍କୁ ଏକ ଘାଟରେ ପାଣି ପିଆନ୍ତି। ପୁଣି ଡାକୁ, ଲୁଟେରା, ଗୁଣ୍ଡା ଶ୍ରେଣୀ ଲୋକ ଭୟ ହତିଆର ଦେଖାଇ ଆଦେଶ କରନ୍ତି। ପ୍ରକୃତରେ ମୂଳ ଆଦେଶ ଋଷି ମୂନୀ ଜ୍ଞାନୀ ଧର୍ମଶାସ୍ତ୍ରରେ ଲେଖିଛନ୍ତି ଓ ଦେଶର ସମ୍ବିଧାନରେ ପେନାଲ କୋର୍ଡ଼ରେ ଏପରି ନିର୍ଦ୍ଦେଶ ରହିଛି। ଏକ ଆଦେଶ ସବୁ ଆଡ଼େ ଚାଲେନାହିଁ। ଏ ପାଇଁ ଭିନ୍ନ ଭିନ୍ନ ସ୍ତର ପରିବେଶ ପାଇଁ ଆଦେଶ ଭିନ୍ନ ଭିନ୍ନ ପୁଣି ଦେଶକେ ଫାଙ୍କ ନଈକେ ବାଙ୍କ ପରି ଆଦେଶ ବି ଭିନ୍ନ ଭିନ୍ନ ଯଥା ଦକ୍ଷିଣେ ମାତୁଳ କନ୍ୟା, ଉତ୍ତରେ ମହିଷା ମାଂସ, ପଶ୍ଚିମେ ଚର୍ମ ପାଦୁକା।

ଯେଉଁମାନେ ତୀର୍ଥଯାତ୍ରୀ ସେମାନଙ୍କର ଶରୀରର ଦକ୍ଷତା ନଥିଲେ ଯାତ୍ରାର ଉଦ୍ଦେଶ୍ୟ ପୂରଣ ହୁଏନାହିଁ। ତୀର୍ଥକୁ ପୂର୍ବେ ଚାଲି ଚାଲି ଦଣ୍ଡ ଭାଙ୍ଗି ଭାଙ୍ଗି ପୁଣି ଅଦ୍ୟ ଦଉ ଅନ୍ନ ଭକ୍ଷଣ ନକରି ପଥପାରି ହେଉଥିଲେ ଏବେ ଏହାର ବ୍ୟତିକ୍ରମ। ହିମାଳୟ ଦେଇ ତିବ୍ବତ ଯାତ୍ରୀ ମାନସରୋବର ଯାତ୍ରୀ ଥଣ୍ଡାରୁ ରକ୍ଷା ପାଇଁ, ନିଶା ପାନୀୟ ବେଳେ ବେଳେ ସାଥିରେ ନେଇ ଯିବାକୁ ପଡୁଛି। ପୂର୍ବେ ଅନେକ ସନ୍ଥ ଗଞ୍ଜେଇ ଟାଣୁଥିଲେ। ଏହାକୁ ଏ ସମୟରେ ରାଜ ବାରଣ ସିଦ୍ଧି ଭାଙ୍ଗ ବିଜୟା ବାଟି ପାନୀୟ ରୂପେ ବ୍ୟବହାର କରାଯାଏ। ଆମର ପୁରୀ ସହରରେ ଏପରି ବ୍ୟବହାର ଅଛି ହେଲେ ଏଡାକୁ ସରକାର ଅବକାରୀ ନୀତିରେ ଏକ ଦଣ୍ଡବିଧାନରେ ରଖି ଏହା ଚାଲାଣ ଚାନ୍ଧ କରିଛନ୍ତି। ଆୟୁର୍ବେଦରେ ଅଫିମ, ଗଞ୍ଜେଇ, ଭାଙ୍ଗର ପ୍ରୟୋଗ ଅଛି, ଶାସ୍ତ୍ରୀୟ ମଦ୍ୟ ଅରିଷ୍ଟ ଆସବ ଅଛି। ଏଲୋପ୍ୟାଥିକ, ହୋମିଓ ପ୍ୟାଥିକରେ ସୁରାସାର (ସ୍ପିରିଟ)ର ପ୍ରୟୋଗ ଏବେ ବି ଅଛି। ଥରେ ନର୍ମଦା ପରିକ୍ରମାରେ ଥିବା ଭାରତର ନାମଧନ୍ୟ ବ୍ରହ୍ମଚାରୀ ବାଳାନନ୍ଦ ବ୍ରିଟିଶ କର୍ତ୍ତୃପକ୍ଷଙ୍କ ସନ୍ଦେହରେ ଆସି ତାଙ୍କ ଝୋଲ ଖୋଜକରି ଶଙ୍ଖୁଆ (ଅର୍ସେନିକ)ର ପାଉଡର ପାଇ ତାଙ୍କୁ ଅଟକ ରଖି ପଚରା ଉଚରା କଲେ। ବ୍ରହ୍ମଚାରୀ କହିଲେ ଆମେ ସାଧୁସନ୍ଥ ପ୍ରବଳ ଶୀତରେ ଖୋଲା ଦେହରେ ଆକାଶ ତଳେ ଅନେକ ସମୟରେ ରହୁ ଏହି ପ୍ରକାର ମୁକାବିଲା ପାଇଁ ଆମେ ଶଙ୍ଖୁଆ ଜଳ ସହିତ ଗୋଳି ପାନ କରୁ, ହେଲେ ସାହେବଙ୍କୁ ତାକୁ ଭକ୍ଷଣ କରି ପ୍ରତ୍ୟକ୍ଷ କରିବାକୁ ପଡ଼ିଲା ଶେଷରେ ହରେ ନର୍ମଦା କହି ଶଙ୍ଖୁଆ ସେବନ ପାନ କରି ମୂର୍ଚ୍ଛା ଯାଇଥିଲେ। ଏ ସମୟରେ ତାଙ୍କୁ ଭୁଲ ବୁଝିବା ସାହେବଙ୍କର ପୁତ୍ର ସାଂଘାତିକ ହେଲା, ସାହେବଙ୍କୁ ଭାରତୀୟ ଧର୍ମବିଶ୍ୱାସୀମାନେ ଅନେକ ବୁଝାଇ ସାଧୁଙ୍କ ଶରଣାପନ୍ନ ହେଲେ କ୍ଷମା ମାଗିଲେ ଅନୁତପ୍ତ ହେଲେ ତାଙ୍କର ପୁତ୍ରର ଶରୀର ଆରୋଗ୍ୟ ହୋଇଯାଇଥିଲା। ଆଦେଶ ଦାତା ସବୁ ବିଷୟରେ କେବେ ଜ୍ଞାନୀ ହୋଇନପାରନ୍ତି। ସାଧାରଣ ଜ୍ଞାନରେ ବି ରାସ୍ତାରେ ଚାଲିବା ବାଧା ଅଛି। କେଉଁଠି ବାମ ପଟରେ କେଉଁଠି ଡାହାଣ ପଟରେ କେଉଁଠି ଦୁଇ ରାସ୍ତାରୁ ଏକ ରାସ୍ତା ନିର୍ମାଣଦିକାର୍ଯ୍ୟ ପାଇଁ ରଦ୍ଧ ସେଠାରେ ପୂର୍ବ ମନ୍ୟତା ଆଦେଶ ବଦଳାଇବାକୁ ପଡ଼େ। ଅତୁରେ ନିୟମ ନାସ୍ତୀ। ପେଟ ପୋଡ଼ିଗଲେ ଲୋକ ହୀନ କାର୍ଯ୍ୟକୁ ଘୃଣ କରେନାହିଁ। ଅଭାବରୁ ସ୍ୱଭାବ ନଷ୍ଟ।

ଧର୍ମଗୁରୁମାନେ ଏକ ସ୍ଥିର ନିୟମରେ ସଂସାରକୁ ଚଳାଇବାକୁ ଶାସ୍ତ୍ର ନିୟମମାନ ସ୍ଥିର ରଖାଇଛନ୍ତି। ମାତ୍ର ବର୍ଦ୍ଧିଷ୍ଣୁ ଜନା ଏ ନିୟମ ମାନିବାରେ ବାଧା ଆସୁଛି। ଏକ ଧର୍ମ ଶାସ୍ତ୍ରର ଭିନ୍ନ ବାଖ୍ୟା କରାଯାଇ ଧର୍ମରେ ଦ୍ୱନ୍ଦ୍ୱପୁରା ଯାଉଛି। ଅନେକ ଧର୍ମଧ୍ୱଜୀ ବୃଥା କାନୁନ ନିଜ ମତରେ ପୁରାଇ ତାକୁ ଶାସ୍ତ୍ରରେ ଅଛି ଦର୍ଶାଉଛନ୍ତି। ଶାସ୍ତ୍ର ପଢ଼ିବାକୁ କାହାକୁ ତର ନାହିଁ। ଅତଏବ ଏ ଗୁରୁ ମଣିମା କହୁଛନ୍ତି ଏହା ନିଶ୍ଚୟ ଶାସ୍ତ୍ରବାକ ଲୋକେ ଧରିନେଇ ରକ୍ତପାଦ, ଦଙ୍ଗା ପରି ପରିସ୍ଥିତି ଉପୁଜାଉଛନ୍ତି। ବିନା ଶ୍ରମରେ ଅନେକ ଲାଲେ ଲାଲ, ଅନେକ ଖଟି ଖଟି ବେଦମ ହେଲେ ବି ଗୁଜୁରାଣ ମେଣ୍ଟୁନାହିଁ। ଏଇଥିରେ ଆସୁଛି ଭାବ ଈଶ୍ୱରଙ୍କ ପକ୍ଷପାତିତା ଚିନ୍ତା। ପ୍ରକୃତ ମୂଳ ଧର୍ମ ଶାସ୍ତ୍ରରେ ଏପରି ସୂତ୍ରର ଉଦାହରଣ ନାହିଁ । ଅଛି ହଁ ଉଚ୍ଚକୁଳରେ ଜନ୍ମ, ଦୈବାଧିନ ହେଲେ ପୁରୁଷକାର କର୍ମର ଅଧିନ। ପାଠପଢ଼ି ପରିଶ୍ରମ କରି ଏକ ବିଶେଷ ବିଦ୍ୟାଳରେ ଅତିଦକ୍ଷ ହେଲେ ଧର୍ମ ସମ୍ମାନ ପଦବୀ ଅବଶ୍ୟ ମିଳିବ। କିନ୍ତୁ ଦୁଇଜଣ ସମାନ ପାଠପଢ଼ି ବି ଏକ ସ୍ତରରେ ଏବେ ରହି ପାରୁନାହାଁନ୍ତି। ଏଠାରେ ପୁରୁଷାକାରରେ ବି କିଛି ଆଦେଶ ବିରୁଦ୍ଧ କରୁଛି।

ଚଳନ୍ତି ଘଟଣା ପ୍ରବାହରେ ଏକ ଧର୍ମ ଧରାଯାଇଛି। ଖରାଦିନେ ଜଳଛତ୍ର ବିଧାନ, ହିନ୍ଦୁଘରେ ପ୍ରତି ଚୌରା ବୃନ୍ଦାବତୀରେ ବସନ୍ତରା ଘଟ ଟାଙ୍ଗି ଥପ ଥପ ଜଳ ଏକ କୁଶ ଦ୍ୱାରା ତୁଳସୀ ଉପରେ ପକାଇବା। ଏଥିରେ କ'ଣ ଧର୍ମ ଶିକ୍ଷା ଅଛି ଯେ ଆଚାର୍ଯ୍ୟ ଘଟ ବସାଇଥାନ୍ତି। ସେ ବି ହୁଏତ ବୁଝାଇ ପାରୁନାହାଁନ୍ତି। ଜଳଛତ୍ର ରାସ୍ତାଘାଟରେ ଦିଆଯିବା ଭୁଲ ନୁହେଁ ତେବେ ପୂର୍ବଧାରା ବର୍ତ୍ତମାନ ଧାରାରେ ଅନେକ ପରିବର୍ତ୍ତନ। ସହରରେ ଲୋକେ ଏପରି ବ ରାସ୍ତା କଡ଼ରେ ଜଳଦାନ କରୁଛନ୍ତି। ପ୍ରକୃତରେ ଖରାଦିନ ଏପରି କାହିଁକି କରାଯାଉଛି ଏହା ମର୍ମ କ'ଣ?

ପ୍ରଚଣ୍ଡ ରୌଦ୍ର କିରଣରେ ମାଟି ଠୋ ଠୋ ଶୁଷ୍କ ହେଉଛି। ଜଳସ୍ତର ସର୍ବୋଚ୍ଚ ସ୍ତରକୁ ଚାଲି ଯାଉଛି ଏ ସମୟ ସାର୍ବଜନୀନ ପୁଷ୍କରିଣୀ କୂପ ବାମ୍ଫିଂ ଖୋଳିବା, ଉଖାଳିବା ଦରକାର ଏହା ଅଧିକ ଧନ ଖର୍ଚ୍ଚର କାର୍ଯ୍ୟ। ଏହା ସମୂହ ଚେଷ୍ଟାରେ ଯଦି କରାଯାଆନ୍ତା ପ୍ରକୃତରେ ଯାହା ଜଳଦାନର ଶ୍ରେଷ୍ଠକର୍ମ। ଜଳ ମହାଭୂତର ଦ୍ୱିତୀୟ ସ୍ଥୁଳ ଦର୍ଶନ ରୂପ। ମହାଭୂତମାନେ ସାମ୍ୟବାଦୀ ଗୁଣ ସମ୍ପନ୍ନ ଏହା ଉପରେ ସମସ୍ତଙ୍କ ସମାନ ଅଧିକାର ହେଲେ ରାଜ କାନୁନରେ ଏଥିରୁ ରାଜ ଆୟ ପାଇଁ ବଡ଼ ବଡ଼ ଜଳ ସମ୍ପଦ ବିଭାଗ କରୁଛନ୍ତି। ପୂର୍ବେ ରେଳପଥ ଯାତ୍ରୀଙ୍କ ପାଇଁ ମାଗଣା ଜଳ ବଣ୍ଟନ ଥିଲା। ଷ୍ଟେସନରେ ରେଳ କର୍ତ୍ତୃପକ୍ଷ ଜଳ ମାଗଣା ବଣ୍ଟନ ବ୍ୟବସ୍ଥା କରୁଥିଲେ ବୋତଲ, ପ୍ୟାକେଟ ଜଳ, ଭଲ ବାଣିଜ୍ୟ ହେଲାଣି। ଏମିତିଜଳ ବାଣିଜ୍ୟ ପାଇଁ ଷ୍ଟେସନ ମାନଙ୍କରେ ଗାଡ଼ି ପହଞ୍ଚିଲେ ପାଇପମାନେ ରଦ୍ଧ। ଗଙ୍ଗାପାଣି ପୁଣ୍ୟଜଳ, ତାହା ଏବେ ସରକାରଙ୍କ ଦ୍ୱାରା ବିକ୍ରୟ ହେଲାଣି। ଗଙ୍ଗା ନୟାଇ ସ୍ୱ ଗୃହରେ ପୁଣ୍ୟ ଅର୍ଜନ ବାଟ ଏବେ ହେବା ବୋଧ ହେଲାଣି। ଦୁଗ୍ଧ ଗୋପାଳକଙ୍କ ବାଣିଜ୍ୟ ପଦାର୍ଥ ଏବେ କମ୍ପାନୀମାନେ ଏମିତି ସରକାର ଏହାକୁ ଭିନ୍ନ ଭିନ୍ନ ପ୍ରକାର ଲେବଲରେ ବିକ୍ରୟ କଲେଣି। ଯଦି ଦୁଗ୍ଧର ଦ୍ରବ୍ୟଗୁଣ ତଦନ୍ତ କରାଯାଏ ଏଥିରେ ତାହା ପୂର୍ଣ୍ଣରୂପେ ଲବ୍ଧ ଅଛିକି? ଏପରି ଆଦେଶର ଧାରା ତଦନ୍ତ କଲେ ସମସ୍ତେ ନିଶ୍ଚୟ ତାଜୁବ ହେବେ। ଏବେ ପାଣି ପାଣି ନୁହଁ, ଦୁଗ୍ଧ ଦଧି ଘୃତ ନବନୀତ ଛେନା ମହୁ, ତେଲ, ଡାଲି, ଚାଉଳ କେହି ମୌଳିକ ଶାସ୍ତ୍ରୀୟ ଗୁଣରେ ନାହାଁନ୍ତି। ଅନେକ ଔଷଧ ଉପରେ ଫରମୂଲା ଲେଖା ହେଲେ ସେଥିରେ ତାହା ଠିକ ଅଛିକି? ଏହି ସବୁ ଆଦେଶ ଦାତାମାନେ ଆସ୍ତେ ଆସ୍ତେ ବଢ଼ି ଶତକଡ଼ା ହାର ଅନେକ କମିବା ଜଣା ପଡ଼ିଲେ ଅବତାରଙ୍କ କାମ ନିଶ୍ଚେ ଦରକାର ପଡ଼ିବ ହିଁ ପଡ଼ିବ ।

♥ ପିସି ସରକାର ଲେନ୍,
ଅରୁଣୋଦୟ ନଗର, କଟକ,
ମୋ:୯୪୩୭୧୦୩୧୨୫୩



## କାର୍ଲ ମାର୍କସ୍

ଡ଼ଃ.ଅରୁନ୍ଧତୀ ଦେବୀ



ସମଗ୍ର ପୃଥିବୀରେ ଶ୍ରମ ଶକ୍ତି ଓ ଶ୍ରେଣୀ ସଂଘର୍ଷର ଅନନ୍ୟ ନାୟକ ଥିଲେ ସେ, ତାଙ୍କ ଲେଖନୀ ଓ ଚିନ୍ତନ ସବୁବେଳେ ଅବହେଳିତ ଓ ଶୋଷିତ ଶ୍ରେଣୀ ସଂଗ୍ରାମ ପାଇଁ ଉତ୍ସର୍ଗ ଥିଲା। ନିଜ ଜୀବନକୁ ଏହି ମେହେନତିଙ୍କ ସୁଖଦୁଃଖରେ ସାମିଲ ହେବା ପାଇଁ ତିଳ ତିଳ ଉତ୍ସର୍ଗ କରିଥିବା ଅଦିତ୍ୟ ମହାନାୟକ ହେଉଛନ୍ତି କାର୍ଲ ମାର୍କସ। କାର୍ଲ ହେନ୍‌ରିଖ ମାର୍କସ୍ ଜର୍ମାନ ଦାର୍ଶନିକ, ଅର୍ଥଶାସ୍ତ୍ରୀ ଏବଂ ବୈଜ୍ଞାନିକ ସମାଜବାଦର ପ୍ରଣେତା ଥିଲେ । ତାଙ୍କ ଦର୍ଶନ ଆଜି ବି ମାର୍କସ୍‌ବାଦ ରୂପରେ ଆମ ସମାଜରେ ବଞ୍ଚି ରହିଛି । ମାର୍କସ୍‌ବାଦ ଏଭଳି ଏକ ବିଜ୍ଞାନ ଥିବା ଯାହା ତତ୍‌କାଳୀନ ସମୟର ଘଟଣାଗୁଡ଼ିକୁ ବିଶ୍ଳେଷଣ କରି ଶ୍ରମିକ ଶ୍ରେଣୀ ଏବଂ ସାମ୍ୟବାଦ କାର୍ଯ୍ୟକଳାପକୁ ମାର୍ଗଦର୍ଶନ କରି ଆସିଥିଲା । ମାତ୍ର ୧୭ ବର୍ଷ ବୟସରେ ବନ୍ ବିଶ୍ୱବିଦ୍ୟାଳୟରେ ଆଇନ ଶିକ୍ଷା ଲାଭ କରିବା ଲାଗି ଭର୍ତ୍ତି ହୋଇଥିବା କାର୍ଲ ମାର୍କସ୍ ପରେ ବର୍ଲିନ ଓ ଜେନ୍ ବିଶ୍ୱ ବିଦ୍ୟାଳୟରୁ ସାହିତ୍ୟ, ଇତିହାସ ଏବଂ ଦର୍ଶନରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ମାର୍କସ୍ ୧୮୪୮ରେ ଫ୍ରେଡ଼ରିକ୍ ଆଙ୍ଗଲସ୍‌ଙ୍କ ସହ ମିଶି କମ୍ୟୁନିଷ୍ଟ ମେନିଫେଷ୍ଟୋ ଲେଖିଥିଲେ । ଏହାକୁ ଶ୍ରମିକ ବର୍ଗଙ୍କ ନିମନ୍ତେ ସର୍ବପ୍ରଥମ ରାଜନୈତିକ ଘୋଷଣାପତ୍ର କୁହାଯାଇଥାଏ । ତାଙ୍କ ଦର୍ଶନ ଅବହେଳିତ ଶ୍ରମଜୀବୀଙ୍କ ଅଧିକାରକୁ ସୁନିଶ୍ଚିତ କରିବା ସହ ସେମାନଙ୍କୁ ଏକତ୍ର ହେବା ଲାଗି ପ୍ରେରଣା ଯୋଗାଇଥିଲା । ପୁଞ୍ଜିପତିଙ୍କ ଦ୍ୱାରା ଶ୍ରମିକଙ୍କ ଶୋଷଣକୁ ସେ ବିରୋଧ କରୁଥିଲେ । ଉତ୍ପାଦନ ଏବଂ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଶ୍ରମିକଙ୍କ ଗୁରୁତ୍ୱ ରହିଛି ଏହି ଧାରଣା କାର୍ଲମାର୍କସ୍ ସୃଷ୍ଟି କରିପାରିଥିଲେ । ଶ୍ରମିକ ଆନ୍ଦୋଳନର ନେତୃତ୍ୱ ନେବା ଯୋଗୁଁ ତାଙ୍କୁ ୧୮୪୫ରେ ଜର୍ମାନୀରୁ ବହିଷ୍କାର କରି ଦିଆଯାଇଥିଲା । ସେଠାରୁ ସେ ପ୍ୟାରିସ୍ ଚାଲିଯାଇଥିଲେ । ପରେ ବ୍ରୁସେଲସ୍ ଯାଇ କମ୍ୟୁନିଷ୍ଟ ଲିଗ୍ ଗଠନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଜର୍ମାନୀର ସମାଜବାଦୀ ବିପ୍ଳବକୁ ସହାୟତା ଯୋଗାଇ ଦେଇଥିବାରୁ ସେଠାରୁ ମଧ ତାଙ୍କୁ ବହିଷ୍କାର କରି ଦିଆଯାଇଥିଲା । ଏହାପରେ ସେ ଲଣ୍ଡନ ଚାଲିଯାଇ ଜୀବନର ଶେଷ ପର୍ଯ୍ୟନ୍ତ ସେଠାରେ ରହିଥିଲେ । ସାରା ଦୁନିଆର ଦର୍ଶନ, ଇତିହାସ ଓ ନିଜ ଅନୁଭବକୁ ପାଥେୟ କରି କାର୍ଲମାର୍କସ ସମାଜର ଶ୍ରମିକବର୍ଗ ଓ ଶ୍ରମଜୀବୀଙ୍କୁ ମାର୍କସବାଦ୍‌ଙ୍କ ରୂପରେ ଏକ ଅମୋଘ ଅସ୍ତ୍ର ପ୍ରଦାନ କରିଥିଲେ । ତାଙ୍କ ଦର୍ଶନକୁ ତତ୍‌କାଳୀନ ସମୟରେ ବିରୋଧ କରାଯାଇଥିଲେ ମଧ ରୁଷ ଭଳି ରାଷ୍ଟ୍ର ଏବେ କାର୍ଲମାର୍କସ୍‌ଙ୍କ ଦର୍ଶନ ଆଧାରରେ ଚାଲି ଆସିଛି । କେବଳ ରୁଷ ନୁହେଁ ବିଶ୍ୱର ଅଧିକାଂଶ ରାଷ୍ଟ୍ର ମାର୍କସ ସମାଜବାଦୀ ନୀତିକୁ ଗ୍ରହଣ କରିଛନ୍ତି । ଏଠାରେ ଆମେ ବିଜ୍ଞ ପାଠକମାନଙ୍କୁ ସୂଚୀତ କରୁଛୁ ଯେ ସମଗ୍ର ପୃଥିବୀର ବିଭିନ୍ନ ଭାଷାରେ ଅନୁବାଦ ହୋଇ ସର୍ବକାଳୀନ ରେକର୍ଡ଼ ସୃଷ୍ଟି କରିବା ସହ ଅସଂଖ୍ୟ ପାଠକୀୟ ସ୍ୱୀକୃତି ପାଇଛି କାର୍ଲ ମାର୍କସଙ୍କ ପୁସ୍ତକ। ପୃଥିବୀର ସବୁଠାରୁ ବେଶି ବିକ୍ରି ହେଉଥିବା ପୁସ୍ତକ ଭାବେ ତାଙ୍କର ସୃଜନ ସାହିତ୍ୟ ଇତିହାସର ସ୍ୱର୍ଣ୍ଣାକ୍ଷରରେ ମଧ ଏକ ସ୍ୱତନ୍ତ୍ର ସ୍ଥାନ ପାଇଛି।

ଏଯାବତ୍ ଭାରତ ଓ ପୃଥିବୀର ବିଭିନ୍ନ ପାଠ୍ୟ ଶ୍ରେଣୀ କ୍ରମରେ କାର୍ଲ ମାର୍କସଙ୍କ ପୁସ୍ତକ ଓ ତାଙ୍କ ସମ୍ଭାଷଣ ସ୍ଥାନିତ ହୋଇଛି। ଅସଂଖ୍ୟ ଗବେଷକ ମଧ ତାଙ୍କ ଲେଖନୀ ଉପରେ ବର୍ଷ ବର୍ଷ ଧରି ଅନୁସନ୍ଧାନ ସାପେକ୍ଷ ଗବେଷଣା ଜାରି ରଖିଛନ୍ତି। ନିଜର ଶେଷ ଜୀବନକୁ ସେ ବସ୍ତୀ ଅଞ୍ଚଳର ପିଲା ଓ ଅବହେଳିତ ଶ୍ରମିକ ଶ୍ରେଣୀ ସମାଜ ପାଇଁ ନିଜ ଜୀବନ ସହ ସମସ୍ତ ରୋଜଗାର ବ୍ୟୟିତ କରିଥିଲେ। ଏହି ମହାନ ଦାର୍ଶନିକ ଜର୍ମାନୀର ପ୍ରୁସିଆ ଅନ୍ତର୍ଗତ ଟ୍ରିଅର୍ ଠାରେ ମଇ ୫ ତାରିଖ ୧୮୧୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ ।

♥ ନିର୍ଦ୍ଦେଶିକା-ସମ୍ପାଦିକ,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ
ମୋ: : ୯୯୩୭୧୭୨୮୧୦

## କବିତା କୋଣାର୍କ

### ପ୍ରଜାତନ୍ତ୍ରର ପ୍ରାଚୁର୍ଯ୍ୟତା

ବାପିନି ସିଂ

ପ୍ରଜାତନ୍ତ୍ର ହେଉଛି ଏମିତି ଏକ ଶାସନ
ଯେଉଁଠି ପ୍ରଜାର ଆନୁକୁଲ୍ୟରେ ତନ୍ତ୍ରର ପ୍ରାଚୁର୍ଯ୍ୟତା
ବିମଣ୍ଡିତ ତଥା ପ୍ରସ୍ଫୁଟିତ ହୋଇଥାଏ,
ଯାହାକି ଶାସନକୁ ଦମ୍ଭୀଭୂତ କରି
ଗଢ଼ି ତୋଳିଥାଏ
ଏଇ ଅଳ୍ପାୟୁ ଓ କ୍ଷଣସ୍ଥାୟୀ ସମାଜ
ସମ୍ମୁଖରେ ।

ପ୍ରଜାତନ୍ତ୍ରରେ ଯେପରି ନ୍ୟାୟ ରହିଛି
ସେପରି ଅନ୍ୟାୟ ମଧ ରହିଛି
ପ୍ରଜାତନ୍ତ୍ରରେ ଯେପରି ପକ୍ଷ ରହିଛି
ସେପରି ବିପକ୍ଷ ମଧ ରହିଛି ।

ପ୍ରଜାତନ୍ତ୍ରରେ ଜନତାଙ୍କ ସମର୍ଥନ ତଥା
ସହାନୁଭୂତିରେ
ଯିଏ ଶାସକ ହୁଏ,
ତା'ର ମନବାଞ୍ଛା ପୂର୍ଣ୍ଣ ହୁଏ ।
ସେ ସଦାସର୍ବଦା ହର୍ଷିତ ତଥା
ପ୍ରଫୁଲ୍ଲିତ ହୋଇ ରହେ
ବିନା କୌଣସି ପ୍ରତିରୋଧ ତଥା
ପ୍ରତିବନ୍ଧକରେ ।

ପ୍ରଜାତନ୍ତ୍ରରେ ଆରୋପ ଯେପରି
ରହିଛି
ସେପରି ପ୍ରତ୍ୟାରୋପ ମଧ ରହିଛି ।
ଠିକ୍ ସେହିପରି ! ପ୍ରଜାତନ୍ତ୍ରରେ
ଯେପରି ଶାସକମାନେ ରହିଛନ୍ତି
ସେପରି ପ୍ରଶାସକମାନେ ମଧ ନିଜର
କାୟାକୁ
ବିସ୍ତାରିତ କରି ଜଗି ରହିଛନ୍ତି ଆଗାମୀ
ପ୍ରଜାତନ୍ତ୍ରକୁ
ନିଜର କରକମଳକୁ ନେବା ନିମନ୍ତେ।

ପ୍ରଜାତନ୍ତ୍ରରେ ଶାସକ ସିନା
ସିଂହାସନରେ
ଆରୋହଣ ହୋଇ ନିଜର ନାମକୁ
ଇତିହାସର ସମୂଳ ପୃଷ୍ଠାରେ
ସ୍ୱର୍ଣ୍ଣାକ୍ଷରରେ
ଲିପିବଦ୍ଧ କରେ ।
କିନ୍ତୁ ସାଧାରଣ ଜନତା !
ବିଚରା ଶାସିତ, ଶୋଷିତ ଏବଂ
ଶାପିତ ହୋଇଯାଏ ।

♥ ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ
ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର
ମୋ: ୯୯୩୭୮୨୦୮୩୧

### କାର୍ତ୍ତିକ ମାସ

ଦିନେଶ ମେହେର

ଆଶ୍ୱିନ ଅନ୍ତେ ଆଗମନେ କାର୍ତ୍ତିକ
ଧରାବତରେ ନେଇ ମୃଦୁ ସମୀର
ଚଉଦିଗ ପ୍ରଭଞ୍ଜନ କରେ ମଧୁମୟ
ରାତ୍ରରେ ପୁଣି ଝିଙ୍କାରି ବିଳାପେ
ବର୍ଷେ ଶିଶିର।

ହିମେ କାର୍ତ୍ତିକ ମାର୍ଗଶୀର
କହଇ ଯେ ମଧୁସୂଦନ
ରାତିରେ ପଡ଼ଇ ଶିଶିର
ଆହା କି ବିମୁଗ୍ଧ ବର୍ଣ୍ଣନ।

କହନ୍ତି ସୁଜନେ କାର୍ତ୍ତିକ ଆଗମନେ
କାର୍ତ୍ତିକ ଯେ ଅଟଇ ଧରମ ମାସ
ଚଉଦିଗ ଅବନୀ ହୁଏ ଯେ ପ୍ରଭୁମୟ
ଖୁଦ୍ ବଗ ପକ୍ଷୀ ହୁଅଇ ନିରାମିଷ।

ବିଳମ୍ବ ପ୍ରଭାତେ ଦର୍ଶନ ଦିଅଇ
ଦିବାକର
କୋମଳ କିରଣ ସ୍ପର୍ଶେ ତାହାରି
ପୁଷ୍କରିଣୀ ରେ ଖେଳ ଶତ ଶତଦଳ
ରୁପରାଶି ତାର ଆଣିଦିଏ ଆନନ୍ଦର
ଲହରୀ।

♥ ବି.ଏ.ଜି ପ୍ରଥମ ବର୍ଷ ଛାତ୍ର
ପଳାସ, କଳାହାଣ୍ଡି
ମୋ: ୮୦୧୮୮୨୮୪୫୬

### ଠିକଣା ନଥିବା ଲୁହ

ସୁବ୍ରତ କୁମାର ଜେନା



ଲୁହ ଟୋପେ ଝରିଗଲେ
ଆଖି ପତା ଦେଇ
ବୁଝନ୍ତିନି କେହି କେବେ
ଲୁହ କଣ ପାଇଁ ।

ନୀରବରେ ଝରେକେତେ
ଲୁହ ଲହୁ ହୋଇ
ଆଉକିଛି ଖୋଜିବୁଲେ
ଠିକଣା ତା ପାଇଁ ।

ବିଜନ ବେଳାରେ କେବେ
ଦସ୍ତକ ଦେଇଥାଏ
ଅଚାନକ ଆପଣାକୁ
ଦୁର କରିଦିଏ ।

ରହି ରହି ବାଜେ ପୁଣି
ବିରହର ସ୍ୱନେ
ଅର୍ଦ୍ଧ ରାତ୍ର ଅମାବାସ୍ୟା
ଖୋଜେ ଜହ୍ନ ମନେ ।

ଋତୁ ଆସି ଫେରିଯାଏ
ଫେରେନିରେ ଲୁହ
ଏମିତି ଅନେକ ଲୁହ
କାଟେନିରେ ମୋହ ।

ଠିକଣାକୁ ଛାଡି କେବେ
ମୂଲ୍ୟ ପାଏ ଚିଠି
ଦୁଃଖିନୀର ଭାଗ୍ୟେ ଦୁଃଖ
ଲେଖାଥାଏ ନିତି ।

♥ ଶୂରଡିହ, ନନ୍ଦିପୁର, ଯାଜପୁର
ମୋ:୯୭୭୬୨୦୮୯୩୦

### କାଶତଣ୍ଡିର ଗୀତ

ବୈଷ୍ଣବ ମେହେର



ଶରତ ଆସିଛି ପ୍ରକୃତି ହସୁଛି
ବରଷା ନେଇଛି ବିଦାୟ
କାକର ମୁକୁତା ସକାଳ ପିନ୍ଧିଛି
ଦେବୀ ସ୍ୱାଗତେ ଶାରଦୀୟ ।

ଶରତ ଛୁଆଁରେ ଆଶିଣ ଗାଉଛି
ମୃଦୁ ସମୀରଣ ଗୀତି
ପୁଲକିତ କରି ମନକୁ ଛୁଉଁଛି
ଥିରିଥିରି କାଶତଣ୍ଡି ।

ନୀଳ ଆକଶରେ ଉଭା ଯେ ହୋଇଛି
ତାରା ମେଳେ ତୋଫା ଜହ୍ନ
ସବୁଜ କିଆରି ବଦଳି ଯାଉଛି
ସୁନା ରଙ୍ଗ ଧରେ ଧାନ ।

ପ୍ରଫୁଲ୍ଲିତ ଦେଖ ମାଟିର ମଣିଷ
ଆନନ୍ଦ ବିହ୍ୱଳ ମନ
କାଶତଣ୍ଡି ଭରେ ମନରେ ଉଲ୍ଲାସ
ସଜେଇବ ସବୁ ସ୍ୱପ୍ନ ।

ରଙ୍ଗ ନାହିଁ ତାର ଗନ୍ଧ ନାହିଁ ତାର
ବାସନା କାମନା ହୀନ
ମିଥ୍ୟାପରେ ଦେଖ ବିଜୟ ସତ୍ୟର
କାଶତଣ୍ଡି କରେ ଗାନ ।

♥ ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

### ଶେଷ ଠିକଣା

ଜଗଦୀଶ ସାହୁ

ପାଟି ଖୋଲୁନାହିଁ ମୂର୍ତ୍ତି ମାଆ
କହୁଛୁ ତାକୁ ତୁ ଖାଅ ଖାଅ
ହାତ ଯୋଡ଼ି ଦେଇ ପ୍ରଣତି ଜଣାଇ
ଶ୍ରଦ୍ଧାରେ ଡ଼ାକୁଛୁ ମାଆ ମାଆ !
ମୂର୍ତ୍ତି ମାଆ ପାଶେ କରି ଅଳି
ଦୁଃଖ ଜଣାଉଛୁ ଲୁହ ଢ଼ାଳି
ଭାବ ଭକତିରେ ପ୍ରତିମା ପାଦରେ
ଶରଣ ପଶୁଛୁ ଦୀପଜାଳି !
ଜନମଦାତ୍ରୀକୁ ପର କଲୁ
ବୃଦ୍ଧାଶ୍ରମ ନେଇ ଛାଡିଦେଲୁ
ତା' ପାଇଁ ଥରେ ନଭାବି ମନରେ
ଫଟୋପୂଜା ପାଇଁ ମନଦେଲୁ !
ଯା' ଲାଗି ଦେଖିଲୁ ସୂର୍ଯ୍ୟୋଦୟ
ସେଇ ମାଆ ଆଜି ଅସହାୟ
ମୂର୍ତ୍ତିପାଦ ଛୁଇଁ କାନ୍ଦୁ କଇଁକଇଁ
ଧିକ ତୋର ପୁତ୍ର ପରିଚୟ !
ହେଲାଣି ତୋହର ବୁଦ୍ଧି ବାମ
ସେ ଲାଗି କରୁଛୁ ମନ୍ଦକାମ
ବାପା ମାଆ ଭୁଲି ମୂର୍ତ୍ତି ପୂଜା କଲେ
ଶେଷ ଠିକଣା ତୋ' ନର୍କଧାମ !

♥ ସଞ୍ଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

# ଗ୍ୱଷ ଅଛି ଯାହାର, କି ଆନନ୍ଦ ତାହାର !

ଇଂ. ବିଦ୍ୟାଧର ପଣ୍ଡା



ପିଲାଦିନେ ଛବିବହିରେ ପଢିଥିବା ଚିରପରିଚିତ ପଦଟିଏ ମନେପଡ଼େ, 'ଗ୍ୱଷ ଅଛି ଯାହାର, କି ଆନନ୍ଦ ତାହାର। ଗ୍ୱଷୀଭାଇ ଯୋଗାଉଛି ଦୁନିଆକୁ ଆହାର।' ଏବକାର କଥା କିନ୍ତୁ କ'ଣ ସେଇଆ। ଏମିତିରେ ତ ମଝିରେମଝିରେ ଗୋଟିଏ ଗୋଟିଏ ଗ୍ୱଷୀ ଆତ୍ମହତ୍ୟା ଖବର ଶୁଣୁଥିଲେ କିନ୍ତୁ ଗତ ବାତ୍ୟା ହେଲେ ଓଡ଼ିଶାରେ ହଜାର ହଜାର ଏକର ପନିପରିବା ଗ୍ୱଷୀଙ୍କୁ ନିଷ୍ଠୁର ଭାବେ ପ୍ରଚଣ୍ଡ ପ୍ରହାର କରିଛି। ମଞ୍ଜି ପଇସା ଉଠିବା କଷ୍ଟ ମୂଲିଆମଜୁରି କଥା ଛାଡ଼। ଅଧିକାଂଶ ଗ୍ୱଷୀ ଋଣଭାର ଚନ୍ତାରେ ମୁଣ୍ଡରେ ହାତ ଦେଇ ସରକାରୀ ଅଧିକାରୀମାନଙ୍କୁ ଗ୍ୱହିଁ ବସିଛନ୍ତି। ଏସବୁ ବିଷୟରେ ତତ୍ପରତା ଟିକିଏ ଅଧିକ ହେଲେ ଭଲ, ନଚେତ୍ ସରକାର କ୍ଷୟକ୍ଷତିର ଆକଳନ କରି ଠେଙ୍ଗା ସଜ କରୁକରୁ ଛେଳି ମଙ୍ଗଳପୁରରେ ଉଠିଥିବ। ତେଣୁ ସେହି ପ୍ରଥମ ପଦଟିକୁ ସମ୍ପୂର୍ଣ୍ଣ ବଦଳାଇ ବରଂ ଏହା କହିଲେ ଯଥାର୍ଥ ହେବ ଯେ, 'ଗ୍ୱଷ ଅଛି ଯାହାର, କି ବିଷାଦ ତାହାର। ଗ୍ୱଷୀଭାଇ ଅନାଉଛି ସରକାରୀ (ମାହାଳିଆ) ଆହାର'।

ସ୍ୱାଧୀନତା ପରେ କେତେ ସରକାର ଆସିଲେଣି, କେତେ ଗଲେଣି ତାର ହିସାବ ନାହିଁ କିନ୍ତୁ ଧାନର ନ୍ୟୁନତମ ସହାୟକ ମୂଲ୍ୟବୃଦ୍ଧି ଘଟଣାର ବିଗ୍ୱର ଗୋଟିଏ ବୁଢା ଛତାକଇଁଛ ବେଗରେ ଗ୍ୱଲିଛି ଏବଂ ଆଗକୁ ଗ୍ୱଲିବ ମଧ୍ୟ। ବହୁତ କାଜୁ ପେସ୍ତାବାଦାମଖିଆ ମୁଣ୍ଡ ଶୀତତାପ ନିୟନ୍ତ୍ରିତ କୋଠରୀ ଭିତରେ ଏଥିପାଇଁ ଲାଗୁଛି କିନ୍ତୁ ଫଳାଫଳ ଶୂନ। ଗ୍ୱଉଳକୁ ଛାଡ଼ି ଆମେ ଗୋଟିଏ ତେଜରାତି ଦୋକାନରେ ଆଖି ପହଁରେଇଦେଲେ ହଜାରେ ଖାଦ୍ୟ ଜିନିଷ ଉପରେ ଆମର ନଜର ପଡ଼ିବ। ସେଗୁଡ଼ିକର ନ୍ୟୁନତମ ମୂଲ୍ୟ ଖାଦ୍ୟ ପଦାର୍ଥର ଉତ୍ପାଦକର୍ତ୍ତା କିମ୍ବା ମାଲିକ ନିର୍ଦ୍ଧାରଣ କରନ୍ତି। ସେଥିରେ ମାଲିକଙ୍କର ଲାଭ, ବଡ଼ବଡ଼ ପଦପଦବୀରେ ଥିବା ଅସଂଖ୍ୟ ଲୋକଙ୍କ ଦରମା, ବୋନସ ଓ ୱେଲ୍‌ଫେୟାର୍ ସ୍କିମ୍ ସହ ବିଦେଶଗସ୍ତ ଖର୍ଚ୍ଚ ଆଦି ବି ଯୋଡ଼ାଯାଇଥାଏ। କଷ୍ଟରେ ମରିବାକୁ ଜନ୍ମ ହୋଇଥିବା କଷ୍ଟମର୍ ବା ଗ୍ରାହକ ବିଚରା ଦନ୍ତମଞ୍ଜନକୁ କିଲୋ ଛଅଶହ ଟଙ୍କା ଦେଇ କିଣିବାକୁ ବାଧ୍ୟ। ଓଃ, ଆପଣ ତ ତିରିଶଟଙ୍କା ଦେଇ ପଗ୍ୱଶଗ୍ରାମ କିଣିଛନ୍ତି, ତେଣୁ କିଲୋ ଛଅଶ' ହେଲେ ଆପଣଙ୍କ ଯାଏ ଆସେ କେତେ ! ନା, ଏବେ ଏସବୁ ପରଖିବାର ସମୟ ଆସିଛି, କେତେଦିନ ଧରି ସମାଜ ଗ୍ୱଷୀକୁଳକୁ ଠକି ଗ୍ୱଲିଥିବ ? ଯଦି ଜଣେ କୃଷକ ପିଟରଇଙ୍ଗ୍ଲଣ୍ଡ ସାର୍ଟ ପିନ୍ଧି ହଳ କରନ୍ତା, ତା ସ୍ତ୍ରୀ କୋଡିଏ କି ତିରିଶ ହଜାର ଟଙ୍କାର ପାଟଶାଢୀ ପିନ୍ଧି ମଂଜି ବୁଣନ୍ତା ଓ ଝିଅ କ୍ରପ୍‌ଟପ୍ ସାଙ୍ଗକୁ ଡିଜାଇନ ହଟ୍ ଜିନ୍‌ସ୍‌ରେ ବିଲ ବାଛନ୍ତା ତେବେ ଏସବୁ ଯୋଡ଼ି ଧାନର ନ୍ୟୁନତମ ମୂଲ୍ୟ କେତେ ହୁଅନ୍ତା ? ବାକି କଥା ଗାଧୋଇଯାଉ ଯଦି ଗ୍ୱଷୀ ପରିବାରର ଅଣ୍ଟାରୁ ଭେଣ୍ଡାଯାଏ ଯେତିକି ପରିଶ୍ରମ କରନ୍ତି ସମସ୍ତଙ୍କ ମଜୁରି ସରାକରୀ ଦରରେ ହିସାବକରି ଯୋଡ଼ାଯିବ ତେବେ ଧାନର ନ୍ୟୁନତମ ମୂଲ୍ୟ କ୍ୱିଂଟାଲ୍ ପିଛା ଗ୍ୱରିହଜାର ହେବ। କ'ଣ ଆଜ୍ଞା ବକବାସ କଥା ! ହେଲେ ହେଲା। ତୁମେ ତାକୁ ଟଙ୍କିକିଆ ଗ୍ୱଉଳ , ମାଗଣା ଶିକ୍ଷା, ସ୍ୱାସ୍ଥ୍ୟ, ମମତା ଯୋଜନା ଠାରୁ ଆରମ୍ଭ କରି ମଲାପରେ ପୋଡ଼ିହେବା ପାଇଁ ହରିଶ୍ଚନ୍ଦ୍ର ଯୋଜନା ଦ୍ୱାରା କାଠ, ଘିଅ ଆଦି ଥୋପଦେଇ ଗୋଟିଏ ଶୋଷିତ ଦାସପରି ବଂଚେଇବାକୁ ଗ୍ୱହୁଁଛ। ଯେତେଯେତେ ସିଧାସିଧା ଟଙ୍କାବଂଟା ଯୋଜନା ସେଥିରେ ଗ୍ୱଷୀର ଉନ୍ନତି ଅପେକ୍ଷା ନିଜ ରାଜନୀତିର ବାସ୍ନା କିଛି ମୁଷ୍ଟିମେୟ ରାଜନେତାଙ୍କର ଉନ୍ନତି ସମ୍ଭାବନା ଅଧିକ।

ବେଶି ନୁହେଁ ତିରିଶ ଗ୍ୱଳିଶ ବର୍ଷ ତଳର କଥା। ଗ୍ୱଷୀଘରେ ଜନ୍ମ ହୋଇଥିବାରୁ ମୋ ପିଲାବେଳର ଅଙ୍ଗେନିଭା କଥା। କେବଳ ୟୁରିଆ ଓ ଗ୍ରୋମର ସାର କେଇକିଲୋ ଗ୍ୱଷୀମାନଙ୍କୁ ରିହାତି ଦରରେ ମିଳିବା ଛଡ଼ା କିଛି ଲାଭକାରୀ ଯୋଜନା ଉପଲବ୍ଧ ନଥିଲା। କିନ୍ତୁ ସେତେବେଳେ ଗ୍ୱଷୀମାନଙ୍କ ଅବସ୍ଥା ଆଜିର ଗ୍ୱଷୀମାନଙ୍କ ପରି ଦୟନୀୟ ନଥିଲା। ଗାଁ ଭାଁ କିଏ କେମିତି ଜଣେ ଦି'ଜଣ ଗ୍ୱକିରି ପାଇ ଯାଉଥିଲେ, ବାକି ସବୁ ସେହି ଗ୍ୱଷ ଉପରେ ନିର୍ଭର କରି ଚଳୁଥିଲେ। ଗୁହାଳରେ ବନ୍ଧା ହୋଇଥିବା ବଳଦ ଦେଖି ଜଣା ପଡୁଥିଲା କେତେ ଏକର ଗ୍ୱଷଜମି ଅଛି। ଏବେ ଗାଁରେ ଲଙ୍ଗଳ, ୟୁଆଳୀ, ଶଗଡ଼ଟିଏ ଦେଖିବା ସାତ ସପନ। ଅନେକ ଗ୍ୱଷୀଙ୍କର ନିଜର ଜମି ନଥିଲେ ସୁଦ୍ଧା ଅନ୍ୟର ଜମିକୁ ଭାଗରେ ଆଣି କରୁଥିଲେ। ଗ୍ୱରି ପାଂଚ ଏକର ଜମିରୁ ଦଶପ୍ରାଣି କୁଟୁମ୍ବ ଆରାମରେ ଚଳି ଯାଉଥିଲେ। ଝିଅଟିକୁ ବାହା ଦେବାପାଇଁ ଝିଅର ବାପା, ମାମୁଁ କି କକା ପୁଅଘର ପଛପଟକୁ ଯାଇ ପ୍ରଥମେ ପାଳଗଦା, ନଡ଼ାଭାଡ଼ି, ଗୁହାଳରେ ଗାଈ ବଳଦ ଖାଉଥିବା ପଥର କୁଣ୍ଡ, ଓଦର, ଧାନ ଅମାରଘର ଭିତରେ ଡ଼ୋଲିର ଉଚ୍ଚତା, ବିହନ ଓଳିଆ ସବୁ ଦେଖିଲା ପରେ ଯାଇ କଥା ଆଗଉଥିଲେ। ଧାନ ଅମଳ ବେଳେ ପଶୁ ମାନେ କେତେ ପାଳ ଖାଇବେ, କେତେ ନଡ଼ା ଘର ଛପରକୁ ଲାଗିବ ସେହି ହିସାବରେ ଧାନ ମୂଳରୁ ନହେଲେ ଥୋଡ଼ କାଟି ବେଙ୍ଗଳା ପଡୁଥିଲା। ମେଡିଖୁଂଟ ଗ୍ୱରିପଟେ ତିନିଗ୍ୱରି ହଳବଳଦ ବାନ୍ଧି ଗୋଲଗୋଲ ବୁଲେଇବା କାମ ଗ୍ୱଷୀ ପରିବାରର ଆଠ ଦଶବର୍ଷର ପିଲା ବି ସମ୍ଭାଳି ନେଉଥିଲେ। ବେଙ୍ଗଳା ସରିଲା ପରେ ଧାନକୁ ଉଡ଼ାଇ ବାଲୁଙ୍ଗା ପାଛୁଡ଼ି ଦେଇ ପ୍ରଥମେ ବିହନ ଓଳିଆ ବନ୍ଧାହେଉଥିଲା। ତାପରେ ଦୁଇବର୍ଷ ପାଇଁ ନିଜର ପରିବାରର ଯେତିକି ଦରକାର ତାକୁ ଡ଼ୋଲିରେ କିମ୍ବା ଖଣିରେ ଭର୍ତି କରିସାରିଲା ପରେ ବିକାବିକି କଥା ଚିନ୍ତା କରାଯାଉଥିଲା। ପରିବାରରେ ଛୁଆଟିଏ ଜନ୍ମ ହେବା ମାତ୍ରେ କ୍ଷୀରଦିଆ ଗାଈ ଆଣି ଗୁହାଳରେ ବାନ୍ଧିବା କଥା ମନକୁ ଆସେ। କୁଣିଆ ମୈତ୍ର ଘରକୁ ଆସିଲେ ମାଆ ଗ୍ଲାସ୍‌ଟିଏ ନେଇ ପାଏକ୍ଷୀର ଦୁହିଁ ଆଣି ଗ୍ୱ କରନ୍ତି।

ଦିନଚର୍ଯ୍ୟାର ଆରମ୍ଭ ଗାଈର ଗୋବର ଉଠାରୁ ହୁଏ। ଘରଦୁଆର ଦାଣ୍ଡ ପହଁରା ସହ ପ୍ରଥମେ ଗୋବର ପାଣି ଛିଂଚାହେବା ପରେ ଓଳାଓଳି ସରିଲେ ବାସନମଜା, ଗୁହାଳ ପୋଛା ଆଦି କାମରେ ପୁରା ପରିବାରକୁ ସକାଳୁ ସଂଜଯାଏ ଫୁରୁସତ ନଥାଏ। ବାଉଁଶ ତିଆରି ଗାଣ୍ଡୁଆରେ ଗୋବର ଗୁହାଳ କୋଣରେ କିମ୍ବା ବାଡ଼ି ପଛପଟରେ ଅଲଗା ରଖାଯାଏ। ଘରକାମ ରୋଷେଇ ବାସ ସାରି ମହିଳାମାନେ ଘସି ପାରନ୍ତି। ବର୍ଷାଦିନେ ଚୁଲିଜାଳ କାଠ ଓଦା ହେଲେ ଘସି ବହୁତ କାମରେ ଆସେ। ଘସିନିଆଁରେ ବାଇଗଣ କି ଆଳୁ ପୋଡ଼ି କଂଚାଲଙ୍କା ପିଆଜ ରସୁଣ ଚକଟି ଭର୍ତାରେ ଅଳ୍ପ କଳ ପେଡ଼ା ଖଂଟି ସୋରିଷ ତେଲ ପକେଇଲେ ଯେଉଁ ସ୍ୱାଦ, ତାହା କ'ଣ ଗ୍ୟାସ୍‌ଚୁଲା ବର୍ଣ୍ଣର୍‌ରେ ଗଡ଼େଇତଡ଼େଇ ପରିବା ପୋଡ଼ି ତିଆରି କଲେ ହେବ ! ମୋଟା ମୋଟି ସେତେବେଳର ଗାଁ ଅର୍ଥନୀତି ସୁଦୃଢ ଥିଲା। ଲୋକମାନେ ଆଜିଠାରୁ ବେଶି ଅର୍ଥପୂର୍ଣ୍ଣ ଜୀବନ ସହ ଆନନ୍ଦ ଉଲ୍ଲାସରେ ରହୁଥିଲେ। ନଦୀ ପୋଖରୀକୁ ଗାଧୋଇ ଯିବାପାଇଁ କିଛିବାଟ ଗ୍ୱଲିବାରେ ସବୁଦିନେ ମର୍ଣ୍ଣିଂୱାକ୍ ହୋଇ ଯାଉଥିଲା, କୂଅରୁ ପାଣି କାଢି ପିଇବା ଓ ଗଛମୂଳେ ଢାଳିବାରେ ହାତର ବଢିଆ ବ୍ୟାୟାମ ହେଉଥିଲା। ଆଜି ନଳ ଖୋଲିଲେ ପାଣି, ସାୱାର ତଳ ଗାଧୁଆ ସେକାଳର ମୁଣ୍ଡବୁଡ଼ା ଚଳାପାଣି ସାଙ୍ଗରେ କ'ଣ ସମାନ !

ବିଳାସ ବ୍ୟସନ ନାଁରେ ବିଶେଷ କିଛି ନଥିଲେ ମଧ୍ୟ ପ୍ରତି ସନ୍ଧ୍ୟାରେ ଭାଗବତ ଟୁଙ୍ଗୀରେ ପଣ୍ଡିତେ ଭରପୁର ମନୋରଞ୍ଜନ କରୁଥିଲେ। ବାରମାସରେ ତେର ପର୍ବର ପିଠାପଣା ସହ ନୂଆନୂଆ ପୋଷାକ ଇତ୍ୟାଦିରେ ଗୋଷ୍ଠୀ ଜୀବନ ଆନନ୍ଦିତ ହେଉଥିଲା। ନିଜନିଜ ଭିତରେ ସ୍ନେହସୌହାର୍ଦ୍ଦ୍ୟର ସମାଜିକ ବାତାବରଣ ଭଲ ରହୁଥିଲା। ଜଣଙ୍କ ସୁଖଦୁଃଖରେ ଅନ୍ୟଜଣେ ସ୍ୱତଃପ୍ରବୃତ ଭାଗ ନେଉଥିଲା। ଜଣଙ୍କଘରେ ଚୁଲି ଲାଗିଲେ ଗ୍ୱଳ ଉପରକୁ ଧୂଆଁ ବାହାରିବା ଦେଖି ଅନ୍ୟଜଣେ କରଛୁଲି ଡ଼ଙ୍କି ସାହାଯ୍ୟରେ ରଢନିଆଁ ନେଇ ତାର ଚୁଲି ଜଳାଉଥିଲା। କାହାଘରକୁ କୁଣିଆ ଆସିଲେ ପଡ଼ିଶାଘରୁ ଗ୍ୱ, ଚିନି, କ୍ଷୀର ସବୁ ମିଳି ଯାଉଥିଲା। ସାହି ପଡ଼ିଶାରେ କାହାଘରେ ଯଦି କିଛି ଭଲମନ୍ଦ ହେଲା ନିଶ୍ଚିତ ଭାବେ ବଂଟାବଂଟି ପାଇଁ ଆଗରୁ ଯୋଜନାବଦ୍ଧ ଭାବରେ ପିଠାପଣା ତିଆରି କରାଯାଉଥିଲା। ଗ୍ରାମଦେବୀ ଜଟିଆବାଉତୀଙ୍କ ପାଖରେ ପଣା ସଂକ୍ରାନ୍ତିରେ କାଳେଶୀ ଯୋଗିଆ ଗଉଡ଼ବାପା ହାତରେ ଚୁଲିଉପରେ ରନ୍ଧା ଯାଉଥିବା କ୍ଷୀରିହଣ୍ଡା ଘାଂଟିବା ସହ ଜଳନ୍ତାଚୁଲିରୁ ଗାଁଟିଯାକର ଲୋକଙ୍କୁ ଡ଼ହଡହ ଗରମକ୍ଷୀରି ପ୍ରସାଦ ବାଂଟିବା, ଜଳନ୍ତା ନିଆଁରେ ଖାଲିପାଦରେ ଦୌଡ଼ିଦୌଡ଼ି ଝାମୁଁ ଗ୍ୱଲିବା ଆଦି ସବୁ ଗାଁ କଥା ଆଜି ଆଉ ନାହିଁ। ଅକ୍ଷୟତୃତୀୟା ଦିନ ଅକ୍ଷିମୁଠି ଅନୁକୁଳଦିନ ଚଷାମୁହଁର ହସ, ବୁଢେଇ ଓଷା, ଶନିଓଷା, ଖୁଦୁରୁକୁଣୀ, ଜହ୍ନିଓଷା ଓ ରଜଦୋଳି ଉପରେ ଗାଁ ଝିଅବୋହୂମାନଙ୍କର ଯେଉଁ ଖିଲିଖିଲି ଚେହେରା ଏବେ କେଉଁଠାରେ ଆବିଷ୍କାର କରିହେବ ନାହିଁ। ମୋ ଜାଣିବାରେ ୧୯୯୫ ମସିହା ପର୍ଯ୍ୟନ୍ତ ଆମ ଗାଁକୁ କେବେ କୌଣସି ଦିନ ପୋଲିସ ଆସିନି କି ଗୋଟିଏ ବି ମାମଲା ନ୍ୟାୟାଳୟରେ ପଞ୍ଜିକରଣ ହୋଇନାହିଁ। ଯାହା କିଛି ହେଲେ ଡ଼ାକ ସେ ପଂଚ ପରମେଶ୍ୱର ଭାଗିରଥୀ ପଣ୍ଡା, ରାମଚନ୍ଦ୍ର ପାଣି, କାଶୀ ପଣ୍ଡା, ମାଗୁଣୀ ରାଉତ, ପଠାଣୀ ପଣ୍ଡା ଓ ସନ୍ତୋଷ ବେଉରୀକ୍। ଦି ତିନି ଘଂଟାରେ ସବୁ ସମାଧାନ।କେତେବେଳେ ଜୋରିମନା ତ କେତେବେଳେ କ୍ଷମା ପ୍ରାର୍ଥନା। କିନ୍ତୁ ବିଗ୍ୱରରେ ପକ୍ଷପାତିତା ନଥିଲା, ସଦା ସର୍ବଦା ସର୍ବମାନ୍ୟ ନିଷ୍ପତ୍ତି ହେଉଥିଲା।

ଆଜିକାଲି କିଏ କାହାକୁ ମାନୁଛି ? ମୁରବୀଙ୍କର କଚ୍ଛା ଖୋଲି ଚୁନଲଗାଇ ସୁଉକି ବୋଲି ପାଟି କରୁଛନ୍ତି। ଆଜିର ଗାଁରେ ଭାଗବତ ଟୁଙ୍ଗୀରେ କ୍ଲବଘର ଗଢାହୋଇଛି। ଭାଗବତ ପୋଥୀ ଉପରେ ପ୍ଲାଷ୍ଟିକ୍ ଗ୍ଲାସ୍ ରଖି କ୍ଲବପିଲା ମଦ ପିଉଛନ୍ତି। କିଛି ନ୍ୟସ୍ତସ୍ୱାର୍ଥ ରାଜନେତା ଏଭଳି ଯୁବକମାନଙ୍କୁ ପ୍ରୋତ୍ସାହନ ଦେଉଛନ୍ତି। ଯୁବଗୋଷ୍ଠୀ ଏବେ ବିପଥଗାମୀ ହୋଇସାରିଲାଣି। ଗ୍ୱଷ କାମ ପ୍ରତି କୌଣସି ଯୁବକର ତିଳେହେଲେ ଆଗ୍ରହ ନାହିଁ। ଆମେ ବହୁତ ବଡବଡ ଯୋଜନା ଗ୍ୱଷୀଙ୍କ ପାଇଁ ଘୋଷଣା କରି ଦିର୍ନ୍ନୀତିକୁ ପ୍ରସ୍ରୟ ଦେଉଛେ କିନ୍ତୁ ଗ୍ୱଷୀର ଫସଲବୀମା ଠିକ୍‌ରେ କାହିଁକି କରିପାରୁନେ ? ବସମାଲିକର ବସ ଘାଟି ତଳକୁ ଖସି ଚୁର୍‌ମାର୍ ହୋଇ ଜଳିଗଲେ ତା ମଥାରୁ ଝାଳ ବାହାରୁନି କିନ୍ତୁ ଗ୍ୱଷୀଟିଏ ଥରେ ଗୋଟିଏ ଫସଲରେ ହାରିଗଲେ କଣପାଇଁ ଆତ୍ମହତ୍ୟା କରୁଛି ? ତାକୁକଣ ବିଶ୍ୱନିୟନ୍ତାର ଏହି ସୁନ୍ଦର ପ୍ରକୃତି ପ୍ରିୟ ନୁହେଁ ? ସିଏ କଣ ଗ୍ୱହେଁନି ତାର ବଢିଲା ଝିଅକୁ ଓଢଣି ତଳେ ବୋହୂ ବେଶକରି ଶାଶୁଘର ପଠାଇବାକୁ। ତାର ସ୍ତ୍ରୀର ସୀମନ୍ତର ସିନ୍ଦୁର ଅସମୟରେ ପୋଛି ଛୁଆଗଡ଼ାଙ୍କୁ ବାପଛେଉଣ୍ଡ କରିବାରେ ତାକୁ କିଲାଭ ମିଳୁଛି ? କେଉଁ ଜଞ୍ଜାଳରୁ ସିଏ ମୁକ୍ତି ହେବାପାଇଁ ପୋକମରା ଔଷଧ ଶିଶି ଫଲ୍‌ଡଲ୍‌ରୁ ଦି'ଢୋକ ପିଇ ଜମିହିଡ଼ ତଳକାନିରେ ଗାମୁଛା ଘୋଡ଼େଇ ଶୋଇଯାଉଛି ? କିଛି ଯୋଜନା ଦରକାର ନାହିଁ, କୃଷୀଜାତ ଦ୍ରବ୍ୟର ବୀମା ପଇସା ସରକାର ଦେଉ। ମରୁଡ଼ି କି ବଢି ଭଳି ଦୈବୀଦୁର୍ବିପାକରେ କିଛି ବି ନଷ୍ଟହେଲେ ଗ୍ୱଷୀର କିଛି ଚିନ୍ତା ଯେମିତି ନରହେ, ଏତିକି ଖାଲି କରି ଗ୍ୱଷୀକୁ ତାର ପ୍ରକୃତ ପ୍ରାପ୍ୟ ଦେବାର ବନ୍ଦୋବସ୍ତ କର, ଦେଖିବ ପୁଣିଥରେ ଏହି ଓଡ଼ିଶା ହସିବ। ଭିକାରିପରି ଭାବି ଟଙ୍କିକିଆ ଗ୍ୱଉଳ, ମମତା ରୁ ହରିଶ୍ଚନ୍ଦ୍ର ସହ ସବୁ ବନ୍ଦକର କିଛି ଦରକାର ନାହିଁ। ଆଜିକା ଦିନରେ ଫନି ମହାବାତ୍ୟାରେ ନଷ୍ଟ ହୋଇଯାଇଥିବା ହଜାରହଜାର ଏକରର ଟମାଟୋ, ଭେଣ୍ଡି, ଝୁଡ଼ଙ୍ଗ, ବାଇଗଣ ଧନିଆ, କଂଚାଲଙ୍କା ପରି ପନିପରିବା ପାଇଁ ଯଦି ବୀମା ଯୋଜନା ଥାଇ ଗ୍ୱଷୀମାନଙ୍କୁ ଲାଭ ନ'ହେଉ ମୂଳ ପଇସା ଦିଆ ଯାଇପାରନ୍ତା ତେବେ କେହି ଜୀବନ ହାରିବା କଥା ମୁଣ୍ଡରେ ପୁରାନ୍ତେନି। କୌଣସି ମାଲିକ କି ଉତ୍ପାଦକର୍ତ୍ତାଙ୍କର ଯଦି ଚିନ୍ତା ନାହିଁ ତେବେ ଗ୍ୱଷୀ କୁଳକୁ କ'ଣ ଚିନ୍ତା ରହିତ କରା ଯାଇପାରିବନି ! କେବଳ ଏତିକି ସମ୍ଭବ ହେଲେ ଆମେ ସେଇ ପୁରୁଣା ପଦଟିକୁ ପୁଣି ଥରେ ଖୁସିରେ ଦୋହରାଇବା, 'ଗ୍ୱଷ ଅଛି ଯାହାର, କି ଆନନ୍ଦ ତାହାର। ଗ୍ୱଷୀଭାଇ ଯୋଗାଉଛି ଦୁନିଆକୁ ଆହାର'।

ଖ- ୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି
ଭୁବନେଶ୍ୱର-୭୫୧୦୧୯, (ମୋ)- ୯୪୩୯୧୨୮୦୫୦

## ଛୋଟ ଛୋଟ ଘରକରଣା ଟିପ୍ସ

ଘରକୁ ସଫା ରଖିବା ସହିତ ଘରର ସବୁ ଜିନିଷକୁ ସଫା ରଖିବା ମଧ୍ୟ ଜରୁରୀ। ଘରର ଚଟାଣ ହେଉ ଅବା ରୋଷେଇ ଘରେ ବ୍ୟବହୃତ ଗ୍ୟାସ୍ ? ଓ ବାସନକୁସନଗୁଡ଼ିକୁ ସଫା ରଖିବା ବହୁତ ଜରୁରୀ। ଏସବୁକୁ ସଫା କଲା ବେଳେ କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ, ତା'ହେଲେ ଏଗୁଡ଼ିକୁ ଆପଣ ଖୁବ୍ ସହଜରେ ସଫା କରିପାରିବେ। ଆସନ୍ତୁ ପଢ଼ିବା ସେମିତି କିଛି ଟିପ୍ସ।

♦ ବାସନରେ ପୋଡାଦାଗ ଥିଲେ ସେଥିରେ ଅଳ୍ପ ବେକିଙ୍ଗ ସୋଡା ଓ ଭିନେଗାର ପକାଇ ଅଳ୍ପ ସମୟ ପରେ ମାଜି ଦିଅନ୍ତୁ। ଦେଖିବେ ପୋଡା ଦାଗ ଛାଡିଯିବ।

♦ ଘରେ କ୍ଷୀର ଛିଣ୍ଡି ଯାଇଥିଲେ, ତାକୁ ନ ଫୋପାଡି ଛେନା କରନ୍ତୁ। ସେହି ଛେନାକୁ ଅଟା ଚକଟାରେ ବ୍ୟବହାର କରନ୍ତୁ। ରୁଟି ନରମ ଓ ସୁଆଦିଆ ହେବ।

♦ ରୁଟି ତାୱାରୁ ପୋଡା ଦାଗ ଛଡାଇବା ପାଇଁ ତାୱାକୁ ଗରମ କରି ସେଥିରେ ଫାଳେ ଲେମ୍ବୁ ଘଷି ଦିଅନ୍ତୁ। ପରେ ଅଳ୍ପ ବେକିଙ୍ଗ ପାଉଡର ପକାଇ ଫାଳେ ଲେମ୍ବୁ ଚିପୁଡି ବାସନ ମଜାରେ ମାଜି ଦିଅନ୍ତୁ। ଦେଖିବେ ତାୱାରୁ ପୋଡା ଦାଗ ଛାଡ଼ି ସଫା ହୋଇଯିବ।

♦ ଗ୍ରାଇଣ୍ଡର ଜାର ସଫା କରିବାକୁ ଚାହୁଁଥିଲେ, ସେଥିରେ ଅଳ୍ପ ବାସନ ମଜା ଲିକ୍ୱିଡ ପକାଇ ଅଳ୍ପ ପାଣି ଦେଇ ଗ୍ରାଇଣ୍ଡିଙ୍ଗ କରିଦିଅନ୍ତୁ। ପରେ ଭଲ ପାଣିରେ ଧୋଇଦିଅନ୍ତୁ। ଜାର ଭଲରେ ସଫା ହୋଇଯିବ।

♦ ଫ୍ରିଜରେ ପନିର ରଖିଥିଲେ ଏୟାର ଟାଇଟ ଡବାରେ ପାଣି ଦେଇ ବନ୍ଦ କରିରଖନ୍ତୁ। ଏପରି କଲେ ପନିର ସତେଜ ରହିବ।

# କର୍ମଜୀବୀ ମହିଳା କିପରି କରିବେ ଟାଇମ୍ ମ୍ୟାନେଜ୍‌ମେଂଟ

ଆମକୁ ଛୋଟ ବେଳୁ କୁହାଯାଇଥାଏ ଯେ, 'ସମୟ ସବୁଠୁ ବଳବାନ'। ଆମେ ଯଦି ସମୟକୁ ସଠିକ୍ ଭାବେ ଉପଯୋଗ କରିପାରିବା ତାହାଲେ ସେ ଆମକୁ ସଠିକ୍ କର୍ମ ଫଳ ଦେବ। ଛୋଟରୁ ବଡ଼ ହେଲା ପର୍ଯ୍ୟନ୍ତ ବାପା ମାଆ ସବୁବେଳେ କହିଥାନ୍ତି ଯେ, ଝିଅ ସମୟ ନଷ୍ଟ କରନା, ନ ହେଲେ ଆଗକୁ ବହୁତ ଅସୁବିଧା ହେବ। କିନ୍ତୁ ସତ କହିଲେ, ଆମ ଭିତରେ କେତେଜଣ ଅଛନ୍ତି ଯେଉଁମାନେ ସମୟର ସଠିକ୍ ଉପଯୋଗ କରିଥାନ୍ତି ?

ଆମେ ଯେତେ ବଡ଼ ହେଉ ଆମ ଉପରେ ଦାୟିତ୍ୱ ମଧ୍ୟ ବଢ଼ି ବଢ଼ି ଚାଲିଥାଏ। ସେ ସବୁ ଦାୟିତ୍ୱ ସମ୍ପାଦନ କରିବା ଭିତରେ ଆମ ପାଖରେ ସମୟର ଅଭାବ ଦେଖାଦେଇଥାଏ। ବିଶେଷ କରି ଆଜିକାଲିର କର୍ମଜୀବୀ ମହିଳାଙ୍କ କ୍ଷେତ୍ରରେ ସମୟର ଘୋର ଅଭାବ ଦେଖାଦେଇଥାଏ। ଆମେ ଯଦି କୌଣସି କର୍ମଜୀବୀ ମହିଳାଙ୍କୁ କିଛି ପଚାରିଥାଉ ତାହାଲେ ସେମାନଙ୍କଠାରୁ ପ୍ରଥମ ଉତ୍ତର ଏଇୟା ଶୁଣିବାକୁ ମିଳେ ଯେ, ଏତେ ସବୁ କାମ କରିବାକୁ ସମୟ କୋଉଠି ମିଳୁଛି।

ତେବେ ଘରେ ମହିଳା ମାନଙ୍କ ଉପରେ ବିଶେଷ କରି ବିବାହିତ ମହିଳା ମାନଙ୍କ ଉପରେ ଅନେକ ପ୍ରକାର ଦାୟିତ୍ୱ ରହିଥାଏ। ସେମାନେ ନିଜ ପରିବାରର ଦାୟିତ୍ୱ ତୁଲାଇବା ସହ ସହ କର୍ମକ୍ଷେତ୍ରରେ ମଧ୍ୟ ଅନେକ ଦାୟିତ୍ୱ ନିର୍ବାହ କରିଥାନ୍ତି। ତେବେ ଏହି ସବୁ କାମ ଭିତରେ ଟାଇମ୍ ମ୍ୟାନେଜ୍‌ମେଣ୍ଟ ନ କରିବାରୁ ଅଫିସ୍ ଯିବାରେ ଡେରି ହେଇଥାଏ, ନିଜର ଧ୍ୟାନ ନ ରଖିପାରିବା ସହ ଅନ୍ୟମାନଙ୍କୁ ସମୟ ଦେଇ ପାରି ନଥାନ୍ତି ଓ ଏପରି ଆହୁରି ଅନେକ ସମସ୍ୟା ଦେଖାଦେଇଥାଏ।

ତେବେ ଆପଣ ଯଦି କର୍ମଜୀବୀ ମହିଳା ହୋଇଥାନ୍ତି, ତାହାଲେ ନିଜ ସମୟକୁ କିପରି ବ୍ୟବହାର କରି ସବୁ ଦାୟିତ୍ୱ ସଠିକ୍ ଭାବେ ସମ୍ପାଦନ କରିପାରିବେ, ପଢ଼ନ୍ତୁ..

❒ ଅନେକ ସମୟରେ ଆମେ ଦେଖିଥାଉ ଯେ, ସମୟ ସଠିକ୍ ଭାବେ ପରିଚାଳନା କରିବା ପାଇଁ କେତେଜଣ ଖସଡ଼ା ବା ଟାଇମ୍ ଟେବୁଲ ପ୍ରସ୍ତୁତ କରିଥାନ୍ତି। ସକାଳୁ ଉଠିବାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ସବୁ ଟାଇମ୍ ଟେବୁଲ ପ୍ରସ୍ତୁତ କରିଥାନ୍ତି। କିନ୍ତୁ ଦିନେ କି ଦୁଇ ଦିନ ଯାଏ ତାହା କାର୍ଯ୍ୟକାରୀ ହୁଏ ଆଉ ତା ପରେ ପୂର୍ବରୁ ଯାହା ଯେମିତି ଚାଲିଥିଲା ସେମିତି ଚାଲେ। କିନ୍ତୁ ଆପଣଙ୍କର ଯଦି କାମ ସଠିକ୍ ସମୟରେ ହେଉନାହିଁ ତା'ହେଲେ ନିଜର ଏକ ଟାଇମ୍ ଟେବୁଲ୍ ପ୍ରସ୍ତୁତ କରନ୍ତୁ। ପୂରା ଦିନରେ ଆପଣ କ'ଣ କରିବେ ତାର ଏକ ତାଲିକା ପୂର୍ବରୁ ହିଁ ପ୍ରସ୍ତୁତ କରି ସେହି ଅନୁସାରେ କାମ କରନ୍ତୁ।





❒ ପ୍ରାୟ ସମସ୍ତଙ୍କର ସକାଳେ ଡେରିରେ ଉଠିବା ଅଭ୍ୟାସ ଥାଏ। ଡେରିରେ ଉଠିବା ଖରାପ ଜାଣି ମଧ୍ୟ ଆମେ ତାକୁ ଅଣଦେଖା କରିଥାଉ। ଏଥିପାଇଁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଦେଇଥାଏ। ତେବେ ଆପଣ ସବୁବେଳେ ସକାଳେ ଶୀଘ୍ର ଉଠିବାକୁ ଚେଷ୍ଟା କରନ୍ତୁ। କାରଣ ବଡ଼ିସକାଳୁ ଉଠିଲେ ଆପଣ କିଛି ବ୍ୟାୟାମ କରିବା ସହ ଅଫିସ୍ ଯିବା ଆଗରୁ ଘରକାମ ସବୁ ଶୀଘ୍ର ସାରି ପାରିବେ।

❒ ଆପଣ କମ୍ ସମୟ ଭିତରେ ବହୁତ କିଛି କାମ କରିପାରିବେ। ତେବେ ଏହା ଆପଣଙ୍କ ଉପରେ ନିର୍ଭର କରେ। ଯେପରିକି ସକାଳ ଜଳଖିଆ ପାଇଁ ପୂର୍ବଦିନରୁ ପରିବା କାଟି ଫ୍ରିଜ୍‌ରେ ରଖିବା, ଅଫିସ୍ ପିନ୍ଧା ଡ୍ରେସ୍‌କୁ ପୂର୍ବରୁ ଆଇରନ୍ କରି ରଖିବା, ଗାଡ଼ିରେ ଆଗରୁ ପେଟ୍ରୋଲ୍ ଭରି ରଖିବା, ଅଫିସ୍ ବ୍ୟାଗ୍ ସଜାଡ଼ିବା, ଏମିତି ଅନେକ କାମ ଆପଣ ଆଗରୁ କରି ରଖିଲେ ଅଫିସ୍ ଯିବା ସମୟରେ ଆପଣ ତରତରରେ କୌଣସି ଜିନିଷ ଭୁଲିବେ ନାହିଁ।

❒ କର୍ମଜୀବୀ ମହିଳାମାନଙ୍କୁ ପ୍ରତିଦିନ ଘରର ଆବଶ୍ୟକ ହେଉଥିବା ସାମଗ୍ରୀ କିଣାକିଣି କରିବା ପାଇଁ ସମୟ ହୋଇନଥାଏ। ତେବେ ଆପଣ ଛୁଟି ଦିନରେ ପୁରା ସପ୍ତାହ ପାଇଁ ଜିନିଷ କିଣି ରଖିଦିଅନ୍ତୁ। ଏହା ଦ୍ୱାରା ପ୍ରତିଦିନ ଜିନିଷ କିଣିବାରେ ଆପଣଙ୍କର ସମୟ ବ୍ୟୟ ହେବ ନାହିଁ।

❒ ଘରର ମହିଳା ଏକା ହିଁ ସବୁ କାମ କରିଥାନ୍ତି। ସେଥିପାଇଁ କାମରେ ଡେରି ହୋଇଥାଏ। ଆପଣ ଯେତେବେଳେ ରୋଷେଇ ବା ଅନ୍ୟ କିଛି କାମ କରୁଥାନ୍ତି ତାହାଲେ ଆପଣଙ୍କ ସ୍ୱାମୀ ବା ଅନ୍ୟ ସଦସ୍ୟମାନଙ୍କୁ ଆପଣଙ୍କୁ ସାହାଯ୍ୟ କରିବାକୁ କୁହନ୍ତୁ। ଯେପରିକି ବଟଲରେ ପାଣି ଭର୍ତ୍ତି କରିଦେବା, ରୁମ୍ ସଜାଡ଼ିଦେବା ଇତ୍ୟାଦି କାମ ଆପଣ ଆପଣ ସ୍ୱାମୀଙ୍କୁ କହି କରାଇ ପାରିବେ।

## ଚାପମୁକ୍ତ ରହିବାର ମନ୍ତ୍ର

ପ୍ରତି ୧୫ ଦିନରେ ୬ଜଣର ମାନସିକ ଚାପ, ଅବସାଦ ରୋଗରେ ଜୀବନ ଅତିବାହିତ କରୁଥିବାର ଅନୁଧ୍ୟାନରୁ ପ୍ରକାଶ । ବିଶ୍ୱସ୍ତରୀୟ ଏହି ସର୍ବେକ୍ଷଣରେ ମୋଟ ୨୧ଟି ରାଷ୍ଟ୍ରର ଲୋକଙ୍କୁ ସାମିଲ କରାଯାଇଥିଲା । ସୁସ୍ଥ ଜୀବନଶୈଳୀ ସହ ମାନସିକ ଶାନ୍ତି ପାଇବାକୁ ଚାହୁଁଥିଲେ, ପ୍ରତିଦିନ ଯୋଗ କରିବା ଏକ ସୁନ୍ଦର ଅଭ୍ୟାସ ବୋଲି ବିଶେଷଜ୍ଞଙ୍କ ମତ ।

♦ କିଶୋରଠାରୁ ବୟସ୍କ ପିଢି ଦୈନିକ ୧୫-୨୦ ମିନିଟ୍ ଯୋଗ କଲେ ଏହାର ଉତ୍ତମ ପ୍ରଭାବ ପଡ଼ିଥାଏ । ଯୋଗ, ପ୍ରାଣାୟମ ଆଦି କଲେ ଆମ ମନ ପ୍ରଫୁଲ୍ଲ ରହିବା ସହ ମାନସିକ ଚିନ୍ତା ମଧ୍ୟ ଅନେକାଂଶରେର ହ୍ରାସ ପାଇଥଏ ।

♦ ଲଣ୍ଡନର ଗବେଷକ ଦଳଙ୍କ ମତରେ ଯୋଗ କଲେ ଆମ ମସ୍ତିଷ୍କକୁ ଆବଶ୍ୟକ ପରିମାଣରେ ଅମ୍ଳଜାନ ମିଳେ, ଯାହା କାରଣରୁ ମନ ଶାନ୍ତ ରହୁଥିବାର ପରୀକ୍ଷାରୁ ଜଣାପଡ଼ିଛି ।

♦ ଯୋଗ ଗୁରୁଙ୍କ ତାମିଲରେ ୧୦ଦିନ କ୍ରମାଗତ ଯୋଗାଭ୍ୟାସ କଲେ ଏହାର ଉତ୍ତମ ପ୍ରଭାବ ଜାଣିହୋଇଥାଏ । ଯୋଗ ଆରମ୍ଭ ପୂର୍ବରୁ କିଛି ସମୟ ଆଖି ବନ୍ଦ କରି ଧ୍ୟାନ କରନ୍ତୁ ।



## ଖୁସି ରହିବାର ଅଭ୍ୟାସ

କାମର ଚାପ ଏତେ ବଢୁଛି ଯେ ଯୁବବର୍ଗ ନିଜ ଅସ୍ତିତ୍ୱ ଏହା ମଧ୍ୟରେ ଭୁଲିଗଲେଣି । ଅଧିକାଂଶ ପରିବାରରେ ଆଜିକାଲି ନିୟମିତ କଳିଝଗଡ଼ା ଲାଗିରହୁଛି । ଏହା ପଛର ମୁଖ୍ୟ କାରଣ ହେଲା ପରସ୍ପରର ଅସୁବିଧାକୁ ନ ବୁଝିବା । ଏ ବାବଦରେ ଲଣ୍ଡନର ଗବେଷକ ଏନରି ଲ' କହିଛନ୍ତି ପ୍ରତ୍ୟେକେ ଖୁସି ରହିବାକୁ ଚେଷ୍ଟା କରନ୍ତୁ । ନିଜ ଇଚ୍ଛା ଅନୁସାରେ ଜୀବନଶୈଳୀ ଅତିବାହିତ କଲେ କୌଣସି କାମର ଚାପ ପଡ଼ିନଥାଏ । ଏକଥା ପରିବାରର ପ୍ରତ୍ୟେକ ସଦସ୍ୟ ବୁଝିବା ସହ କାର୍ଯ୍ୟାଳୟର ସହଯୋଗୀ ମଧ୍ୟ ହୃଦୟଙ୍ଗମ କରିବା ଉଚିତ । କେବଳ ନିଜ ଇଚ୍ଛା ଅନୁଯାୟୀ ଆଗକୁ ବଢ଼ିଲେ ହିଁ ଅବସାଦର ଚାପକୁ କମ୍ କରିହେବ ବୋଲି ବିଶେଷଜ୍ଞଙ୍କ ମତ । ଦେଶ ସ୍ୱାଧୀନ ହୋଇଯାଇଛି, କିନ୍ତି ପରିବାର ତରଫରୁ ଏ ପର୍ଯ୍ୟନ୍ତ ସଦସ୍ୟମାନଙ୍କୁ ସ୍ୱାଧୀନତା ମିଳିନାହିଁ। ସମସ୍ତେ ଏହି କତାର ତାତ୍ପର୍ଯ୍ୟ ବୁଝି ଅଗ୍ରସର ହେବା ଉଚିତ ।

## ପଏଜନ୍ ଗାର୍ଡେନ୍

କିଛି ନୂଆ ଜିନିଷ ବିଷୟରେ ଜାଣିବା ପରେ ଅବା ଛୁଇଁବା, ସମସ୍ତଙ୍କୁ ଭଲ ଲାଗେ ।ବେଳେ ବେଳେ ଛୁଇଁବାକୁ କିନ୍ତୁ ଡର ଲାଗେ । କାରଣ ଜିନିଷଟି ପ୍ରତି କ୍ଷତି ପହଞ୍ଚାଇବାର ଭୟ ରହିଥାଏ । ଆମେ ବିଭିନ୍ନ ପ୍ରକାର ଗଛ ଦେଖିଛେ । ସେଥିମଧ୍ୟରୁ କିଛି ଏମିତି ବି ଗଛ ଅଛି ଯେଉଁଥିରେ ବିଷ ରହିଥାଏ । ଏମିତି ଏକ ଗାର୍ଡେନ୍ ଅଛି ଯେଉଁଠାରେ ଅଧିକାଂଶ ବିଷ ଗଛ ଦେଖିବାକୁ ମିଳିବ । ସେ ଗଛ ସବୁ ଛୁଇଁଲେ ମଣିଷ ମରିଯିବ । ଏହା ହେଉଛି ଇଂଲଣ୍ଡର ନର୍ଥୟୁମ୍ବର୍‌ଲାଣ୍ଡ୍‌ରେ ଥିବା 'ଅଲନ୍ୟିକ୍ ପଏଜନ୍ ଗାର୍ଡେନ୍' । ନର୍ଥୟୁମ୍ବର୍‌ଲାଣ୍ଡ୍‌ର ରାଣୀ ଏହି ଗାର୍ଡେନକୁ ୧୭୫୦ରେ ତିଆରି କରିଥିଲେ । ସେ ଚାହୁଁଥିଲେ କି ଏହି ଗାର୍ଡେନ୍ ନିଜର ଅଦ୍ୱିତୀୟ ବା ନିଆରା ଗୁଣ ପାଇଁ ଜଣାଯିବ । ଏହା କରିବା ପଛରେ ରାଣୀଙ୍କ ଉଦ୍ଦେଶ୍ୟ ଥିଲା ଲୋକମାନେ ଏହି କଥା ଜାଣିବା ଦରକାର ଯେ ଯଦି ଉଦ୍ଭିଦକୁ ଔଷଧ ରୂପରେ ପ୍ରୟୋଗ କରାଯାଇପାରିବ, ତେବେ ମଣିଷର ଜୀବନ ନେବା କ୍ଷମତା ବି ଗଛର ଅଛି ବୋଲି ଜାଣିବା ଦରକାର ।



# ଜଳ ସମ୍ପଦ ବିଭାଗର ଇ-ଜଳାଶୟ ଏବଂ ଇ-କ୍ୟାଡ୍ ବ୍ୟବସ୍ଥାର ଶୁଭାରମ୍ଭ

ଭୁବନେଶ୍ୱର ,୧୮/୧୦ (ନି.ପ୍ର): ଜଳସମ୍ପଦ ବିଭାଗରେ "୫-ଟି"ଆଧାରରେ ଦୁଇଟି ୱେବ୍ ତଥା ମୋବାଇଲ ଆପ୍ଲିକେସନ ଯଥା'ଇ-ଜଳାଶୟ' ଏବଂ 'ଇ-କ୍ୟାଡ'(ସେଚାଂଚଳ ଉନ୍ନୟନ ) ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମକୁ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଯୋଗ ଦେଇ ଉଦଘାଟନ କରିଛନ୍ତି।

ରାଜ୍ୟ ଜଳ ସଂପଦ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ବ୍ୟବସ୍ଥା ଦ୍ୱୟକୁ ଉଦ୍ଘାଟନ କରି ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ ଯେ,ପ୍ରତ୍ୟେକ ଜୀବ ଜଗତ ପାଇଁ ଜଳର ଆବଶ୍ୟକତା ରହିଛି। ଆରମ୍ଭ କରାଯାଇଥିବା ଏହିଇ-ଜଳାଶୟ ପୋର୍ଟାଲ ଯୋଗୁଁ ରାଜ୍ୟର ବିଭିନ୍ନ ଜିଲ୍ଲା, ବ୍ଲକ, ଗ୍ରାମ ପଂଚାୟତ ଓ ଗ୍ରାମ ସ୍ତରରେ ଥିବା ବିଭିନ୍ନ ଜଳାଶୟର ଅବସ୍ଥିତି, ଜଳଧାରଣର କ୍ଷମତା ସମ୍ପର୍କରେ ତଥ୍ୟ ଜଣାଯିବା ସହିତ ଜଳ ସଂଚୟର ସ୍ଥିତିକୁ ଦେଖି ସେହି ଅନୁସାରେ ବିନିଯୋଗ କରାଯାଇପାରିବ। ସେହିପରି ଜଳ ସୁପରିଚାଳନାରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ରାଜ୍ୟର ପ୍ରାୟ ୩୭ ହଜାର ପାଣି ପଂଚାୟତଗୁଡିକର ସ୍ଥିତି, ସେସବୁର ପରିଚାଳନା ଓ କାର୍ଯ୍ୟ ସଂପର୍କରେ ଅଦ୍ୟତନ ତଥ୍ୟ ଉପଲବ୍ଧ ହେବାରେଇ-କ୍ୟାଡ୍ ବ୍ୟବସ୍ଥାଏକ ପ୍ରମୁଖ ଡାଟାବେସ୍ ଭାବେ ସହାୟତା ଯୋଗାଇଦେବ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଜଳ ସଂପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଯୋଗ ଦେଇ କହିଥିଲେ ଯେ, ରାଜ୍ୟରେ ଜଳ ସଂପଦର ବିକାଶ ଓ ଜଳ ସେଚନର ସୁବିଧା ପାଇଁ "୫- ଟି" ଉପକ୍ରମର ବ୍ୟବହାର କରାଯାଉଛି । ଇ-ଜଳାଶୟ ପୋର୍ଟାଲରେ ଜଳ ସଂପଦ ବିଭାଗ ଅଧିନରେ ଥିବା ବିଭିନ୍ନ ବ୍ୟବସ୍ଥାରେ ରାଜ୍ୟର ପ୍ରାୟ ୧୯,୦୦୦ ଜଳାଶୟର ଜଳଭଣ୍ଡାର ସଂପର୍କରେ ତଥ୍ୟ ଉପଲବ୍ଧ ହୋଇଥିବା ଶ୍ରୀମତୀ ଗର୍ଗ ପ୍ରକାଶ କରିଥିଲେ । ଆଗାମୀ ଦିନରେ ଜଳସେଚନ ପରିଚାଳନା, ବିଭିନ୍ନ ପ୍ରକଳ୍ପ ପରିଚାଳନା ଓ ଜଳବାୟୁ ପୂର୍ବାନୁମାନ ସ୍ଥିତିକୁ ଦେଖି ବିଭାଗରେ ମୋଡ୍ୟୁଲମାନ ପ୍ରସ୍ତୁତି କରାଯାଉଥିବା ସଂପର୍କରେ ଶ୍ରୀମତୀ ଗର୍ଗ ସୂଚନା ଦେଇଥିଲେ । ଏହି ଅବସରରେ ବିଭାଗ ତରଫରୁ ଏକ ପତ୍ରିକା "ଇ-କାଡ"ଉନ୍ମୋଚନ କରାଯାଇଥିଲା ।

ଅନ୍ୟମାନଙ୍କ ମଧ୍ୟରେ ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତରଞ୍ଜନ ମହାନ୍ତି, ସର୍ବୋଚ୍ଚ ଯନ୍ତ୍ରୀ,ପ୍ରୋକ୍ୟୁରମେଣ୍ଟ ମହେନ୍ଦ୍ର କୁମାର ଭୂୟାଁ , ପୂର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ତଥା ଆଇ.ଟି ପରାମର୍ଶ ଦାତା ଧୀରେନ୍ କୁମାର ସାମଲ, ବିଭାଗରଅତିରିକ୍ତ ଶାସନ ସଚିବ ତଥା ସେଚାଂଚଳ ଉନ୍ନୟନ (କ୍ୟାଡ)ର ନିର୍ଦ୍ଦେଶକ ରଶ୍ମିରଞ୍ଜନ ନାୟକ, ଅତିରିକ୍ତ ଶାସନ ସଚିବ ସୁବ୍ରତ କୁମାର ପଣ୍ଡାଙ୍କ ସମେତ ଜଳ ସଂପଦ ବିଭାଗର ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଓ ଯନ୍ତ୍ରୀ, ଓଡିଶା ସ୍ପେସ୍ ଆପ୍ଲିକେସନ ସେଂଟର(ଓରସାକ)ର ମୁଖ୍ୟ କାର୍ଯ୍ୟ ନିର୍ବାହ ପ୍ରଫୁଲ୍ଲ କୁମାର ମଲ୍ଲିକ ଏବଂ ଓଡିଶା କମ୍ପ୍ୟୁଟର ଆପ୍ଲିକେସନ ସେଂଟରର ବୈଷୟିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କନ୍ଧମାଳର ଶ୍ରାବଣୀଙ୍କୁ ଶହେ ମିଟର ଦୌଡ଼ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ

କନ୍ଧମାଳ ,୧୮/୧୦ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ କନ୍ଧମାଳର ଝିଅ ଶ୍ରାବଣୀ ନନ୍ଦ ନିକଟରେ ଅନୁଷ୍ଠିତ ୬୧ ତମ ନ୍ୟାସନାଲ ଓପନ ଆଥେଲେଟିକ୍ସ ଚମ୍ପିୟାନସିପ ୨୦୨୨, ଶହେ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫଳରେ ସ୍ୱର୍ଣ୍ଣ ପଦକ ଜିତି ଜିଲ୍ଲା, ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣି ଦେଇଛନ୍ତି କନ୍ଧମାଳର ସୁନା ଝିଅ ଶ୍ରାବଣୀ। ଶ୍ରାବଣୀ ବେଙ୍ଗାଲୋର ସ୍ଥିତ ଶ୍ରୀ କ୍ରାନ୍ତିରଭା ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ଶହେ ମିଟର ଦୌଡରେ ଶ୍ରାବଣୀଙ୍କୁ ଏହି ସଫଳତା ମିଳିଛି। ସେ ୧୧. ୫୫ ସେକେଣ୍ଡରେ ସମାପ୍ତ କରିଥିଲେ। ଶ୍ରାବଣୀ ଏଥି ପୂର୍ବରୁ ମଧ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ବହୁ ପଦକ ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି। ଖବର ଶୁଣି ବାପା ଅବସରପ୍ରାପ୍ତ କର୍ମଚାରୀ ତଥା ସମାଜସେବୀ ବନ ବିହାରୀ ନନ୍ଦ ଓ ମା ବେଶ ଖୁସିବ୍ୟକ୍ତ କରିଛନ୍ତି । ସେହିପରି ଶ୍ରାବଣୀଙ୍କ ସ୍ୱର୍ଣ୍ଣ ପଦକ ପାଇବା ଶୁଣି ବରିଷ୍ଠ ସାମ୍ବାଦିକ ଡ଼ଃ. ଅରୂପ ଜେନା, ନାରାୟଣ ସାହୁ, ଜିଲ୍ଲା କ୍ରୀଡ଼ାସଙ୍ଘ ସମ୍ପାଦକ ତଥା ଆଇନଜୀବୀ ଶିବ ପ୍ରସାଦ ତ୍ରିପାଠୀ, ପ୍ରେସ କ୍ଲବ ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟନାୟକ,ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଆଇନଜୀବୀ ରବୀନ୍ଦ୍ର ନାଥ ମିଶ୍ର, ୮ ନମ୍ବର କାଉନ୍ସିଲର ତଥା ଆଇନଜୀବୀ ରମେଶ ମହାନ୍ତି, ବରିଷ୍ଠ ନେତା ତଥା ପୂର୍ବତନ ନଗରପାଳ କମଳା କାନ୍ତ ପାଣ୍ଡେ ପ୍ରମୁଖ ଅଭିନନ୍ଦନ ଜଣାଇବା ସହ ଏହା ନିଶ୍ଚିତ ଗର୍ବର ବିଷୟ ବୋଲି କହିଛନ୍ତି।

## ଅର୍ଚ୍ଚନା ନାଗ ସହ ସଂପୃକ୍ତ ରାଜନେତାମାନଙ୍କ ମୁଖା ଖୋଲୁ ପୋଲିସ : ବିଜେପି

ଭୁବନେଶ୍ୱର ,୧୮/୧୦ (ନି.ପ୍ର): ଅର୍ଚ୍ଚନା ନାଗଙ୍କ ସହ ସମ୍ପୃକ୍ତ ରାଜନେତା, ବଡବାବୁମାନଙ୍କ ମୁଖା ଖୋଲିବା ନେଇ ପୋଲିସ୍ ମିଶନରେଟ୍ ପୋଲିସକୁ ଭେଟି ଦାବିପତ୍ର ପ୍ରଦାନ କରିଛି ଭୁବନେଶ୍ୱର ଜିଲ୍ଲା ବିଜେପି। ସୋମବାର ଦିନ ପାୱାର ହାଉସ୍ ଛକରୁ କମିଶନରେଟ୍ ପୋଲିସ୍ ଅଫିସ ପର୍ଯ୍ୟନ୍ତ ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ଶତାଧିକ ଯୁବକ, ମହିଳାକର୍ମୀ ଏକ ଶୋଭାଯାତ୍ରା କରି କମିଶନରେଟ୍ ପୋଲିସ କାର୍ଯ୍ୟାଳୟରେ ପହଂଚିଥିଲେ।

ବିଜେପି ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି ଯେ ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗଙ୍କ ଲାଗି ସାରା ଓଡ଼ିଶାରେ ହଇଚଇ ସୃଷ୍ଟି ହୋଇଛି। ରାଜନେତା, ଉଚ୍ଚପଦସ୍ତ ଅଫିସର ଓ ବଡ ବଡ ବ୍ୟବସାୟୀ ଏହି ଘଟଣାରେ ସଂପୃକ୍ତ। ତଥାପି ପୁଲିସ ଜାଣିଶୁଣି ଏହି କେସ୍‌ରୁ ନିବୃତ ରହୁଛି । ଅର୍ଚ୍ଚନା ନାଗ ଗିରଫ ହେବାର ୮ଦିନ ବିତି ଯାଇଥିଲେ ବି ପୋଲିସ କାହିଁକି ତାଙ୍କୁ ରିମାଣ୍ଡରରେ ଆଣିନାହାନ୍ତି, ଏଯାଏଁ ପୋଲିସ କାହିଁକି ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ସହଯୋଗୀ ବାଇନଙ୍କୁ ଗିରଫ କରିନାହିଁ ବୋଲି ଶ୍ରୀ ସିଂ ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ପୋଲିସ ତଦନ୍ତ କରବା ସହ ଯେଉଁ ଯେଉଁ ବ୍ୟକ୍ତି ଏହା ସହ ସଂପୃକ୍ତ ତାଙ୍କୁ ଗିରଫ କରୁ। ଲେଡି ବ୍ଲାକମେଲରଙ୍କ କଳାକାରନାମାରେ ବହୁ ବଡ ବଡ ବ୍ୟବସାୟୀ ସାମିଲ ଅଛନ୍ତି। ସେମାନଙ୍କୁ ରାଜ୍ୟ ସରକାର ବାନ୍ଧନ୍ତୁ ବୋଲି ଦାବି କରିଛନ୍ତି ବିଜେପି ନେତା ଦିଲ୍ଲୀପ ମହାନ୍ତି। ଅର୍ଚ୍ଚନା ନାଗ ମାମଲାରେ ଫସିଥିବା ନେତା, ମନ୍ତ୍ରୀ ପ୍ରମାଣ ନଷ୍ଟ କରିବାକୁ ସଫଳ ହୋଇଛନ୍ତି। ପୁଲିସ ଅଧିକ ସମୟ ନିରବ କାହିଁକି ବୋଲି ବିଜେପି ନେତା ଜଗନ୍ନାଥ ପ୍ରଧାନ କହିଛନ୍ତି।

## କୃଷକଙ୍କୁ ୧୨ତମ କିସ୍ତି ଟଙ୍କା ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ସମୀର ମହାନ୍ତି

ଭୁବନେଶ୍ୱର ,୧୮/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆଜି ପିଏମ୍ କିଷାନ ସମ୍ମାନ ନିଧିର ୧୨ତମ କିସ୍ତି ଦେଶର କୃଷକ ଭାଇ, ଭଉଣୀଙ୍କୁ ପ୍ରଦାନ କରିଛନ୍ତି। ଏହି ପିଏମ କିଷାନ ସମ୍ମାନ ନିଧି ଯୋଜନା ମାଧ୍ୟମରେ ପ୍ରତ୍ୟେକ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୨ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବା ସହ ଚାଷୀଙ୍କୁ ପ୍ରତିବର୍ଷ ତିନୋଟି କିସ୍ତିରେ ୬ ହଜାର ଟଙ୍କା ନିୟମିତ ଭାବେ ଦେଇ ଆସୁଛନ୍ତି କେନ୍ଦ୍ର ସରକାର। ଏହି ଯୋଜନାରେ ଓଡିଶାର ଲକ୍ଷ ଲକ୍ଷ ଚାଷୀ ସହାୟତା ପାଇବା ସହ ଉପକୃତ ହେଉଛନ୍ତି। କୃଷକମାନଙ୍କୁ କେନ୍ଦ୍ର ସରକାର ନିୟମିତଭାବେ ସହାୟତା ଓ ସମ୍ମାନ ପ୍ରଦାନ କରୁଥିବାରୁ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟ ପକ୍ଷରେ ଓଡିଶା ସରକାର କେନ୍ଦ୍ରକୁ କୃଷକମାନଙ୍କ ତାଲିକା ପ୍ରଦାନ କରିବାରେ ଟାଳଟୁଳ ନୀତି ଯୋଗୁଁ ରାଜ୍ୟର ଆହୁରି ଅନେକ ଚାଷୀଭାଇମାନେ ପିଏମ କିଷାନ ସହାୟତା ପାଇବାରୁ ବଂଚିତ ହେଉଛନ୍ତି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି। ୨୩ବର୍ଷର ଶାସନରେ ରହି ରାଜ୍ୟ ସରକାର ଯାହା କରିନାହାନ୍ତି ୮ବର୍ଷ କେନ୍ଦ୍ରରେ ରହି ମୋଦି ତାହା କରି ଓଡ଼ିଶା ଚାଷୀଙ୍କ ମନ କିଣିପାରିଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ଖୋର୍ଦ୍ଧା ଜିଲ୍ଲା ସବ୍ ଜେଲ୍‌ରେ କାରାଗାର ଆଇନ ସଚେତନତା ଶିବିର

ଭୁବନେଶ୍ୱର ,୧୮/୧୦ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭୁବନେଶ୍ୱର ଶ୍ରୀମତୀ ସୌଦାମିନୀ ସିଂ ଆଜି ଖୋର୍ଦ୍ଧା ଜିଲ୍ଲା ସବ୍‌ଜେଲ୍ ପରିଦର୍ଶନ କରିଛନ୍ତି। ଜେଲ୍ ଅନ୍ତେବାସୀମାନଙ୍କର ଖାଦ୍ୟର ମାନ, ବସ୍ତ୍ର, ପାନୀୟ ଜଳ, ପରିମଳ ଏବଂ ସେମାନଙ୍କର ଚିକିତ୍ସା ବ୍ୟବସ୍ଥା ସଂପର୍କରେ ପଚାରି ବୁଝିବା ସହ ଅନ୍ତେବାସୀମାନଙ୍କୁ ଫୌଜଦାରୀ ଆଇନରେ ଥିବା ବିଧିବ୍ୟବସ୍ଥା ଯଥା-ଜେଲ୍ ଅପିଲ୍ ଏବଂ ପାରୋଲ୍, ଆରେଷ୍ଟ ଆଦି ନିୟମାବଳୀ ସଂପର୍କରେ ସୂଚନା ଦେବା ସହ ମାଗଣା ଆଇନସେବା, ସାହାଯ୍ୟ ଓ ପରାମର୍ଶର ସୁଫଳ ସଂପର୍କରେ ସୂଚନା ଦେଇଥିଲେ। ଯେଉଁମାନେ ଗର୍ହିତରୁ ଅତିଗର୍ହିତ ଅପରାଧ ପାଇଁ ଦଣ୍ଡ ଭୋଗୁଛନ୍ତି, ସେମାନେ ମାନ୍ୟବର ହାଇକୋର୍ଟରେ ଦଣ୍ଡ କୋହଳ ପାଇଁ ଆବେଦନ କରିବାର ପ୍ରକ୍ରିୟା ସଂପର୍କରେ ସ୍ଥାନୀୟ ସୁପରିଟେଣ୍ଡେଂଟଙ୍କୁ ଅବଗତ କରାଇବା ସହ ଏହାର ସୁଫଳ ନେବାକୁ ପରାମର୍ଶ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜେଲ୍ ଅଧୀକ୍ଷକ, ପ୍ରୋବେସନ୍ ଅଫିସର ପ୍ରମୁଖ ଯୋଗଦେଇ ସହାୟତା କରିଥିଲେ।

## ବ୍ଲାକ୍‌ମେଲର ଅର୍ଚ୍ଚନା ମାମଲା : କମିସନରେଟ୍ ପୁଲିସକୁ ଘେରିଲା ବିଜେପି

ଭୁବନେଶ୍ୱର ,୧୮/୧୦ (ନି.ପ୍ର): ରାଜନେତା, ଶିଳ୍ପପତି, ବ୍ୟବସାୟୀ, ଚଳଚ୍ଚିତ୍ର ପ୍ରଯୋଜକଙ୍କ ଭଳି ନାମୀଦାମୀ ଲୋକଙ୍କୁ ହନିଟ୍ରାପ୍‌ରେ ଫସାଇ ବିପୁଳ ଅର୍ଥ ଉପାର୍ଜନ କରିବା ଓ ପରେ ଗିରଫ ହୋଇଥିବା ଅର୍ଚ୍ଚନା ନାଗ ମାମଲା ଏବେ ବି ରାଜ୍ୟରେ ହଇଚଇ ସୃଷ୍ଟି କରିଛି। କିନ୍ତୁ ଏହି ମାମଲାରେ ପୁଲିସ କେବଳ ବ୍ଲାକ୍‌ମେଲର୍ ଅର୍ଚ୍ଚନାଙ୍କୁ ଗିରଫ କରି ଚୁପ୍ ବସିଛି। ଘଟଣାକୁ ଚାପିଦେବାକୁ କମିସନରେଟ୍ ପୁଲିସ ଯଥାସମ୍ଭବ ଉଦ୍ୟମ କରୁଛି। ଏମିତି ଅଭିଯୋଗ କରି ସୋମବାର ଦିନ ବିଜେପି କମିସନରେଟ୍ ପୁଲିସକୁ ଘେରିଛି। ଏକ ଶୋଭାଯାତ୍ରାରେ ବାହାରି ବିଜେପି କର୍ମୀମାନେ ପୁଲିସ ମୁଖ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସିପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଜେପି ପକ୍ଷରୁ କୁହାଯାଇଛି ଯେ ଅର୍ଚ୍ଚନାଙ୍କ ସହ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ପୂର୍ବତନ ମନ୍ତ୍ରୀ, ବିଧାୟକ, ପ୍ରତିଷ୍ଠିତ ବ୍ୟବସାୟୀ, ବରିଷ୍ଠ ପ୍ରାଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ରହିଛି। ଅଥଚ ଏପର୍ଯ୍ୟନ୍ତ କମିସନରେଟ୍ ପୁଲିସ ତଦନ୍ତକୁ ସେଦିଗରେ ନେଉନାହିଁ। ତେଣୁ ପ୍ରକୃତ ସତ୍ୟ ପଦାକୁ ଆସିପାରୁନାହିଁ। ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ତାଙ୍କ ସହଯୋଗୀ ଖଗେଶ୍ୱର ପାତ୍ରଙ୍କୁ ବି ପୁଲିସ ଜେରା କରିନାହିଁ। ଏମିତିକି ପୁଲିସ ଅର୍ଚ୍ଚନାଙ୍କୁ ରିମାଣ୍ଡରେ ଆଣୁନାହିଁ। କାହା ଚାପରେ କମିସନରେଟ୍ ପୁଲିସ ତଦନ୍ତକୁ ଦୁର୍ବଳ କରି ପ୍ରକୃତ ସତ୍ୟକୁ ଚାପିବାକୁ ବସିଛି ବୋଲି ପ୍ରଶ୍ନ କରିଛି ବିଜେପି। ତେଣୁ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ, ଦିଲ୍ଲୀପ ମହାନ୍ତି, ଜଗନ୍ନାଥ ପ୍ରଧାନ, ହିମାଂଶୁ ଶେଖର ଛୋଟରାୟ, ସ୍ୱୟଂସେବକ ରାୟ ପ୍ରମୁଖଙ୍କ ସମେତ ଶତାଧିକ ବିଜେପି କର୍ମୀ ଏହି ବିକ୍ଷୋଭ ପ୍ରଦର୍ଶନରେ ସାମିଲ୍ ହୋଇଥିଲେ।

## ସୁସ୍ଥ ମନ ପାଇଁ ସୁସ୍ଥ ଶରୀରର ଆବଶ୍ୟକତା ରହିଛି

ଭୁବନେଶ୍ୱର ,୧୮/୧୦ (ନି.ପ୍ର): ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହାଇସ୍କୁଲ, ୟୁନିଟ-୩ ପରିସରରେ ସୋମବାର ଅପରାହ୍ଣରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା, ଅନୁପମ ସାହା ଛାତ୍ରଛାତ୍ରୀମାନଙ୍କୁ ଫୁଟବଲ ବଂଟନ କରିଥିଲେ। ଏହି ଅବସରରେ ଶ୍ରୀ ସାହା ସୁସ୍ଥ ମନ ପାଇଁ ସୁସ୍ଥ ଶରୀରର ଆବଶ୍ୟକତା ସଂର୍ପକରେ ଆଲୋକପାତ କରିବା ସହିତ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଫୁଟବଲ ତଥା ଅନ୍ୟାନ୍ୟ ଖେଳକୁଦର ମୂଲ୍ୟବୋଧ ସଂର୍ପକରେ ବିଶଦ ଭାବରେ ବୁଝାଇଥିଲେ। ପାଠ ସହ ଖେଳର ଆବଶ୍ୟକତା ରହିଛି ବୋଲି ଶ୍ରୀ ସାହା ପିଲାମାନଙ୍କୁ ହୃଦବୋଧ କରାଇଥିେ। ଏହି କାର୍ଯ୍ୟକ୍ରମରେ ଓସେପାର ଅତିରିକ୍ତ ନିର୍ଦ୍ଦେଶକ ସରୋଜ କୁମାର ବେହେରା ଫୁଟବଲ ଖେଳ ପ୍ରତି ପିଲାମାନଙ୍କୁ ଉତ୍ସାହିତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ-ତଥା- ଜିଲ୍ଲା ପ୍ରକଳ୍ପ ସଂଯୋଜକ, ଖୋର୍ଦ୍ଧା,ବିଶ୍ୱନାଥ ତରାଇ, ଓସେପାର ଉପନିର୍ଦ୍ଦେଶକ ମହେଶ୍ୱର ସାହୁ, ସହ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ପରିଷଦ, ବରିଷ୍ଠ ବ୍ଲକ ଶିକ୍ଷା ଅଧିକାରୀ, ଭୁବନେଶ୍ୱର, କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ/ ଶିକ୍ଷୟିତ୍ରୀ ତଥା ଅନ୍ୟାନ୍ୟ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯକ୍ରମରେ ୩୬୮ଟି ଫୁଟବଲ ପିଲାମାନଙ୍କୁ ବଂଟନ କରାଯାଇଥିଲା । ଆଜିର ଏହି କାର୍ଯକ୍ରମରେ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଡ. ପ୍ରଜ୍ଞା ପାରମିତା ଜେନା, ବରିଷ୍ଠ ବ୍ଲକ ଶିକ୍ଷା ଅଧିକାରୀ, ଭୁବନେଶ୍ୱର ଧନ୍ୟବାଦ ପ୍ରଦାନ କରିଥିଲେ ।

## ଛାତ୍ରୀ ମୃତ୍ୟୁ ଘଟଣା : ଘଂଟ ଶୋଭାଯାତ୍ରା ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କଲା ବିଜେପି ଯୁବମୋର୍ଚ୍ଚା

କନ୍ଧମାଳ ,୧୮/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ରଙ୍ଗାପାରୁ ଅଶ୍ରମର, ସପ୍ତମ ଶ୍ରେଣୀର ଆଦିବାସୀ ଛାତ୍ରୀ ଗର୍ଭବତୀ ଓ ମୃତ୍ୟୁ ଘଟଣାରେ, ଘଂଟ ବଜେଇ ଶୋଭାଯାତ୍ରା କରିବା ସହ ଜିଲ୍ଲାପାଳ ଅଫିସ୍ ଘେରାଉ କରିଛି ବିଜେପି ଯୁବମୋର୍ଚ୍ଚା । ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ରାଙ୍ଗାପାରୁ ଆଶ୍ରମର ସପ୍ତମ ଶ୍ରେଣୀ ଆଦିବାସୀ ନାବାଳିକା ଛାତ୍ରୀ ଗର୍ଭବତୀ ଓ ପରେ ଶିଶୁ ଏବଂ ମା ଅର୍ଥାତ୍ ଛାତ୍ରୀ ଟିର ମୃତ୍ୟୁ ମାମଲାରେ ଆଜି କନ୍ଧମାଳ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଘଂଟ ଶୋଭାଯାତ୍ରା କରି ଜିଲ୍ଲାପାଳ ଅଫିସ୍ ଘେରାଉ କରାଯାଇଛି । ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଗୋଲକ ବିହାରୀ କହଁରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏବଂ ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ ( ଟିକୁ) ପରିଚାଳନା କରିଥିବା ଏହି କାର୍ଯ୍ୟକ୍ରମରେ ମାଦିକୁନ୍ଧା ଛକରୁ ଏକ ବିରାଟ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଏବଂ ଘଣ୍ଟ ପିଟି ପିଟି ଏକ ବାହାରି ଜିଲ୍ଲାପାଳ ଅଫିସ୍ ପର୍ଯ୍ୟନ୍ତ ପହଂଚି ଥିଲେ । ଜିଲ୍ଲାରେ ବାରମ୍ବାର ଆଦିବାସୀ ନାବାଳିକା ମାନଙ୍କୁ ନେଇ ଏଭଳି ଘଟଣା ଲୋକ ଲୋଚନକୁ ଆସୁଥିବା ବେଳେ ପ୍ରଶାସନ ଏ ସଂକ୍ରାନ୍ତରେ କୌଣସି ତ୍ୱରିତ ପଦକ୍ଷେପ ନନେବା ଓ ଚୁପ ରହି ଆଦିବାସୀଙ୍କ ଜୀବନ ସହ ଖେଳୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଜିଲ୍ଲା ଯୁବମୋର୍ଚ୍ଚା ପ୍ରଭାରୀ ତଥା ରାଜ୍ୟ ସଂଯୋଜକ ନାରାୟଣ କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇ କେବଳ ଭୋଟ ରାଜନୀତି ପାଇଁ ଆଦିବାସୀଙ୍କୁ ରାଜ୍ୟ ସରକାର ବ୍ୟବହାର କରୁଥିବା ବେଳେ ଆଦିବାସୀଙ୍କୁ ସୁବିଧା ଦେବା ନାମରେ ଅଫିସର ଏବଂ ବିଜେଡି ନେତା ଓ ଠିକାଦାର ମାନଙ୍କ ପକେଟ ଗରମ କରୁଥିବା କହିଛନ୍ତି । ଆଜି ଜିଲ୍ଲାର ସମସ୍ତ ଆଶ୍ରମରେ ଛାତ୍ର ଛାତ୍ରୀ ଅବ୍ୟବସ୍ଥା ଏବଂ ଭୟରେ ରହୁଥିବା ବେଳେ ତାଙ୍କ ଦାୟିତ୍ୱ ନେଇ ପ୍ରଶାସନ କିନ୍ତୁ ଏ.ସି. ଘରେ କୁମ୍ଭକର୍ଣ୍ଣ ନିଦ୍ରାରେ ଘୁଙ୍ଗୁଡ଼ି ମାରୁଛି ବୋଲି ନାରାୟଣ କର୍ମୀ କହିଛନ୍ତି । ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନନେଇ ଜିଲ୍ଲାପାଳ ନିରବି ଯାଇଥିବାକୁ ନେଇ ପ୍ରଶାସନ ଉପରେ ବର୍ଷିଛନ୍ତି ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭଗବାନ ମହାନ୍ତି । ସେହିଭଳି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବନାରାୟଣ ପ୍ରଧାନ ସାମିଲ ହୋଇ ଆଦିବାସୀଙ୍କୁ ସେବା ଓ ସୁବିଧା ନାମରେ ଜିଲ୍ଲା ପ୍ରଶାସନ କେବଳ ଶୋଷଣ କରୁଥିବା ଅଭିଯୋଗ ଉଠାଇଛନ୍ତି । ଜିଲ୍ଲା ଉପ ସଭାପତି ରମେଶ ଚନ୍ଦ୍ର ମହାନ୍ତି ସାମିଲ ହୋଇ କାହିଁକି ଅବ୍ୟବସ୍ଥା ଘେରରେ ଗର୍ଭବତୀ ଛାତ୍ରୀଙ୍କୁ ଆଣି ରଖାଯାଇଥିଲା କାହିଁକି ସୁବିଧା ନଥିବା ଡାକ୍ତରଖାନାରେ ଛାତ୍ରୀଟିର ଛୁଆର ମୃତ୍ୟୁ ହେଲାପରେ ମଧ ଆଉ ଗୋଟେ ଦିନ ପକାଇ ରଖାଗଲା କହି ପ୍ରଶାସନ ଉପରେ ବର୍ଷିଥିଲେ । କାର୍ଯ୍ୟକ୍ରମ ରେ ଜିଲ୍ଲା ବିଜେପି ଆଦିବାସୀ ନେତା ବସନ୍ତ ପ୍ରଧାନ, ରାମବିଶି ଦିଗାଲ , ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଭୟ ପାତ୍ର, ଆଦିବାସୀ ନେତା ବସନ୍ତ ପ୍ରଧାନ, ରାମବିଶି ଦିଗାଲ, ରଘୁପତି କଅଁର ପ୍ରମୁଖ ସାମିଲ ହୋଇ ନିଜ ନିଜ ମନ୍ତବ୍ୟ ରଖିଥିଲେ । ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ମୋତିଲାଲ୍ ଦିଗାଲ୍, ଉପସଭାପତି ସୁଧାଂଶୁ ଗୁରୁ, ସଂଜୟ ମଲ୍ଲିକ, ସଂଜିତ୍ ପାତ୍ର, ମୁକ୍ତିକାନ୍ତ ମହାନ୍ତି, ବିଶିକେଶନ ପ୍ରଧାନ, ଅରବିନ୍ଦ ପଟ୍ଟନାୟକ, ଅନାଇ ମୁଖି, ଦେବାଶିଷ ପ୍ରିୟଦର୍ଶନୀ ପ୍ରମୁଖଙ୍କ ସହ ୫୦୦ ରୁ ଉର୍ଦ୍ଧ ଯୁବକ ସାମିଲ ହୋଇଥିଲେ ।

## ଭସାଣିର ୨ୟ ଦିନରେ ବିସର୍ଜନ ଅଭିମୁଖେ ଗଜଲକ୍ଷ୍ମୀଙ୍କ ପ୍ରତିମା

କେନ୍ଦ୍ରାପଡା ,୧୮/୧୦ (ନି.ପ୍ର): କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜାର ଭସାଣି ଉତ୍ସବର ୨ୟ ଦିନରେ ଦଦେବୀ ପ୍ରତିମା ମାନେ ଭସାଣୀ ଓ ବିସର୍ଜନ ଘାଟ ଅଭିମୁଖେ ବିରାଟ ପଟୁଆରରେ ଯାତ୍ରା ଆରମ୍ଭ କରିଛନ୍ତି । ଶନିବାର ରାତିରେ ପ୍ରତ୍ୟେକ ପୂଜା ମଣ୍ଡପରେ ୭ଦିନ ଧରି ପୂଜା ପାଉଥରବା ମା' ଗଜଲକ୍ଷ୍ମୀ ଓ ଅନ୍ୟାନ୍ୟ ଦେବଦେବୀଙ୍କ ପ୍ରତିମା ଗୁଡିକ ଧାର୍ମିକ ରୀତିନୀତିରେ ବିସର୍ଜନ ପୂଜା କରାଯାଇ ଥିଲା । ରବିବାର ମେଲଣ ଅଭିମୁଖେ ପ୍ରତ୍ୟେକ ପୂଜା ମଣ୍ଡପରୁ ମୂର୍ତିମାନ ବାହାରି ବ୍ୟାଣ୍ଡପାର୍ଟି ଶୋଭାଯାତ୍ରାରେ ମେଲଣ ପଡିଆ ଅଭିମୁଖେ ଗ୍ରାମ ପରିକ୍ରମା କରି ଯାଇଥିବା ବେଳେ କେଶପୁର ବଜାର ଠାରେ ଅନୁଷ୍ଠିତ ମେଲଣ ପଡିଆରେ ଦିଅଁ ମାନଙ୍କୁ ଭୋଗ ଲାଗି କରାଯାଇ ଥିଲା । ସେଠାରୁ ପୁନର୍ବାର ଶୋଭାଯାତ୍ରାରେ ମେଢ ଗୁଡିକ ପରୁଣା ବସଷ୍ଟାଣ୍ଡ ମେଲଣ ପଡିଆରେ ସମବେତ ହୋଇ ନୂଆ ବସଷ୍ଟାଣ୍ଡ ମେଲଣ ପଡିଆ ଅଭିମୁଖେ ଯାତ୍ରା କରିଛନ୍ତି । ୨୩ଟି ମେଢ ନୂଆ ବସଷ୍ଟାଣ୍ଡ ମେଲଣ ପଡିଆରେ ଏକାଠି ହୋଇ ଗୋବରୀ ନଦୀ ବିସର୍ଜନ ଘାଟରେ ଜଳ ବିସର୍ଜନ କରାଯିବାକୁ ସ୍ଥିର ହୋଇଥିବା ବେଳେ ପୁରୁଣା ବଷ୍ଟାଣ୍ଡରୁ ଅବଶିଷ୍ଟ ୨୧ ମେଢ ପ୍ରତ୍ୟାବର୍ତନ କରି ନିଜ ନିଜ ଘାଟରେ ଜଳ ବିସର୍ଜନ ଲାଭ କରିବେ । ତେବେ ସୋମବାର ରାତି ସୁଦ୍ଧା ମେଲଣରେ ଭାଗ ନେଇଥିବା ସମସ୍ତ ମେଢ ଜଳ ବିସର୍ଜନ ଲାଭ କରିବେ ବୋଲି ସମୟ ସ୍ଥିର କରାଯାଇଛି । ମଙ୍ଗଳବାର ସର୍ବ ପ୍ରାଚୀନ ପୁରୁଣା ବସଷ୍ଟାଣ୍ଡର ଥାନପତି ମେଢ ପାରମ୍ପରିକ କାନ୍ଧ ବାହାକ ମାନଙ୍କ ଦ୍ୱାରା ସର୍ବ ଶେଷରେ ଜଳ ବିସର୍ଜନ ଲାଭ କରିବେ ବୋଲି ଜଣାପଡିଛି ।

## ସରକାରୀ ମହିଳା ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ

ଜୟପୁର ,୧୮/୧୦ (ନି.ପ୍ର): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ନବାଗତ ଯୁକ୍ତ ତିନି କଳା ଛାତ୍ରୀମାନଙ୍କ ନିମନ୍ତେ ଏକ ବର୍ଣ୍ଣାଢ୍ୟ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ମନୋରମା ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ଶିକ୍ଷା ବିଭାଗର ଅଧ୍ୟାପକ ଡ. ମନୋରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ପ୍ରଥମେ ଅଧ୍ୟାପକ ଅଧ୍ୟାପିକାମାନଙ୍କର ବ୍ୟକ୍ତିଗତ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷା ଡଃ. ମନୋରମା ଦେବୀ ନବାଗତ ଛାତ୍ରୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ସ୍ୱାଗତ ଜଣାଇବା ସହ ୩ ସ୍ତରରେ ଛାତ୍ରମାନଙ୍କ କର୍ତବ୍ୟ ଓ ବିଭିନ୍ନ ନୀତିନିୟମ ସମ୍ବନ୍ଧରେ ଆଲୋଚନା କରିଥିଲେ। ନବାଗତ ଛାତ୍ରୀ ମାନଙ୍କୁ ନିୟମିତ କଲେଜ ଆସି ମନଧ୍ୟାନ ସହ ଶିକ୍ଷାଦାନ କାର୍ଯ୍ୟରେ ଅଂଶ ଗ୍ରହଣ କରିବା, ଗ୍ରନ୍ଥାଗାରରୁ ପୁସ୍ତକ ନେଇ ପଢ଼ିବା, କଲେଜରେ ଅନୁଷ୍ଠିତ ବିଭାଗୀୟ ସେମିନାରରେ ଅଂଶ ଗ୍ରହଣ ସମ୍ପର୍କରେ ଅଧ୍ୟକ୍ଷା ପରାମର୍ଶ ଦେଇଥିଲେ । ଏଥିପାଇଁ ନବାଗତ ଛାତ୍ରୀମାନେ ଉତମ ଆଚରଣ, କଠିନ ପରିଶ୍ରମ, ସମୟାନୁବର୍ତ୍ତୀ ହୋଇ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନିମନ୍ତେ ସେ ଆହ୍ୱାନ ଦେଇଥିଲେ। ଶିକ୍ଷା ବିଭାଗର ଅଧ୍ୟାପକ ଡ. ମନୋରଞ୍ଜନ ପ୍ରଧାନ କଲେଜରେ ରାଗିଙ୍ଗ୍ ସଂପର୍କରେ ଆଲୋଚନା କରି ରାଗିଙ୍ଗ୍ ଏକ ଅପରାଧିକ କାର୍ଯ୍ୟକଳାପ,ଏହା ଶିକ୍ଷାର୍ଥୀ ମାନଙ୍କୁ ବିପଥଗାମୀ କରାଏ। ଏଭଳି ଅସାମାଜିକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ କରୁଥିବା ଛାତ୍ରଛାତ୍ରୀଙ୍କୁ କଠୋର ଦଣ୍ଡ ବିଧାନ କଥା ସମବେତ ନବାଗତ ଛାତ୍ରୀମାନଙ୍କୁ ସୂଚନା ଦେଇଥିଲେ। ଅଧ୍ୟାପିକା ଡ. କନକଲତା ମହାପାତ୍ର ୩ ସ୍ତରରେ ଥିବା ଅଧୁନା ସିବିସିଏସଇ ପରୀକ୍ଷା ବ୍ୟବସ୍ଥା, ପ୍ରଶ୍ନପତ୍ରର ସ୍ୱରୂପ ଓ ପରୀକ୍ଷା ଫଳ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ। ପ୍ରବେଶ ଉତ୍ସବରେ ଅର୍ଥଶାସ୍ତ୍ର ବିଭାଗର ମୁଖ୍ୟ ଡ. ବିବେକାନନ୍ଦ ସୁନା ସ୍ନାତକ ସ୍ତରରେ ଥିବା ବିଭିନ୍ନ ଫି' ସମ୍ପର୍କରେ ଆଲୋଚନା କରିଥିଲେ। ସେମିଷ୍ଟର ଦେୟ, ପରୀକ୍ଷା ଦେୟ ଓ ଅନ୍ୟାନ୍ୟ ଦେୟ ସମ୍ବନ୍ଧରେ ପ୍ରାଞ୍ଜଳ ଭାବରେ ବୁଝାଇ ଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ଡମ୍ବରୁଧର ଦାସ କଳା ପାଠ୍ୟକ୍ରମର ପ୍ରାସଙ୍ଗିକତା ସହ ସ୍ନାତକ ସ୍ତରରେ ଥିବା ତିନି ବର୍ଷିୟ ପାଠ୍ୟ ଖସଡ଼ା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସ୍ୱାଗତ ଉତ୍ସବରେ ଇଂରାଜୀ ବିଭାଗର ମୁଖ୍ୟ ଅନ୍ଦ୍ରିୟ ଶବର ପିଲାମାନଙ୍କୁ ଛାତ୍ର ବୃତି ତଥା ସ୍କଲାରସିପ୍ ସମ୍ବନ୍ଧରେ ଆଲୋଚନା କରିଥିଲେ।

## ପ୍ରଧାନମନ୍ତ୍ରୀ କୃଷକ ସମ୍ମିଳନୀରେ ଜିଲ୍ଲାର ୨ କୃଷକ ସମ୍ମାନିତ

କେନ୍ଦ୍ରାପଡା ,୧୮/୧୦ (ନି.ପ୍ର): କେନ୍ଦ୍ରାପଡା ଜଝାଙ୍ଗ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ସମ୍ମିଳନୀର ଆୟୋଜନ କରାଯାଇଛି । ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷକ ସମ୍ମାନ ସମ୍ମିଳନୀର ଆୟୋଜିତ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଜଝାଙ୍ଗ କୃଷି ବିଜ୍ଞାନ କେନ୍ଦ୍ରରେ ଆୟୋଜିତ କୃଷକ ସମ୍ମିଳନୀରେ ପ୍ରସାରଣ କରାଯାଇ କୃଷକ ମାନଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଓ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଅନ୍ତର୍ଗତ ୧୨ତମ କିସ୍ତି ୧୬ ହଜାର କୋଟି ଟଙ୍କା କୃଷକ ମାନଙ୍କ ବ୍ୟାଙ୍କ ଜମା ଖାତାକୁ ପଠା ଯାଇଥିଲା । ନୂଆଦିଲ୍ଲୀ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲାରୁ ଯୋଗ ଦେଇଥିବା ଡେରାବିଶ ବ୍ଲକ ଏଣ୍ଡର ଗ୍ରାମର ମୁକେଶ କୁମାର ଧଳ ଓ ରାଜକନିକା ଖୁଲାରୀ ଗ୍ରାମର ବିକାଶ ଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ସୂର୍ଯ୍ୟ ନାରାୟଣ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ବୈଜ୍ଞାନିକ ନମିତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡ଼ଃ. ବିବେକାନନ୍ଦ ସାହୁ, ବୈଜ୍ଞାନିକ ମାନସ ରଞ୍ଜନ ବେହେରା, ତାପସ ରଞ୍ଜନ ସାହୁ, ପ୍ରଭାତ କୁମାର ସାହୁ, ରାଜେଶ ମହାପାତ୍ର, ପ୍ରଶାନ୍ତ କୁମାର ସାହୁ, ମାତୃ ପ୍ରସାଦ ମହାନ୍ତି, ଅନିରୁଦ୍ଧ ଭୋଇ, ମହମ୍ମଦ ଫିରୋଜ ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥି ଭାବେ ଅଂଶ ଗ୍ରହଣ କରିଥିଲେ ।

# ବୁଧବାର ଚାନ୍ଦନୀ ଚୌକ ଠାରୁ ବୃହତ୍ ସ୍ୱଚ୍ଛତା ଅଭିଯାନର ଉଦ୍ଘାଟନ କରିବେ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର

ନୂଆଦିଲ୍ଲୀ, ୧୮/୧୦ : କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରୀ ଅନୁରାଗ ସିଂହ ଠାକୁର ଆସନ୍ତାକାଲି (ବୁଧବାର) ଦିଲ୍ଲୀର ଚାନ୍ଦିନୀ ଚୌକ ଠାରେ ସ୍ୱଚ୍ଛ ଭାରତ ୨୦୨୨ କାର୍ଯ୍ୟକ୍ରମ ଅଧୀନରେ ବୃହତ୍ ସ୍ୱଚ୍ଛତା ଅଭିଯାନର ଉଦ୍ଘାଟନ କରିବେ । ସମାନ ଧରଣର ସ୍ୱଚ୍ଛତା ଅଭିଯାନ ୧୯ ଅକ୍ଟୋବର ୨୦୨୨ରେ ସାରା ଦେଶର ସମସ୍ତ ଗ୍ରାମ ଗୁଡିକରେ ଚାଲୁ କରାଯିବ । ଏହାର ଉଦ୍ଦେଶ୍ୟ ହେଉଛି ଯୁବ ବ୍ୟାପାର ବିଭାଗ ତଥା ଏହାର ସହଯୋଗୀ ସଙ୍ଗଠନ ଗୁଡିକ, ଯଥା ଏନ୍‌ୱାଇକେଏସ୍ ଏବଂ ଏନ୍‌ଏସ୍‌ଏସ୍ ଦ୍ୱାରା ସ୍ୱଚ୍ଛ ଭାରତ ୨୦୨୨ କାର୍ଯ୍ୟକ୍ରମର ପ୍ରୟାସ ଗୁଡିକୁ ମଜଭୁତ କରିବା ଏବଂ ସାରା ଦେଶର ସମସ୍ତ ଗ୍ରାମ ଗୁଡିକରେ ଏହି ଭଳି କାର୍ଯ୍ୟକ୍ରମ ଆୟୋଜିତ କରି ଏହି ଅଭିଯାନରେ ଜନ ଭାଗୀଦାରୀକୁ ସୁନିଶ୍ଚିତ କରିବାର କାର୍ଯ୍ୟକୁ ଆହୁରି ଦ୍ରୁତ କରିବା । ଏକ ଛୋଟ ଆରମ୍ଭ ମହାନ ଏବଂ ବଡ ବଡ ପରିବର୍ତ୍ତନ ଆଡକୁ ଆଗେଇ ନେଇ ଯାଇପାରେ । ଆଜାଦୀର ଅମୃତ ମହୋତ୍ସବ ଉପଲକ୍ଷରେ ଯୁବ ବ୍ୟାପାର ବିଭାଗ ଦ୍ୱାରା ଆରମ୍ଭ କରା ଯାଇଥିବା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଏହି କଥାକୁ ପ୍ରମାଣିତ କରିଥାଏ । ପ୍ରାୟ ୧୭ ଦିନ ପୂର୍ବରୁ, ଏକ ମାସର ଅବଧିରେ ଏକ କୋଟି କିଲୋଗ୍ରାମ୍ ଅବର୍ଜନା ସଂଗ୍ରହ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରା ଯାଇଥିଲା । ଏବେ ସୁଦ୍ଧା, ସାରା ଦେଶରେ ସମସ୍ତ ଜିଲ୍ଲା ଗୁଡିକର ଯୁବକ ମାନଙ୍କର ଏବଂ ଜୀବନର ବିଭିନ୍ନ କ୍ଷେତ୍ର ଗୁଡିକ ସହିତ ଯୋଡି ହୋଇଥିବା ଲୋକ ମାନଙ୍କ ପକ୍ଷରୁ ମିଳୁଥିବା ବହୁତ ସମର୍ଥନ ଏବଂ ପ୍ରତିକ୍ରିୟା ସହିତ ୬୦ ଲକ୍ଷ କିଲୋଗ୍ରାମରୁ ଅଧିକ ଆବର୍ଜନା ସଂଗ୍ରହ କରା ଯାଇଛି ।ଏହା ଗୋଟିଏ ପ୍ରକାରର ଟ୍ରେଣ୍ଡ ସେଟର୍ ଅଟେ । ଭିନ୍ନ ଭିନ୍ନ ପୃଷ୍ଠଭୂମି ଏବଂ ବିଭିନ୍ନ ପ୍ରକାରର ଲୋକ, ବିଶେଷ ରୂପରେ ଯୁବକ ମାନେ କେବଳ ଏହି କାର୍ଯ୍ୟକ୍ରମରେ ଭାଗ ନେଉ ନାହାନ୍ତି, ବରଂ ଅନ୍ୟ ମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ରୂପରେ ସ୍ୱେଚ୍ଛାକୃତ ଭାବେ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ନିମନ୍ତେ ପ୍ରେରିତ ଏବଂ ପ୍ରୋତ୍ସାହିତ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ସ୍ୱଚ୍ଛତା ଅଭିଯାନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀ' ଙ୍କ ଦ୍ୱାରା ୨୦୧୪ ମସିହାରେ ଆରମ୍ଭ କରା ଯାଇଥିଲା ଏବଂ ସେବେ ଠାରୁ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଦେଖା ଯାଇ ପାରିଛି । ସ୍ୱଚ୍ଛ ଭାରତ ଏକ ଯୁବା କେନ୍ଦ୍ରିତ ମଡେଲ୍ । ଏହି କାର୍ଯ୍ୟକ୍ରମର ସଙ୍କଳ୍ପତା, ଲୋକ ମାନଙ୍କୁ ସଙ୍ଗଠିତ କରିବାର କାର୍ଯ୍ୟ ଏବଂ ଏହାର ସଫଳ କାର୍ଯ୍ୟାନ୍ୱୟନରେ ଯୁବକ ମାନଙ୍କର ମୁଖ୍ୟ ଭୂମିକା ସମ୍ପର୍କରେ ପରିକଳ୍ପନା କରା ଯାଇଛି । ସୀମା ଭିତରୁ ବାହାରି ବିକାଶର ମୁଖ୍ୟ ଧାରାରେ ଯୁବକ ମାନେ ଯୋଗ ଦେବା ଦେଶ ନିମନ୍ତେ ଶୁଭ ସଙ୍କେତ ଅଟେ । ଯଦିଓ ଏହି କାର୍ଯ୍ୟକ୍ରମର ମୁଖ୍ୟ କେନ୍ଦ୍ର ଗ୍ରାମ ଅଟେ, କିନ୍ତୁ ଜନସଂଖ୍ୟାର ବିଶେଷ ବର୍ଗ, ଯେମିତିକି ଧାର୍ମିକ ସଙ୍ଗଠନ, ଶିକ୍ଷକ, କର୍ପୋରେଟ୍ ସଙ୍ଗଠନ, ମହିଳା ସମୂହ ଏବଂ ଅନ୍ୟ ଲୋକମାନେ ମଧ୍ୟ ଏଥିରେ ଭାଗ ନେଇ ଏହି ଲକ୍ଷ୍ୟ ପ୍ରତି ନିଜର ଏକତା ଦେଖାଉଛନ୍ତି ଏବଂ ଏହାକୁ ବାସ୍ତବରେ ଏକ ଜନ ଆନ୍ଦୋଳନରେ ପରିବର୍ତ୍ତନ କରୁଛନ୍ତି । ସମାନ ଅଭିଯାନ ଐତିହାସିକ / ପ୍ରତିଷ୍ଠିତ ସ୍ଥାନ ଗୁଡିକରେ ଏବଂ ଅନ୍ୟାନ୍ୟ ହଟ୍‌ସ୍ପଟ୍, ଯେମିତି ପର୍ଯ୍ୟଟନ ସ୍ଥଳୀ, ବସ୍ ଷ୍ଟାଣ୍ଡ / ରେଳ ଷ୍ଟେସନ୍ ଗୁଡିକରେ, ଜାତୀୟ ରାଜପଥ ଏବଂ ଶୈକ୍ଷିକ ସଂସ୍ଥା ଗୁଡିକରେ ମଧ୍ୟ ଚାଲୁ କରା ଯାଉଛି । ଏହି କାର୍ଯ୍ୟକ୍ରମ ଏହାର ସ୍ତର ଏବଂ ବ୍ୟାପକତା, ଦୁଇଟି ଦୃଷ୍ଟିରୁ ବିଶେଷ ଅଟେ ଏବଂ ଏହା ଯୁବକ ମାନଙ୍କ ଭାଗୀଦାରୀ ଦ୍ୱାରା ଜନ ଆନ୍ଦୋଳନର ମଡେଲ୍ ଉପରେ ପରିକଳ୍ପିତ କରା ଯାଇଛି ତଥା ଏହା ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସଫଳତା ଏବଂ ନିରନ୍ତରତା ନିମନ୍ତେ ପ୍ରତ୍ୟେକ ନାଗରିକ ମାନଙ୍କର ଭୂମିକା ଏବଂ ଯୋଗଦାନକୁ ନିର୍ଦ୍ଧାରିତ କରା ଯାଇଛି । ସ୍ୱଚ୍ଛ ଭାରତ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ସାଧାରଣ ଲୋକ ମାନଙ୍କର ବାସ୍ତବିକ ଚିନ୍ତାଧାରାକୁ ଏବଂ ଏହି ସମସ୍ୟା ଗୁଡ଼ିକୁ ଦୂର କରିବା ନିମନ୍ତେ ସେମାନଙ୍କର ସଙ୍କଳ୍ପକୁ ମଧ୍ୟ ଦର୍ଶାଇଥାଏ । ଏହି ପଦକ୍ଷେପର ମୁଖ୍ୟ ପ୍ରେରକ ତତ୍ତ୍ୱ ହେଉଛି ନିଜର ସୀମାକୁ ଭୂଲି ସମସ୍ତ ହିତଧାରକ ମାନଙ୍କ ମଧ୍ୟରେ ସମନ୍ୱୟ ଏବଂ ତାଳମେଳ ରକ୍ଷା କରିବା ।

## ଜବରଦଖଲ ହଟାଇବାକୁ ମାଇକପ୍ରଚାର

ଖଇରା, ୧୮/୧୦(ନି.ପ୍ର): ଖଇରା ବ୍ଲକ ଅଧୀନ ମହତୀପୁରରୁ ମୁସ୍ତଫାବାଦ, ସିଙ୍ଗିପୁର, ତୋଟାପଡା ଦେଇ ଚରମ୍ପା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ର ପ୍ରଶସ୍ତିକରଣ ପାଇଁ ପ୍ରଥମ ପଦକ୍ଷେପ ସ୍ୱରୁପ ଜବରଦଖଲ ଉଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ରାସ୍ତାର ୨ପାର୍ଶ୍ୱରେ ଥିବା ବ୍ୟକ୍ତିଗତ ଜବରଦଖଲ ହଟାଇବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଛି । ମଙ୍ଗଳବାର ତହସିଲଦାରଙ୍କ ଦ୍ୱରା ହୋଇଥିବା ନିର୍ଦ୍ଦେଶରେ ଆସନ୍ତା ୧୦ଦିନ ମଧ୍ୟରେ ଜବରଦଖଲକାରୀ ମାନେ ନିଜସ୍ୱ ଚେଷ୍ଟାରେ ଯାଗା ଛାଡିବେ । ଅନ୍ୟଥା ପ୍ରଶାସନ ଯେକୌଣସୀ ଦିନ ଏହାକୁ ବଳପୂର୍ବକ ଉଚ୍ଛେଦ କରିବେ । ଉକ୍ତ ରାସ୍ତାର ପ୍ରଶକ୍ତି କରଣ ପାଇଁ ୧୫କୋଟି ୭୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ।

## ପଣ୍ଡିତ ସୁରେନ୍ଦ୍ର ନାଥ କରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସ୍ମରଣିକା ପାଇଁ ଲେଖା ପଠାଇବାକୁ ଅନୁରୋଧ

ଭୁବନେଶ୍ୱର, ୧୮/୧୦(ନି.ପ୍ର): ବାଲେଶ୍ୱର ଜିଲ୍ଲାର ଅନ୍ୟତମ ସାରସ୍ୱତ ସାଧକ, ଦେଢ଼ି ୧୦ଖଣ୍ଡ ପୁସ୍ତକ ରଚନା କରିଛନ୍ତି, ବିଶେଷ ଭାବେ ଫକୀରମୋହନ ସେନାପତିଙ୍କ ଗଳ୍ପକୁ ସଂସ୍କୃତ ଭାଷାରେ ଅନୁବାଦ କରିଛନ୍ତି,ଜଣେ ଆଦର୍ଶ ଛାତ୍ରବତ୍ସଳ କୃତୀ ସଂସ୍କୃତ ଶିକ୍ଷକ ଭାବେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଦୀର୍ଘ ୩୨ ବର୍ଷ ଶିକ୍ଷକତା କରିଥିଲେ ତାଙ୍କ ବିୟୋଗରେ ତାଙ୍କ ପରିବାର ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ପୁସ୍ତକ ଏଇ ମାସ ୨୬ ତାରିଖ ସନ୍ଧ୍ୟାରେ ପ୍ରକାଶ ପାଇବ । ଏଣୁ, ଅନୁରୋଧ ଆଗାମୀ ଦୁଇ ଦିନ ମଧ୍ୟରେ ପଣ୍ଡିତ କରଙ୍କ ସମ୍ପର୍କରେ ଆପଣଙ୍କ ସ୍ମୃତି ଆଲେଖ୍ୟ ପ୍ରଦାନ କଲେ ତାହା ସ୍ମୃତି ଗ୍ରନ୍ଥରେ ସ୍ଥାନିତ ହୋଇପାରିବ ।

## ବାଲେଶ୍ୱର ମଧୁବୈଶ୍ୟ ସମାଜର ବୈଠକ

ବାଲେଶ୍ୱର, ୧୮/୧୦(ନି.ପ୍ର): ବାଲେଶ୍ୱର ଜିଲ୍ଲା ମଧୁବୈଶ୍ୟ ସମାଜର ଏକ ବୈଠକ ବାରବାଟୀ ସ୍ଥିତ ଅଭିରାମ ସାହୁଙ୍କ ଗଣେଶ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ଉପ-ସଭାପତି ନିରଞ୍ଜନ ସାହୁ ଏଥିରେ ସଭାପତିତ୍ୱ କରିଥିଲେ । ଏଥିରେ ସଂଘର ସମସ୍ତ ଜିଲାସ୍ତରୀୟ କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ବ୍ଲକ କମିଟି କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ସାମ୍ପ୍ରତିକ ସ୍ଥିତିରେ ମଧୁବୈଶ୍ୟମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ଏଥି ସହିତ ଆସନ୍ତା ଡିସେମ୍ବର ୧୮ ତାରିଖରେ ହେବାକୁ ଥିବା ବାର୍ଷିକ ସମ୍ମିଳନୀ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମ୍ପାଦକ ଯୋଗେନ୍ଦ୍ର ସାହୁ ସମ୍ମିଳନୀର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ । ଘଟିକା ସ୍ଥାନୀୟ ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ ଏହି ସମ୍ମିଳନୀ ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ସମ୍ମିଳନୀରେ ଚିତ୍ରାଙ୍କନ, ରଙ୍ଗୋଲି, କୁଇଜ୍, ନାଚ, ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ । କୃତୀ ପ୍ରତିଯୋଗୀଙ୍କ ସମେତ ମେଟ୍ରିକ୍, +୨ , +୩ରେ ସର୍ବାଧିକ ନମ୍ବର ରଖିଥିବା ବାଲେଶ୍ୱର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ପୁରସ୍କାର, ପୂଜ୍ୟପୂଜା ସମ୍ମାନ, କୌଳିକ ବୃତ୍ତି ସମ୍ମାନ ଆଦି ପ୍ରଦାନ କରାଯିବା ନେଇ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବଙ୍ଗୋପସାଗରରେ ବାତ୍ୟା....

୨୧ ତାରଖରୁ ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ଆରମ୍ଭ ହୋଇପରେ । ୨୨ କିମ୍ବା ୨୩ ତାରିଖ ବେଳକୁ ଲଘୁଚାପଟି ଏକ ସାମୁଦ୍ରିକ ବାତ୍ୟାରେ ପରିଣତ ହୋଇପାରେ । ତେବେ, ଲଘୁଚାପ ସୃଷ୍ଟି ହେବାପରେ ହିଁ ଯାଇ ଏସବୁର ଏକ ଆକଳନ କରିହେବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଅକ୍ଟୋବର ମାସଟି ବଙ୍ଗୋପସାଗର ଓ ଓଡ଼ିଶା ପାଇଁ ବାତ୍ୟା ପ୍ରବଣ ମାସ । ତେବେ, ଏହାର ଅର୍ଥ ନୁହେଁ ଯେ ଅକ୍ଟୋବର ମାସରେ ସୃଷ୍ଟି ହେଉଥିବା ସବୁ ବାତ୍ୟା ଓଡ଼ିଶା ମୁହାଁ ବୋଲି କହିଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର । ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଗତକାଲିର ଘୂର୍ଣ୍ଣିବଳୟ ଆଜି ସକାଳ ସାଢ଼େ ୮ଟାରେ ପାଖାପାଖି ଉତର-ଆଣ୍ଡାମାନ ସାଗର ଏବଂ ପାର୍ଶ୍ୱବର୍ତୀ ଅଂଚଳରେ ସକ୍ରିୟ ରହିବା ସହ ବାୟୁମଣ୍ଡଳର ୫.୮ କିମି ଯାଏଁ ବ୍ୟାପିଛି । ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଆଗାମୀ ୪୮ ଘଂଟା ମଧ୍ୟରେ ଦକ୍ଷିଣ-ପୂର୍ବ ପାର୍ଶ୍ୱବର୍ତୀ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟିହେବାର ସମ୍ଭାବନା ରହିଛି । ଏହା ପରବର୍ତୀ ସମୟରେ ପଶ୍ଚିମ-ଉତରପଶ୍ଚିମ ଦିଗରେ ଗତି କରିବା ସହ ୨୨ ତାରିଖ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଏକ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ପରବର୍ତୀ ସମୟରେ ଏହା ଆହୁରି ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ବାତ୍ୟାର ରୂପ ନେବ ବୋଲି ଜଣାଯାଇଛି । ତେବେ ବାତ୍ୟା ହେଲେ ତାହା କେଉଁଠି ଲ୍ୟାଣ୍ଡଫଲ୍ କରିବ, ସେ ସମୟରେ ପବନର ବେଗ କେତେ ରହିବ ଏନେଇ କିଛି ସ୍ପଷ୍ଟ ସୂଚନା ମିଳିପାରିନି । ଆସନ୍ତା ୨୨ ତାରିଖରେ ଅବପାତ ହେବା ପରେ ବାତ୍ୟାର ଚିତ୍ର ସ୍ପଷ୍ଟ ହେବ । ତେଣୁ ୨୩ରୁ ୨୫ ପର୍ଯ୍ୟନ୍ତ କର୍ମଚାରୀଙ୍କୁ ହେଡକ୍ୱାର୍ଟର ନ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର । ଏଥିସହ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ୨୨ ତାରିଖଠାରୁ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି ।

### ୫୦ କୋଟି ଟଙ୍କାର କୋକେନ ....

ଏହି ଘଟଣାରେ ଜଣେ ଭାରତୀୟ ମହିଳା ଓ ୨ ଜଣ ଇଥୋପିଆ ପୁରୁଷଙ୍କୁ ଗିରଫ କରାଯାଇଛି । ଏହି ସିଣ୍ଡିକେଟ୍‌ର ଲିଙ୍କ ନାଇଜେରିଆନ ଡ୍ରଗ ମାଫିଆଙ୍କ ସହ ବି ରହିଛି । ଏହାର ଚେର ପୂରା ଭାରତ ବର୍ଷରେ ଲମ୍ବିଛି । ବିଶେଷ କରି ମୁମ୍ବାଇ ଓ ଦିଲ୍ଲୀରେ ଏମାନଙ୍କ କାରବାର ଅଧିକ ବୋଲି ଏନସିପିର ଡେପୁଟି ଡିରେକ୍ଟର ଜେନେରାଲ ଘନେଶ୍ୱର ସିଂହ କହିଛନ୍ତି । ମୁମ୍ବାଇରୁ ମଧ୍ୟ ସମାନ ଢଙ୍ଗରେ ଜଣେ ମହିଳାଙ୍କ ଟ୍ରଲି ବ୍ୟାଗରୁ ୨ କେଜି ଓଜନର କୋକେନ ଜବତ ହୋଇଛି । ଏହି ଘଟଣାରେ ଜଣେ ମହିଳା ଓ ୨ ଜଣ ବିଦେଶୀ ନାଗରିକଙ୍କୁ ଗିରଫ କରାଯାଇଛି । ଏପରି ଭାବେ ମୋଟ ୭ କେଜି ଓଜନର କୋକେନ ଦିଲ୍ଲୀ ଓ ମୁମ୍ବାଇରୁ ଜବି ହୋଇଛି । ଏହାର ବଜାର ମୂଲ୍ୟ ୫୦ କୋଟି ଟଙ୍କା ହେବ । ଡ୍ରଗ ମାଫିଆମାନେ ସୋଶାଲ ମିଡିଆ ପ୍ଲାଟଫର୍ମ ଓ ଭର୍ଚ୍ୟୁଆଲ ନମ୍ବର ଦ୍ୱାରା ଯୋଗାଯୋଗ ସ୍ଥାପନ କରୁଛନ୍ତି । ଏହି ମାଧ୍ୟମରେ ଏହି ନିଶାଦ୍ରବ୍ୟର ଚାଲାଣ ପାଇଁ ନିର୍ଦ୍ଦେଶ ଆସୁଛି । ସବୁ କିଛି ଆଫ୍ରିକୀୟ ଦେଶରୁ ଅପରେଟ ହେଉଛି ବୋଲି ଏନସିପି ପକ୍ଷରୁ କୁହାଯାଇଛି ।

## ରାଜ୍ୟରେ ନୂଆ ୫୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୮/୧୦(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୫୫୬୨ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୫୯ ଆକ୍ରାନ୍ତଙ୍କ ମଧ୍ୟରୁ ୩୪ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୨୫ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୯୫ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୫୬୭୩ ରେ ପହଂଚିଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୩୪ ରହିଛି । ରାଜ୍ୟରେ ନୂଆ ଚିହ୍ନଟ ହୋଇଥିବା ୫୯ ସଂକ୍ରମିତଙ୍କ ମଧ୍ୟରୁ ବରଗଡ଼ ଜିଲ୍ଲାରେ ୧, ବଲାଙ୍ଗିର ଜିଲ୍ଲାରେ ୧, କଟକ ଜିଲ୍ଲାରେ ୪, ଦେବଗଡ଼ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରେ ୫, ଯାଜପୁର ଜିଲ୍ଲାରେ ୪ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ମୟୂରଭଞ୍ଜ ଜିଲ୍ଲାରେ ୮, ନୂଆପଡ଼ା ଜିଲ୍ଲାରେ ୩, ପୁରୀ ଜିଲ୍ଲାରେ ୫, ରାୟଗଡ଼ା ଜିଲ୍ଲାରେ ୨, ସମ୍ବଲପୁର ଜିଲ୍ଲାରେ ୨, ସୋନପୁର ଜିଲ୍ଲାରେ ୧, ସୁନ୍ଦରଗଡ଼ ଜିଲ୍ଲାରେ ୧୪ ଓ ଷ୍ଟେଟ ପୁଲରେ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଉନ୍ମୋଚିତ ହେଲା ପ୍ରଫେସର୍ ଶାନ୍ତନୁ କୁମାର ମହାନ୍ତିଙ୍କ ଲିଖିତ 'ବାଲେଶ୍ୱର ଭୂଖଣ୍ଡର ଐତିହ୍ୟ, ସଂସ୍କୃତି ଓ ଇତିହାସ' ଗ୍ରନ୍ଥ

ବାଲେଶ୍ୱର, ୧୮/୧୦(ନି.ପ୍ର): ଇତିହାସ ସବୁବେଳେ ସ୍ଥିର । ଶାସନ ଦୃଷ୍ଟିରୁ ହୁଏତ ଭୂଖଣ୍ଡର ବିଭକ୍ତିକରଣ ହୋଇପାରିଥାଏ, ମାତ୍ର ସେହି ଭୂଖଣ୍ଡର ଅତୀତ ଇତିହାସ କେବେ ପରିବର୍ତ୍ତନଶୀଳ ନୁହେଁ ବରଂ ସମୟାନୁକ୍ରମରେ ଉଦ୍‌ଘାଟିତ ହୋଇ ନଥିବା ସେହି ଭୂମିର ନୂତନ ତଥ୍ୟକୁ ଗବେଷକମାନେ ଗବେଷଣା ଜରିଆରେ ଲୋକଲୋଚନକୁ ଆଣି ଇତିହାସକୁ ଅଧିକ ସମୃଦ୍ଧ କରାଇଥାଆନ୍ତି । ସମୟ ଆସିଛି, ଆଞ୍ଚଳିକ ଇତିହାସର ଗବେଷଣାକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି । ପ୍ରତ୍ୟେକଟି ଭୂଖଣ୍ଡର ଇତିହାସରେ ତା'ର ଐତିହ୍ୟ, ସଂସ୍କୃତିର ମହନୀୟତା ସେଠାକାର ଜନଜୀବନରୁ ପ୍ରତିଫଳିତ ହୋଇଥାଏ । ମାତ୍ର ସେହି ଭୂଖଣ୍ଡର ଅବଲୁପ୍ତ ବା ଅବକ୍ଷୟମୁଖୀ ଅତୀତର ଇତିହାସକୁ ଅଧିକ ପ୍ରଚାରିତ ଓ ପ୍ରସାରିତ କରିବା ସେହି ଭୂଖଣ୍ଡର ସଚେତନ ନାଗରିକମାନଙ୍କର ଏକ ମୌଳିକ କର୍ତ୍ତବ୍ୟ । ସେହି କାର୍ଯ୍ୟ ଯେଉଁମାନେ ସମ୍ପାଦିତ କରିଥା'ନ୍ତି, ତାଙ୍କୁ ପରବର୍ତ୍ତୀ ପିଢ଼ି କେବେ ଭୁଲି ଯାଆନ୍ତି ନାହିଁ । ପ୍ରଫେସର୍ ଶାନ୍ତନୁ କୁମାର ମହାନ୍ତି ସୁଦୂର ଚନ୍ଦବାଲି ସହରରେ ଥାଇ ସମଗ୍ର ବାଲେଶ୍ୱରର ଐତିହ୍ୟ, ସଂସ୍କୃତି ଓ ଇତିହାସକୁ ନେଇ ଯେଉଁ ଗବେଷଣାଧର୍ମୀ ପୁସ୍ତକଟିଏ ରଚନା କରିଛନ୍ତି ତାହା ଅତୀତରେ ରଚନା ହୋଇଥିବା ବାଲେଶ୍ୱର ଇତିହାସ ପୁସ୍ତକମାନଙ୍କ ମଧ୍ୟରେ ଆଉ ଏକ ନୂତନ ସଂଯୋଜନ, ଏହା ଅନେକଙ୍କ ଦ୍ୱାରା ପ୍ରଶଂସିତ ହେବ ବୋଲି ଏହି ଗ୍ରନ୍ଥର ଉନ୍ମୋଚନ କରି ମୁଖ୍ୟଅତିଥି ରାଜ୍ୟ ସଂସ୍କୃତି ପର୍ଯ୍ୟଟନ, ଭାଷା ଓ ସାହିତ୍ୟ ବିଭାଗର ମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ପାତ୍ର ପ୍ରକାଶ କରିଛନ୍ତି । ୧୭ତାରିଖ ସନ୍ଧ୍ୟାରେ ବାଲେଶ୍ୱର ସହରସ୍ଥ ଗାନ୍ଧିସ୍ମୃତି ଭବନ ପରିସରରେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଅଶ୍ୱିନୀ କୁମାର ପାତ୍ରଙ୍କ ସମେତ ରେମୁଣାର ବିଧାୟକ ସୁଧାଂଶୁ ଶେଖର ପରିଡ଼ା, କେନ୍ଦ୍ରସାହିତ୍ୟ ଏକାଡ଼େମୀ ସଦସ୍ୟ ଡ.ବିଜୟାନନ୍ଦ ସିଂହ, ଗବେଷକ ଡ.ଅରବିନ୍ଦ ଗିରି, ଓଡ଼ିଶା ସାହିତ୍ୟ ଏକାଡ଼େମୀର ରାଜ୍ୟ ସଦସ୍ୟ କବି କାଳୀପଦ ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଯୋଗଦେଇ ପ୍ରଫେସର୍ ମହାନ୍ତିଙ୍କର ଏହି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ରବୀନ୍ଦ୍ର କୁମାର ବେହୁରିଆ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଲେଖକ ପ୍ରଫେସର୍ ଶାନ୍ତନୁ କୁମାର ମହାନ୍ତି ଆଳି, ରାଜକନିକା, ଚନ୍ଦବାଲି ପ୍ରଭୃତି ଅଞ୍ଚଳର ଆଞ୍ଚଳିକ ଇତିହାସ ରଚନା କରିବା ପରେ ଅବିଭକ୍ତ ବାଲେଶ୍ୱର ଭୂଖଣ୍ଡର ଇତିହାସ ରଚନା କରି ବେଶ୍ ଆନନ୍ଦ ଅନୁଭବ କରୁଛନ୍ତି ବୋଲି କହିଥିଲେ । ଗ୍ରନ୍ଥର ପ୍ରକାଶକ କଟକର କୃଷ୍ଣଚନ୍ଦ୍ର ନାୟକ ଉପସ୍ଥିତ ରହିଥିଲା ବେଳେ ଶେଷରେ ସମ୍ବିତ୍ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ପୁସ୍ତକ ଉନ୍ମୋଚନ ଉତ୍ସବରେ ସହରର ବିଭିନ୍ନ ବର୍ଗର ଅନେକ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ ।

## ପୂର୍ବତନ ସମିତିସଭ୍ୟଙ୍କ ଏକାଦଶାହରେ ସ୍ମୃତିସଭା

ନୀଳଗିରି, ୧୮/୧୦(ନି.ପ୍ର): ନୀଳଗିରି ବ୍ଲକ ଧରମପୁର ପଂଚାୟତର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସମିତିସଭ୍ୟ ଧୃବଚରଣ ସେଠୀଙ୍କ ବାସଭବନରେ ସ୍ୱର୍ଗତ ଧୃବଚରଣ ସେଠୀଙ୍କ ଏକାଦଶାହ କର୍ମରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ସେଠୀ ଏକାଧାରରେ ଜଣେ ସମାଜସେବୀ, ଚାକରିର ଅବସର ନେବା ପରେ ଧରମପୁର ପଂଚାୟତର କଂଗ୍ରେସର ଜଣେ ଆଗଧାଡ଼ିର ନେତା ହୋଇ ସମିତିସଭ୍ୟ ଭାବରେ ନିର୍ବାଚିତ ହୋଇଥିଲେ । ତାଙ୍କ ମୃତ୍ୟୁରେ ଅଂଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଏକାଦଶାହ କର୍ମରେ ବହୁମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ସେଠୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି ଉପଲକ୍ଷେ ତାଙ୍କ ପତ୍ନୀ କିଛି ଗରୀବ ଲୋକଙ୍କୁ ବସ୍ତ୍ର ଓ ଅନ୍ନଦାନ କରିଥିବା ଜଣାପଡ଼ିଛି ।

## ଜିଲ୍ଲା ସ୍ତରରେ ଅବିଳମ୍ବେ ବକେୟା ପ୍ରାପ୍ୟ ନମିଳିଲେ ଆନ୍ଦୋଳନ ଜୋରଦାର ହେବ

ଭଦ୍ରକ, ୧୮/୧୦(ନି.ପ୍ର): ରାଜ୍ୟରେ ଠିକା କର୍ମଚାରୀ ଉଚ୍ଛେଦ ପ୍ରସଂଗକୁ ନେଇ ଗାଁସାଥୀ(ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ, ଓଡ଼ିଶା ପ୍ରଦେଶର ସଂଯୋଜକ ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସୀତାରାମ କଲ୍ୟାଣ ମଣ୍ଡପରେ ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ଏଠାରେ ଶ୍ରୀ ବିଶ୍ୱାଳଙ୍କ ସମେତ ସଂଘର ଭଦ୍ରକ ଜିଲ୍ଲା କମିଟି, ସମସ୍ତ ବ୍ଲକ କମିଟିର ସଭ୍ୟ/ସଭ୍ୟା ଓ ଧାମନଗର ଏବଂ ତିହିଡ଼ି ବ୍ଲକର ସମସ୍ତ ଗାଁସାଥୀ(ମେଟ୍) ଉପସ୍ଥିତ ଥିଲେ । ଚଳିତ ଅକ୍ଟୋବର ୧୫ରେ ରାଜ୍ୟରେ ୫୭ ହଜାର ଠିକା କର୍ମଚାରୀଙ୍କୁ ସ୍ଥାୟୀ କରିବା ପ୍ରସଂଗରେ ମାନନୀୟ ମୁଖ୍ୟମନ୍ତ୍ରୀଙ୍କୁ ସଂଘ ତରଫରୁ କୃତଜ୍ଞତା ଜଣାଇ ଦିଆଯାଇଛି । ମାତ୍ର ଏବେ ବି ନ୍ୟାୟ ଆଶାରେ ଥିବା ରାଜ୍ୟ ପଞ୍ଚାୟତିରାଜ ବିଭାଗର ୬୦ହଜାରରୁ ଉର୍ଦ୍ଧ୍ୱ



ଗାଁସାଥୀ(ମେଟ୍)ଙ୍କୁ ଚଳିତ ବର୍ଷ ଦିପାବଳୀ ପୂର୍ବରୁ ଗତବର୍ଷ ସରକାରୀ ପ୍ରତିଶୃତି ଅନୁସାରେ ନ୍ୟାୟ ମିଳିବ ବୋଲି ସେମାନେ ରାଜ୍ୟର ମୁଖିଆ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି । ସେମାନଙ୍କୁ ଚଳିତ ଦିପାବଳୀର ଭେଟି ମିଳିବ ତ ? ଏଥି ସହିତ ଗତ ୩ଟି ଆର୍ଥିକ ବର୍ଷରେ ଉକ୍ତ ଭଦ୍ରକ ଜିଲ୍ଲାରେ ମନରେଗା କାମ କରି ପ୍ରାପ୍ୟ ପାଇନଥିବା ଶହ ଶହ ଗାଁସାଥୀ(ମେଟ୍)ଙ୍କୁ ଆଗାମୀ ୭ ଦିନ ମଧ୍ୟରେ ସେମାନଙ୍କର ପ୍ରାପ୍ୟ ଅର୍ଥ ପ୍ରଦାନ କରାନଗଲେ, ଏହି ଦାବି ସହିତ ଚଳିତ ବର୍ଷ ଅଗଷ୍ଟ ୧ର ଜିଲ୍ଲା ପ୍ରଶାସନର ଗାଁସାଥୀ(ମେଟ୍)ମାନଙ୍କ ବାବଦରେ ହୋଇଥିବା ପ୍ରୋସିଡିଂ ବିଭିନ୍ନ ଅସମାହିତ ଦାବି ଗୁଡ଼ିକୁ ନେଇ ଏକ ପ୍ରଭାବୀ ଆନ୍ଦୋଳନ ଖୁବ୍ ଶୀଘ୍ର ଗଣତାନ୍ତ୍ରିକ ଧାରାରେ ଉକ୍ତ ଜିଲ୍ଲାରେ କରିବା ଲାଗି ସଂଗଠନର ରାଜ୍ୟ ସଂଯୋଜକ ଶ୍ରୀ ବିଶ୍ୱାଳ ଗଣମାଧ୍ୟମ ଜରିଆରେ ଜଣାଇଛନ୍ତି । ଚଳିତ ବର୍ଷ ଦିପାବଳୀ ସୁଦ୍ଧା ଗାଁସାଥୀ(ମେଟ୍)ଙ୍କ ରାଜ୍ୟ ଓ ଜିଲ୍ଲାସ୍ତରୀୟ ଦାବି ଗୁଡ଼ିକ ପୂରଣର ବ୍ୟବସ୍ଥା ନହେଲେ ଦିପାବଳୀ ପରେ ଧାମନଗର ଉପନିର୍ବାଚନ ବାବଦରେ ଧାମନଗର, ତିହିଡି ତଥା ଜିଲ୍ଲାର ଗାଁସାଥୀ (ମେଟ୍)ମାନଙ୍କ ମତାମତ ନେଇ ଯଥାର୍ଥ ପଦକ୍ଷେପ ନିଆଯିବ ବୋଲି ସଂଘ ତରଫରୁ କୁହାଯାଇଛି ।

## ରାଜଧାନୀରେ ୬ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୧୮/୧୦(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ମଙ୍ଗଳବାର ମୋଟ ୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଅପରପକ୍ଷରେ ୨୪ ଘଂଟାରେ ଆଉ ୧୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୬ ହଜାର ୮୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରୁ ୧ ଲକ୍ଷ ୬୪ ହଜାର ୪୧୩ ଜଣ ସୁସ୍ଥ ହୋଇଛନ୍ତି । ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୪୫୬ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଗତକାଲି ଭୁବନେଶ୍ୱରରେ ୫ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## ବେରୁହାଁରେ ଶ୍ରୀ ଶ୍ରୀ ରଘୁନାଥଜୀଉ ପ୍ରତିଷ୍ଠା

ଖୋର୍ଦ୍ଧା, ୧୮/୧୦(ନି.ପ୍ର): ବେରୁହାଁସ୍ଥିତ ଟ୍ରିପଲ 'ଏ' ବିଦ୍ୟାଳୟ ସୀମାକୁ ଲାଗି ଶ୍ରୀ ଶ୍ରୀ ରଘୁନାଥ ଜିଉ ମନ୍ଦରରେ ରାମନବମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ରାମନବମୀ ଦିନ ରବିନ୍ଦ୍ର ମହାପାତ୍ର ଓ ଆଲୋକ କୁଣ୍ଡୁଙ୍କ ଦ୍ୱାରା ଆୟୋଜିତ ଭଜନ ସଂଧ୍ୟାହେର ରାମରସର ପରିସର ସୃଷ୍ଟି କରିଥିଲା । ଏହି ଉତ୍ସବ ଏପ୍ରିଲ ମାସ ୧ ତାରିଖରୁ ଆରମ୍ଭ ହୋଇ ୧୦ ତାରିଖ ସମାପ୍ତ ହୋଇଥିଲା । ୨ ତାରିଖରେ କଳସ ଯାତ୍ରା ଆରମ୍ଭ



ହୋଇ ଦୀର୍ଘ ୯ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ହୋଇଥିଲା । ୮ ତାରିଖ ଦିନ ବିଗ୍ରହମାନେ ମନ୍ଦିରରେ ପ୍ରବେଶ କରିଥିଲେ । ଏହି ଉତ୍ସବ ବେରୁହାଁ ସହିତ ଆଖପାଖ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା

ବାଲେଶ୍ୱର, ୧୮/୧୦(ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ କୁଡ଼ିଆ ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଦଶମ ବାର୍ଷିକ ବିଜ୍ଞାନ ମେଳା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ରରେ ଅନୁଷ୍ଠାନର ସଭାପତି ଗଣେଶ ଚନ୍ଦ୍ର ପାତ୍ରୀ ଅଧ୍ୟକ୍ଷତା କରିଥିଲେ । ସିଆରସିସି ଶଶିକାନ୍ତ ଜେନା, ଉତ୍କଳ ଶିକ୍ଷା ପରିଷଦର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାସ, ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାଗବତ ମହାନ୍ତି, ସାଣ୍ଡିଲ୍ୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରଧାନ ଶିକ୍ଷକ ଦାମୋଦର ମହାରଣା, ଶିକ୍ଷା ପରିଷଦର ସଦସ୍ୟ ସୂରଜ ବାରିକ ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଦିନକୁ ଦିନର ବିଜ୍ଞାନର ବ୍ୟବହାରିକ କ୍ଷେତ୍ର ବୃଦ୍ଧି ପାଇ ଚାଲିଥିବା ବେଳେ ଛାତ୍ରଛାତ୍ରୀମାନେ ଏହି ଶିକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ସେମାନେ ପରାମର୍ଶ ଦେଇଥିଲେ । ଶିକ୍ଷାକେନ୍ଦ୍ରର ପ୍ରଧାନ ଶିକ୍ଷୟିତ୍ରୀ ଲିଜାରାଣୀ ଦେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ପ୍ରଶାନ୍ତ ପରିଡ଼ା ଅତିଥି ପରିଚୟ ଦେଇଥିଲେ । ଏହି ଅବସରରେ ଆୟୋଜିତ ବିଜ୍ଞାନ ମେଳାରେ ୫୬ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଭିନ୍ନ ବିଦ୍ୟାଳୟର ବ୍ରହ୍ମାନନ୍ଦ ଧଳ, ନିହାର ରଞ୍ଜନ ମହାପାତ୍ର, ଦୀପକ ଜେନା, ଦୀପ୍ତିପୁଷ୍ପା ସାହୁ, ପ୍ରଶାନ୍ତ ଦାସ ବିଚାରକ ଭାବେ ପ୍ରକଳ୍ପ ମୂଲ୍ୟାଙ୍କନ କରିଥିଲେ । ତରୁଣ ମହାଲିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲା ସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ

ବାରିପଦା, ୧୮/୧୦(ନି.ପ୍ର): ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ମହାରାଣୀ ପ୍ରେମକୁମାରୀ ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଓ ଦୀପ୍ତି ନାୟକ ଯୋଗଦେଇ ସେମିନାରକୁ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ବୈଜ୍ଞାନିକ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ । ଏମ୍‌ପିକେ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହରେ କୃଷ୍ଣ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପୂର୍ବତନ ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ ଧନ୍ୟବାଦ





ଅର୍ପଣ କରିଥିଲେ । ଧାରଣୀୟ ବିକାଶରେ ମୌଳିକ ବିଜ୍ଞାନ : ଆହ୍ୱାନ ଓ ସମ୍ଭାବନା ଶୀର୍ଷକ ବିଷୟବସ୍ତୁ ଉପରେ ୨୬ଟି ଜିଲ୍ଲାରୁ ଆସିଥିବା ଶ୍ରେଷ୍ଠ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ବିଚାରକ ଭାବେ ବି.ବି. ମହାବିଦ୍ୟାଳୟ, ବାଇଗଣବାଡିଆର ପ୍ରଧାପକ ସୁବ୍ରତ କୁମାର ଦାଶ, ବାରିପଦା ମହାବିଦ୍ୟାଳୟର ସ୍ମିତା ଦାସ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ବିଜୟିନୀ ସ୍ୱାଇଁ ଓ ତନୁଜା ଦାଶ ଯୋଗଦେଇଥିଲେ । ପୁରସ୍କାର ବିତରଣ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଯୋଗଦେଇଥିଲେ । ବରିଷ୍ଠ ଶିକ୍ଷକ ବସନ୍ତ କୁମାର ଦତ୍ତ, ତପନ କୁମାର ବାରିକ, ନୟନ କୁମାର ଗିରି, ଦିଲ୍ଲୀପ ମିଶ୍ର, ବିଷ୍ଣୁପଦ ଆଚାର୍ଯ୍ୟ, ମନୋଜ କୁମାର ପରିଡା ଓ ଭୀଷ୍ମଦେବ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶ୍ରେଷ୍ଠ ବିବେଚିତ ରଗୁଆଁ ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସୂପର୍ଣ୍ଣା ସନ୍ଧ୍ୟା ମହାନ୍ତ ରାଜ୍ୟସ୍ତରୀୟ ବିଜ୍ଞାନ ସେମିନାରକୁ ମନୋନୀତ ହୋଇଛନ୍ତି ।

ବୁଧବାର, ଅକ୍ଟୋବର ୧୯, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଭୁବନେଶ୍ୱର ବିୟୁଟିସିଆନ୍ ଆସୋସିଏସନ୍‌ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଭୁବନେଶ୍ୱର, ୧୮/୧୦(ନି.ପ୍ର): ଆଜି ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ବିୟୁଟିସିଆନ୍ ଆସୋସିଏସନ୍ ତରଫରୁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଭୁବନେଶ୍ୱର ବିୟୁଟିସିଆନ୍ ସଂଘର ସଭାପତି ପ୍ରବୀଣା ତ୍ରିପାଠୀଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଫ୍ରି ଏଜୁକେସନ୍ କ୍ଲାସ୍‌ରେ ବିୟୁଟିପାର୍ଲର ମାଲିକମାନେ ଏକାଠି ହୋଇ କିପରି ସମ୍ପୂର୍ଣ୍ଣ ଅର୍ଗାନିକ୍ ଉପାୟରେ କୌଣସି କେମିକାଲ୍ ବ୍ୟବହାର ନ କରି ବିୟୁଟିପାର୍ଲର ମାନଙ୍କରେ ବ୍ୟବହାର ହେଉଥିବା କ୍ରିମ୍ ଓ ଲୋସନ ଭଳି ଅନ୍ୟାନ୍ୟ କସ୍‌ମେଟିକ୍ ଆଇଟମ୍ ଗୁଡ଼ିକ ତିଆରି କରି ନିଜ ଗୋଡରେ ନିଜେ ଛିଡ଼ାହେବା, ଦିନକୁ ଦିନ ନିଜକୁ ପ୍ରମୋଟ୍ କରିବା ଏବଂ ସର୍ବୋପରି ପୁରାପୁରି ନିଜକୁ ଏଜୁକେଟ୍ ହୋଇ ଅନ୍ୟମାନଙ୍କୁ ଏଜୁକେଟ୍ କରି ସ୍ୱାବଲମ୍ବୀ ହେବାପାଇଁ ଟ୍ରେନିଂ ନେଇଥିଲେ । ଆଗକୁ ମଧ୍ୟ ବ୍ୟାଚ୍ ବ୍ୟାଚ୍ କରି ସବୁ ବିୟୁଟିସିଆନ୍‌ମାନଙ୍କୁ ଫ୍ରି ଟ୍ରେନିଂ ଦେବା ଓ ସମସ୍ତଙ୍କୁ ଆତ୍ମନିର୍ଭରଶୀଳ କରିବା ହେଉଛି ଆଜିର ଏହି ଫ୍ରି ଏଜୁକେସନ୍ କ୍ଲାସର ଉଦ୍ଦେଶ୍ୟ ବୋଲି କହିଛନ୍ତି ଭୁବନେଶ୍ୱର ବିୟୁଟିସିଆନ୍ ଆସୋସିଏସନ୍‌ର ସଭାପତି ପ୍ରବୀଣା ତ୍ରିପାଠୀ । ସେହିଭଳି କରୋନା ଯୋଗୁଁ ଆମେ ବହୁତ କ୍ଷତି ସହିଥିବାରୁ ଏବେ ଆମେ ନିଜ ଗୋଡ଼ରେ ନିଜେ ଛିଡ଼ା ହେବାପାଇଁ ଲକ୍ଷ୍ୟ ରଖି ଏହି ଫ୍ରି ଏଜୁକେସନ୍ କ୍ଲାସ୍‌ର ବ୍ୟବସ୍ଥା କରି ସବୁ ପ୍ରଡକ୍ଟ ନିଜେ ତିଆରି କରିବୁ, ବାହାରୁ କିଛି ନ କିଣି ପାର୍ଲର ଚଳାଇବୁ, ପ୍ରତ୍ୟେକ ପ୍ରତ୍ୟେକଙ୍କୁ ସାହାଯ୍ୟ ଓ ସହଯୋଗ କରି ମିଳିମିଶି ଆଗକୁ ବଢ଼ିବୁ ବୋଲି କହିଛନ୍ତି ଭୁବନେଶ୍ୱର ବିୟୁଟିସିଆନ୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଶ୍ରୀମତୀ ବନଜା ପ୍ରଧାନ । ଆମ ସଂଘରେ ଏବେ ତିନିଶହ ମେମ୍ବର ଅଛନ୍ତି ଓ ଅନ୍ୟମାନଙ୍କୁ ମ୍ଭ ଖୁବ୍ ଶୀଘ୍ର ସଂଘରେ ସାମିଲ୍ କରିବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି ବୋଲି କହିଛନ୍ତି ସମ୍ପାଦକ ଶ୍ରୀମତୀ ପ୍ରଧାନ । ଆମର କୌଣସି ରାଜନୈତିକ ଉଦ୍ଦେଶ୍ୟ ନାହିଁ, କୌଣସି ରାଜନୈତିକ ଦଳକୁ ପ୍ରମୋଟ କରିବାର ନାହିଁ, କୌଣସି ଦଳ ସହିତ ସାମାନ୍ୟ ସମ୍ପର୍କ ବି ନାହିଁ କି ଆଗକୁ ହେବାର ନାହିଁ ବୋଲି କହିଛନ୍ତି ସଭାପତି ଶ୍ରୀମତୀ ତ୍ରିପାଠୀ ଓ ସମ୍ପାଦକ ଶ୍ରୀମତୀ ପ୍ରଧାନ ।

## ବିଏସଏନଏଲ କାର୍ଯ୍ୟାଳୟରେ ଗ୍ରାହକ ସଚେତନତା କର୍ମଶାଳା

ବାଲେଶ୍ୱର,୧୮/୧୦(ନି.ପ୍ର): ଭାରତ ସଂଚାର ନିଗମ ଲିମିଟେଡ (ବିଏସଏନଏଲ)ର ବାଲେଶ୍ୱର ଜିଲା କାର୍ଯ୍ୟାଳୟରେ ଏକ ଗ୍ରାହକ ସଚେତନତା କର୍ମଶାଳା (କଂଜ୍ୟୁମର ଏଜୁକେସନ ୱାର୍କସପ) ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଡିଜିଟାଲ ମୋଡ଼ରେ ଆୟୋଜିତ ଏହି କର୍ମଶାଳାରେ ଟେଲିକମ ରେଗୁଲେଟାରୀ ଅଥରିଟି ଅଫ ଇଣ୍ଡିଆ (ଟ୍ରାଇ)ର ଓଡ଼ିଶା ଶାଖା ଚେୟାରମ୍ୟାନ ସୁଧାଂଶୁ ମୋହନ ଦାଶ ଯୋଡ଼ି ହୋଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ବିଏସଏନଏଲ ଗ୍ରାହକଙ୍କୁ ଉନ୍ନତମାନର ସେବା ପ୍ରଦାନ ଓ ଠକାମୀରୁ ସୁରକ୍ଷା ଦେବା ପାଇଁ ଆୟୋଜିତ ହୋଇଥିବା ସେ କହିଥିଲେ । ଗ୍ରାହକମାନେ ସଚେତନ ହେଲେ ସେମାନଙ୍କ ସମସ୍ୟା ଦୂର ହେବା ସାଙ୍ଗକୁ ସେମାନେ ସାଇବର ଠକେଇରୁ ସୁରକ୍ଷିତ ରହିପାରିବେ ବୋଲି ଶ୍ରୀ ଦାସ କହିଥିଲେ । ବିଏସଏନଏଲ, ବାଲେଶ୍ୱର ମହାପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ମହାପାତ୍ର ଏଥିରେ ଯୋଗଦେଇ ଗ୍ରାହକଙ୍କ ସୁରକ୍ଷା ଓ ଉତ୍ତମ ସେବା ପ୍ରଦାନ ଦିଗରେ ନିଗମ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଏବଂ ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ । ବିଶେଷ କରି ଟେଲିଫୋନକୁ ଆୟୁଧ କରି ସାଧାରଣ ଲୋକଙ୍କୁ ଠକୁଥିବା ସାଇବର ଅପରାଧୀଙ୍କଠାରୁ ବର୍ତ୍ତିବା ଦିଗରେ ସଚେତନତ ହେବା ପାଇଁ ଉପସ୍ଥିତ ଗ୍ରାହକମାନଙ୍କୁ ସେ ପରାମର୍ଶ ଦେଇଥିଲେ । କୌଣସି ଫେକ କଲ ଆସିଲେ ତଥ୍ୟ ପ୍ରଦାନ ପରିବର୍ତ୍ତେ ନିକଟସ୍ଥ ବିଏସଏନଲ ଅଫିସରେ ତୁରନ୍ତ ଯୋଗାଯୋଗ କରିବାକୁ ଜନସାଧାରଣଙ୍କୁ ଶ୍ରୀ ମହାପାତ୍ର ଆହ୍ୱାନ ଦେଇଛନ୍ତି । ସିଏଫଏ ଟିମର ଏଜିଏମ ପୁରୁଷୋତମ ମାଝୀ, ଏସଡିଇ ଏସଏମ ଆଲିସାହା ଏଥିରେ ଡିଜିଟାଲ ମୋଡ଼ରେ ଯୋଡ଼ି ହୋଇ ଗ୍ରାହକଙ୍କ ବିଭିନ୍ନ ସମସ୍ୟା ଓ ତାର ନିରାକଣ ସମ୍ପର୍କରେ ଆଲୋଚନା କରଥିଲେ । ବାଲେଶ୍ୱରର ଡିଜିଏମ କହ୍ନେଇ ସିଂ ଏହି କର୍ମଶାଳାରେ ସଂଯୋଜନା କରିଥିଲେ । ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କର୍ମଶାଳା ପରିଚାଳିତ ହୋଇଥିଲା । ବିଏସଏନଏଲ ବାଲେଶ୍ୱର ମୁଖ୍ୟ ଆକାଉଣ୍ଟାଣ୍ଟ ଅଫିସର ଶରତ କୁମାର ଗିରି, ଏଜିଏମ (ସିଏଫଏ) ସତ୍ୟରଂଜନ ଦାସ ପ୍ରମୁଖ ଏହି କର୍ମଶାଳାରେ ଉପସ୍ଥିତ ଥିଲେ । ଏସଡିଇ (ବ୍ରଡ଼ବ୍ୟାଣ୍ଡ) ହେମନ୍ତ କୁମାର ସାହୁ, ଟିଟିଓ ଅଜତ କୁମାର ପତିଙ୍କ ସମେତ ବିଏସଏନଏଲର ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ଜୁଆ ଆଡ୍ଡା ଉପରେ ଚଢ଼ଉ : ୨ ମହିଳାଙ୍କ ସମେତ ୧୦ ଗିରଫ

ଗଞ୍ଜାମ,୧୮/୧୦(ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଉପକଣ୍ଠସ୍ଥ ଲୋଚାପଡ଼ାର ଖାଞ୍ଜିପଡିଆ ସାହିରେ ଗତକାଲି ବିଳମ୍ବିତ ରାତିରେ ଏକ ଜୁଆ ଆଡ୍ଡା ଚାଲିଥିବା ଖବର ପାଇ ବ୍ରହ୍ମପୁର ସଦର ଥାନା ପୋଲିସ ସେଠାରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ସେଠାରୁ ୨ ଜଣ ମହିଳାଙ୍କ ସମେତ ୧୦ ଜଣଙ୍କୁ ଗିରଫ କରିଛି । ତାସ୍ ମୁଠା ସହ ୯ଟି ମୋବାଇଲ ଫୋନ୍ ଏବଂ ନଗଦ ୮୫ ହଜାର ୨୦୦ ଟଙ୍କା ଜବତ କରିଛନ୍ତି । ଏ ସଂକ୍ରାନ୍ତରେ ଥାନାରେ ୪୯୨/୨୨ ରେ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି ।

## ଜିଲ୍ଲା ସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବାରିପଦା,୧୮/୧୦(ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଅନୁଷ୍ଠିତ ମୟୂରଭଂଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ସହଯୋଗୀତାରେ ଜିଲ୍ଲା ସ୍ତରୀୟ ୧୭ ବର୍ଷରୁ କମ ବାଳକ ଏବଂ ବାଳିକା ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ସଂଧାରେ ଉଦଯାପିତ ହୋଇଯାଇଛି । ବାଳକ ବିଭାଗର ଫାଇନାଲରେ ଶୁଳିଆପଦଓ ଖୁଣ୍ଟା କୁ ୪-୨ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିବାବେଳେ ବାଳିକା ବିଭାଗରେ ବାରିପଦା କୁସୁମୀ ବ୍ଲକକୁ ୪-୨ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି । ବାଳକ ବିଭାଗରେ ବାରିପଦା ଓ ବାଳିକା ବିଭାଗରେ କୁଳିଅଣା ତୃତୀୟ ସ୍ଥାନ ଅଧିକାର କରିଛି । ଏହି ଅବସର ରେ ମୁଖ୍ୟ ଅତିଥି ଭାବେ ମୋରଡା ବିଧାୟକ ରାଜକିଶୋର ଦାସ, ମୁଖ୍ୟ ବକ୍ତା ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବିଶିଷ୍ଟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡ଼ା. ଦେବାଶିଷ ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣନନ୍ଦ ମହାନ୍ତି, ମୟୁରଭଂଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଖୁଣ୍ଟା ବ୍ଲକ ଅଧକ୍ଷ ସୁଧନ୍ୟା ନାଏକ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ । ଏମକେସି ଉଚ୍ଚ ବିଦ୍ୟାଳୟର ଡ୍ରାମ ବେଣ୍ଡ ଓ ଏମପିକେ ବାଳିକା ଉଚ୍ଚ ବିଦ୍ୟାଳୟର କଳାକାର ମାନଙ୍କୁ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିବା ସହ ଜିଲ୍ଲାର ୫୮୦ଟି ସ୍କୁଲକୁ ଫୁଟବଲ ପ୍ରଦାନ କରାଯାଇଥିବାର ଜଣାଯାଇଛି । ଏହି ଅବସର ରେ ବରିଷ୍ଠ ଫୁଟବଲ ଖେଳାଳି ପରେଶ ଦାସ ତାଙ୍କ ରଚିତ ଫୁଟବଲ ଖେଳ ପୁସ୍ତକକୁ ଅତିଥି ମାନେ ଉନ୍ମୋଚନ କରିଥିଲେ ।

## ୨୧ ଓ ୨୨ରେ ଜିଲ୍ଲା କୃଷକସଭା ସମ୍ମଳନୀ



ଖଇରା,୧୮/୧୦(ନି.ପ୍ର): କୃଷି ଆଇନ ପ୍ରତ୍ୟାହାରର ୨ବର୍ଷରୁ ଉର୍ଦ୍ଧ ହୋଇ ଯାଇଥିବା ବେଳେ ଏ ପର୍ଯ୍ୟନ୍ତ ସର୍ବନିମ୍ନ ସହାୟକ ମୂଲ୍ୟ କୁ ଆଇନଗତ ଅଧିକାର ଦିଆଯାଇନାହିଁ । ଶିଳ୍ପସଂସ୍ଥା ଓ ପୁଞ୍ଜିପତି ମାନଙ୍କୁ ୧୧ଲକ୍ଷ କୋଟି ଛାଡ କରାଯାଇଥିବା ବେଳେ କୃଷିଋଣ ଛାଡ ପାଇଁ ସରକାରଙ୍କୁ କଷ୍ଟ ହେଉଛି ।ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟର ଦୃତ ଅବନତି ଘଟୁଛି । ଆମ୍ବହତା କେନାଲ ନିର୍ମାଣକୁ ତ୍ୱରାନ୍ୱିତ କରାଯାଉନାହିଁ କି ଅଚଳ ଉଠାଜଳସେଚନ ପ୍ରକଳ୍ପ ଗୁଡିକୁ କାର୍ଯ୍ୟକ୍ଷମ କରାଯାଉନାହିଁ । ସେହିଭଳି ସୁବର୍ଣ୍ଣରେଖା ସଂସ୍କାର ଯୋଜନା ଶିତଳ ଭଣ୍ଡାରରେ ପଡି ରହିଥିବା,ସାର ଓ କିଟନାଶକ ର ମୂଲ୍ୟ ୨ଗୁଣ ବଢିଯିବା,ସମବାୟ ସଂସ୍ଥା ଗୁଡିକ ଦୁର୍ନିତିରେ ବୁଡିରହିବା ଭଳି କାରଣ ଯୋଗୁଁ କୃଷକ ମାନେ କୃଷିରୁ ମୁହଁ ଫେରାଉଛନ୍ତି । ଏଭଳି ସମସ୍ୟା ଗୁଡିକ ଉପରେ ଆଲୋଚନା ସହ ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ପାଇଁ ଲଢୁଆ କୃଷକ ସଙ୍ଗଠନ ଓଡିଶା କୃଷକ ସଭାର ୨ଦିନିଆ ଜିଲାସ୍ତରୀୟ ସମ୍ମିଳନୀ ୨୧ ଓ ୨୨ ତାରିଖ ଦିନ ଅନୁଷ୍ଠିତ ହେବ । ଏଥିରେ ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକରୁ କୃଷକସଭାର ସଦସ୍ୟ ଥିବା ୧୫୦ଜଣ ସଦସ୍ୟ ଯୋଗ ଦେବେ ବୋଲି ଖଇରା ବଜାରସ୍ଥିତ ବାବାଜୀ ବିଶ୍ୱାଳ ନଗର ଠାରେ ମଙ୍ଗଳବାର ଦିନ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୃଷକ ସଭାର ସଦସ୍ୟ ମାନେ ପ୍ରକାଶ କରିଛନ୍ତି । ସମ୍ମିଳନୀ ଅଭ୍ୟର୍ଥନା କମିଟିର ସଦସ୍ୟ ଜଗତାନନ୍ଦ ମହାପାତ୍ର ସଭାପତିତ୍ୱ କରିଥିଲେ । କୃଷକସଭାର ରାଜ୍ୟ ଉପସଭାପତି ନିର୍ମଳ ନାୟକ, ଜିଲା ସମ୍ପାଦକ ଶିତାଂଶୁ ସେନାପତି, କମିଟି ସଭ୍ୟ ଉପେନ୍ଦ୍ର ପ୍ରସାଦ ଦାସ, ସମ୍ପାଦକ ଭଗବାନ ଦାସ, ବସନ୍ତ କୁମାର ମାଝୀ, ପ୍ରଶାନ୍ତ କୁମାର ବାରିକ ଓ ଅଭିରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଛାତ୍ରଛାତ୍ରୀଙ୍କୁ ନେଇ ନିଶାମୁକ୍ତ ସଚେତନତା କର୍ମଶାଳା

ବାଲେଶ୍ୱର,୧୮/୧୦(ନି.ପ୍ର): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବାଲେଶ୍ୱର ଶାଖା ପକ୍ଷରୁ ଜିଲା ବ୍ୟାପୀ ଆରମ୍ଭ ହୋଇଛି ନିଶାମୁକ୍ତ ଅଭିଯାନ । ବିଶେଷ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଶାର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟିକୁ ବିଶେଷ ଗୁରୁତ୍ୱ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ବାହାନଗା କନିଷ୍ଠ ମହାବିଦ୍ୟାଳୟରେ ନିଶା ବର୍ଜନ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମକୁମାର ଅଧ୍ୟାପକ ଗଣେଶ ତିଆଡ଼ି ଓ ହେମନ୍ତ ମହାଳିକ ଏଥିରେ ଯୋଗଦେଇ ନିଶାର ଭୟାବହତା ସମ୍ପର୍କରେ ବୁଝାଇବା ସହ ଯୋଗ, ପ୍ରାଣାୟମ ଓ ଧ୍ୟାନ ଆଦି ଶିଖାଇଥିଲେ ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା ଅନୁଷ୍ଠିତ

ବାଲେଶ୍ୱର,୧୮/୧୦(ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ କୁଡ଼ିଆ ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଦଶମ ବାର୍ଷିକ ବିଜ୍ଞାନ ମେଳା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ରରେ ଅନୁଷ୍ଠାନର ସଭାପତି ଗଣେଶ ଚନ୍ଦ୍ର ପାଢ଼ୀ ଅଧ୍ୟକ୍ଷତା କରିଥିଲେ । ସିଆରସିସି ଶଶିକାନ୍ତ ଜେନା, ଉତ୍କଳ ଶିକ୍ଷା ପରିଷଦର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାସ, ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାଗବତ ମହାନ୍ତି, ସାଣ୍ଡିଲ୍ୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରଧାନ ଶିକ୍ଷକ ଦାମୋଦର ମହାରଣା, ଶିକ୍ଷା ପରିଷଦର ସଦସ୍ୟ ସୂରଜ ବାରିକ ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଦିନକୁ ଦିନର ବିଜ୍ଞାନର ବ୍ୟବହାରିକ କ୍ଷେତ୍ର ବୃଦ୍ଧି ପାଇ ଚାଲିଥିବା ବେଳେ ଛାତ୍ରଛାତ୍ରୀମାନେ ଏହି ଶିକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ସେମାନେ ପରାମର୍ଶ ଦେଇଥିଲେ । ଶିକ୍ଷାକେନ୍ଦ୍ରର ପ୍ରଧାନ ଶିକ୍ଷୟିତ୍ରୀ ଲିଜାରାଣୀ ଦେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ପ୍ରଶାନ୍ତ ପରିଡ଼ା ଅତିଥି ପରିଚୟ ଦେଇଥିଲେ । ଏହି ଅବସରରେ ଆୟୋଜିତ ବିଜ୍ଞାନ ମେଳାରେ ୫୬ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଭିନ୍ନ ବିଦ୍ୟାଳୟର ବ୍ରହ୍ମାନନ୍ଦ ଧଳ, ନିହାର ରଞ୍ଜନ ମହାପାତ୍ର, ଦୀପକ ଜେନା, ଦୀପ୍ତିପୁଷ୍ପା ସାହୁ, ପ୍ରଶାନ୍ତ ଦାସ ବିଚାରକ ଭାବେ ପ୍ରକଳ୍ପ ମୂଲ୍ୟାଙ୍କନ କରିଥିଲେ । ତରୁଣ ମହାଳିକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ‘ଯୁଗଶ୍ରୀ ଯୁଗନାରୀ’ ପୂଜା ବିଶେଷାଙ୍କ ଆଲୋଚନା



ବାଲେଶ୍ୱର,୧୮/୧୦(ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ‘ଯୁଗଶ୍ରୀ ଯୁଗନାରୀ’ ପୂଜା ବିଶେଷାଙ୍କ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିଷଦର ଉପସଭାପତି ପ୍ରଦୀପ ଚାଟ୍ଟାର୍ଜୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର ଡ. ଦେବାଶିଷ ପାତ୍ର ଓ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ଆଲୋଚକ ଭାବରେ ଯୋଗ ଦେଇ ପତ୍ରିକାଟିର ସଂପାଦନା ଶୈଳୀ ଅନନ୍ୟ ବୋଲି ମତ ଦେବା ସହ ପୂଜା ପତ୍ରିକାଗୁଡ଼ିକର ଆଲୋଚନା ଭଳି ଏକ ଅଭିନବ ପ୍ରୟାସ ପାଇଁ ଫକୀରମୋହନ ସାହିତ୍ୟ ପରିଷଦକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟତମ ଆଲୋଚିକା ତଥା ‘ପରିଚୟ’ ପତ୍ରିକାର ସଂପାଦିକା ସୁଶ୍ରୀ ଅରୁଣା ରାୟ ପତ୍ରିକା ପ୍ରକାଶନ କ୍ଷେତ୍ରରେ ଉପୁଜୁଥିବା ବାଧାବିଘ୍ନକୁ ଅତିକ୍ରମ କରି ଏହାର ନିୟମିତ ପ୍ରକାଶନକୁ ବଜାୟ ରଖିଥିବାରୁ ସଂପାଦିକାଙ୍କୁ ସାଧୁବାଦ ଜଣାଇଥିଲେ । ସଂପାଦିକା ମମତା ମହାପାତ୍ର ପତ୍ରିକାର ଲୋକପ୍ରିୟତା ପାଇଁ ଉଭୟ ପାଠକ ଓ ଲେଖକମାନଙ୍କୁ ଶ୍ରେୟ ଦେଇଥିଲେ । ଶାନ୍ତିକାନନଠାରେ ଆରମ୍ଭ କରାଯାଇଥିବା ପୂଜା ପତ୍ରିକା ଆଲୋଚନା ଖୁବ୍ ସଫଳ ହୋଇଛି ଏବଂ ଆଜି ତାହାର ଶେଷ ପର୍ବ ବୋଲି ପ୍ରାକ୍ ସୂଚନା ଦେବା ଅବସରରେ ପରିଷଦର ସଂପାଦକ ଦୀପକ ବୋଷ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ରାଜେଶ ଗିରି ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ଡ. କ୍ଷୀତିଶ୍ୱର ଦାଶ ବେଦପାଠ କରିଥିଲେ । ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦଙ୍କଦ୍ୱାରା ଫକୀରମୋହନଙ୍କ ଉପରେ ରଚିତ ଓ ନିର୍ଦ୍ଦେଶିତ ସମବେତ ସଙ୍ଗୀତକୁ ବାସନ୍ତୀ ଦେ, ସୁବ୍ରତା ମହାନ୍ତି, ଶାନ୍ତି ବିଶି, ତୃପ୍ତିରାଣୀ ପାତ୍ର, ସ୍ନିଗ୍ଧା ସାମନ୍ତରାୟ ଗାନ କରିଥିବାବେଳେ ଗୁରୁ ଲକ୍ଷ୍ମୀକାନ୍ତ ଜେନା ତବଲାରେ ସହଯୋଗ କରିଥିଲେ । ଶେଷରେ ଅନ୍ୟତମ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ବହୁ ସାରସ୍ୱତ ସାଧକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ଦେଶକୁ ଦୁର୍ନୀତି ମୁକ୍ତ କରିଛି ସୂଚନା ଅଧିକାର ଆଇନ : ଡ଼କ୍ଟର ଶ୍ରୀହରି ପଣ୍ଡା




ଉଦଳା,୧୮/୧୦(ନି.ପ୍ର): ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟର +୨ ସ୍ତରରେ ଥିବା ଜାତୀୟ ସେବା ଯୋଜନାର ଏକ ସ୍ୱତନ୍ତ୍ର ଶିବିର ଚଳିତ ଅକ୍ଟୋବର ୧୬ ତାରିଖ ରବିବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ଼କ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି ସେବା ମଣିଷକୁ ଆତ୍ମତୃପ୍ତି ଦେବା ସହିତ ଦେଶ ଗଠନ ପାଇଁ ଏହା କିପରି ଆଜି ଜରୁରୀ ହୋଇ ପଡ଼ିଛି ବ୍ୟକ୍ତ କରିଥିଲେ । ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଅମ୍ବିକା ପ୍ରସାଦ ପୁଥାଳ ୭ ଦିନ ଧରି ଚାଲିବାକୁ ଥିବା ଉକ୍ତ ଶିବିରର ଦୈନନ୍ଦିନର ରୂପରେଖ କିପରି ରହିବ ଅବଗତ କରାଇବା ସହିତ ଆମ୍ବପିଛୁଳା ଗ୍ରାମକୁ ପୋଷ୍ୟଗ୍ରାମ ଭାବେ ନିଆଯାଇଥିବାରୁ ଉକ୍ତ ଗ୍ରାମରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶିବିରର ତୃତୀୟ ଦିବସରେ ଦେଶକୁ ଦୁର୍ନିତିମୁକ୍ତ କରିବାରେ ସୂଚନା ଅଧିକାର ଆଇନ କିପରି ସହାୟକ ହୋଇଛି ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ପ୍ରଶିକ୍ଷକ ଭାବରେ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଓ ମହାବିଦ୍ୟାଳୟର ଜନସୂଚନା ଅଧିକାରୀ ଅଧାପକ ଶ୍ରୀହରୀ ପଣ୍ଡା ତାଲିମ ପ୍ରଦାନ କରିଥିଲେ । ବରିଷ୍ଠ ଅଧାପକ ସନ୍ତୋଷ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପକ ମନୋମହନ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧାପକ ସର୍ବେଶ୍ୱର ବିଶ୍ୱାଳ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ଇଂ.ସୁରେନ୍ଦ୍ର ନାଥ ଦାସଙ୍କ ପାଞ୍ଚଖଣ୍ଡ ନୂତନ ପୁସ୍ତକ ଉନ୍ମୋଚିତ
### ନାରୀ ଚରିତ୍ରର ମହନୀୟତା ପ୍ରତିଟି କାହାଣୀରେ ହୋଇଛି ଋଦ୍ଧିମନ୍ତ



ବାଲେଶ୍ୱର, ୧୭/୧୦(ନି.ପ୍ର): ବିଦ୍ୟୁତ୍‌ବିଭାଗର ଅବସରପ୍ରାପ୍ତ ଜେନେରାଲ୍ ମ୍ୟାନେଜର୍ ଇଂ.ସୁରେନ୍ଦ୍ର ନାଥ ଦାସଙ୍କ ଲିଖିତ ଚାରିଖଣ୍ଡି ସାମାଜିକ ଉପନ୍ୟାସ ଓ ଏକଖଣ୍ଡ ସାମାଜିକ ଗଳ୍ପସଂକଳନର ଶୁଭ ଉନ୍ମୋଚନ ବାଲେଶ୍ୱର ସହରସ୍ଥ ଆତିଥ୍ୟ ସଭାଗୃହରେ ଏକ ବର୍ଣ୍ଣାଢ଼୍ୟ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଗତ ୧୭ତାରିଖ ତାରିଖ ପୂର୍ବାହ୍ନ ୧୦ଘଟିକାରେ ଅନୁଷ୍ଠିତ ଏହି ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗଦେଇ ମାତ୍ର ୪ବର୍ଷ ମଧ୍ୟରେ ଇଂ.ଦାସ ଲେଖନୀ ଧରି ୨୪ଖଣ୍ଡ ପୁସ୍ତକ ରଚନା କରିବା ବିସ୍ମୟକର ବିଷୟ ବୋଲି କହିଥିଲେ । ଗଳ୍ପ, ଉପନ୍ୟାସ, କାବ୍ୟ-କବିତା, ଆତ୍ମଜୀବନୀ ଓ ପ୍ରବନ୍ଧ ଭଳି ବହୁ ବିଭାଗରେ ଇଂ.ଦାସ ନିଜର ଲେଖନୀଚାଳନାରେ ବ୍ରତୀ ରହି ଚଳିତ ୨୦୨୨ମସିହାରେ ୯ଖଣ୍ଡ ପୁସ୍ତକ ରଚନା କରିବା ବାସ୍ତବରେ ଏକ ପ୍ରଶଂସନୀୟ କାର୍ଯ୍ୟ ବୋଲି ବର୍ଣ୍ଣନା କରିଥିଲେ । ତାଙ୍କର ଅଧିକାଂଶ ଉପନ୍ୟାସ ଓ ଗଳ୍ପରେ ନାରୀ ଚରିତ୍ରର ମହନୀୟତାକୁ ସେ ପ୍ରତିପାଦନ କରିବା ପାଇଁ ସଦା ପ୍ରୟାସୀ ହୋଇଥା'ନ୍ତି, ବିଶେଷ ଭାବେ ପୁରାଣ ଓ ମହାଭାରତ ଯୁଗର ମହୀୟସୀ ନାରୀଚିତ୍ରମାନଙ୍କ ନାମକୁ ଆଧାର କରି ବର୍ତ୍ତମାନ ସ୍ଥିତିରେ ସେହିଭଳି ମହାନ ଗୁଣାବଳୀକୁ ନେଇ ଅନେକ ନାରୀ ଆମ ସମାଜ ପାଇଁ ଜୀଇଁ ରହିଛନ୍ତି ବୋଲି ସେ ନିଜର କାହାଣୀ ଭିତରେ ପାଠକଙ୍କୁ ଜଣାଇବାକୁ ଚାହିଁଛନ୍ତି । ନାରୀ ଯେ ସେବା, ମମତା, ସହିଷ୍ଣୁତା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ତାହାହିଁ ତାଙ୍କ କାହାଣୀରେ ଫୁଟି ଉଠିଛି । ‘ସୁବର୍ଣ୍ଣଶ୍ରୀ ପ୍ରକାଶିନୀ’ ଦ୍ୱାରା ପ୍ରକାଶିତ ଏହି ପୁସ୍ତକସମୂହର ଉନ୍ମୋଚନ ଉତ୍ସବରେ ସଭାପତିତ୍ୱ କରିଥିଲେ ବରିଷ୍ଠ ନାଗରିକ ୯୩ବର୍ଷୀୟ ଧୀରେନ୍ଦ୍ର ନାରାୟଣ ଦାସ । ମୁଖ୍ୟଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଡ.ପ୍ରହ୍ଲାଦ ଚରଣ ମହାନ୍ତି ଯୋଗଦେଇ ପୁସ୍ତକଗୁଡ଼ିକୁ ଉନ୍ମୋଚନ କରିଥିଲେ । ଉନ୍ମୋଚିତ ପୁସ୍ତକ ମଧ୍ୟରେ ରହିଛି ଉପନ୍ୟାସ ‘ରାଧା’, ‘ସାବିତ୍ରୀ’, ‘ଅହଲ୍ୟା’, ‘ମାତୃଶକ୍ତି’ ଓ ଗଳ୍ପସଂକଳନ ‘ନାରୀ’ । ସମ୍ମାନନୀୟ ଅତିଥି ଭାବେ ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀ, ଡ.ଶିରୀଶ ଚନ୍ଦ୍ର ଜେନା, ବି.କେ.ମିନତୀ ଭଉଣୀ, ଇଂ.ଡ଼.ହୃଷୀକେଶ ସାହୁ ଏବଂ ପୁସ୍ତକର ପ୍ରକାଶକ ତଥା ସମୀକ୍ଷକ ଭାବେ କବି କାଳୀପଦ ପଣ୍ଡା ଯୋଗ ଦେଇ ପୁସ୍ତକଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ରଙ୍କ ସଞ୍ଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସତ୍ୟେନ୍ଦ୍ରନାଥ ଦାସ ମଞ୍ଚ ଆହ୍ୱାନ କରିଥିଲା ବେଳେ ଲେଖକଙ୍କ ପତ୍ନୀ ସତ୍ୟଭାମା ଦାସ ନିଜର ଅନୁଭୂତି କହିଥିଲେ । ଲେଖକ, ଇଂ.ସୁରେନ୍ଦ୍ର ନାଥ ଦାସ ତାଙ୍କର ଅବସର ସମୟକୁ ସାହିତ୍ୟସାଧନାରେ ଲଗାଇ ସମସ୍ତ ପୁସ୍ତକ ନିଜ ଖର୍ଚ୍ଚରେ ମୁଦ୍ରଣ କରି ପାଠକମାନଙ୍କୁ ଉତ୍ସବ ଜରିଆରେ ଉପହାର ଦେବା ଭଳି କାର୍ଯ୍ୟକରି ଖୁବ୍ ଆନନ୍ଦଲାଭ କରୁଛନ୍ତି ବୋଲି ପ୍ରକାଶ କରିଥିଲେ ।

## ରସିକିଆ ଶିକ୍ଷକଙ୍କ ପ୍ରେମ କାହାଣୀ ! ବିବାହ ପାଇଁ ଅମଙ୍ଗ ହେବାରୁ ଗଲେ ଜେଲ

ନୀଳଗିରି,୧୮/୧୦(ନି.ପ୍ର): ଜନୈକ ରସିକିଆ ଶିକ୍ଷକ ନିଜର ସଂପର୍କୀୟ ଭଉଣୀକୁ ଦୀର୍ଘ ୫ବର୍ଷ ଧରି ଭଲ ପାଉଥିବା ବେଳେ ସଂପର୍କୀୟ ଭଉଣୀ ସହିତ ଶାରିରୀକ ସମ୍ପର୍କ ମଧ ରଖି ଆସୁଥିଲା । ଶିକ୍ଷକ ଜଣକ ବିବାହ ପାଇଁ ଛଳନାରେ ବହୁବାର ମିଥ୍ୟା ପ୍ରତିଶୃତି ଦେଇ ଆସୁଥିବା ବେଳେ ଯୁବତୀ ଜଣକ ନିରୁପାୟ ଅନୁଭବ କରି ଶେଷରେ ନୀଳଗିରି ଥାନାରେ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କଲା ପରେ ଉଭୟ ପକ୍ଷର ବନ୍ଧୁବର୍ଗ ସାଙ୍ଗସାଥୀ ଏବଂ ଶିକ୍ଷକ ବୃନ୍ଦ ରସିକିଆ ଶିକ୍ଷକଙ୍କୁ ବିବାହ ପାଇଁ ବହୁବାର ବୁଝାସୁଝା କଲାପରେ ବି ରସିକିଆ ଶିକ୍ଷକ ଜଣକ ମନା କରିବାରୁ ଶେଷରେ ଯୁବତୀର ଅଭିଯୋଗ ମୂଳେ ନୀଳଗିରି ପୋଲିସ ଶିକ୍ଷକକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଜାମିନ ନାମଂଜୁର ହେବାରୁ ଶିକ୍ଷକଙ୍କୁ ନୀଳଗିରି ଜେଲ ହାଜତକୁ ପଠାଇ ଦିଆଯାଇଛି । ସୂଚନା ଅନୁସାରେନୀଳଗିରି ଥାନା ଈଶ୍ୱରପୁର ଫାଣ୍ଡି ଅଧିନସ୍ଥ ପିଂଛାବଣିଆ ଗ୍ରାମର ଜନୈକ ଯୁବତୀଙ୍କୁ ସୋର ଥାନା ଅଧିନସ୍ଥ ଦାଣ୍ଡହରିପୁର ଗ୍ରାମର ମନୋରଂଜନ ମଲ୍ଲିକ (୨୮) ଯିଏକି ସାଉଡ ନୋଡାଲ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟ କରୁଅଛନ୍ତି । ଦୀର୍ଘ ୫ବର୍ଷ ଧରି ଶକ୍ଷକ ମନୋରଂଜନ ନିଜ ଭଉଣୀର ନଣନ୍ଦକୁ ଭଲ ପାଇ ଆସୁଥିବା ବେଳେ ଶେଷରେ ଉଭୟ ପରିବାର ବିବାହ ପାଇଁ ପ୍ରସ୍ତାବ ଆଗତ କରୁଥିବା ବେଳେ ଶିକ୍ଷକ ଜଣକ ରାଜି ହୋଇ ନ ଥିଲା । ଶେଷରେ ନିରୁପାୟ ହୋଇ ଯୁବତୀ ଜଣକ ନୀଳଗିରି ଥାନାରେ ଅଭିଯୋଗ କରିଥିଲା । ଅଭିଯୋଗମୂଳେ ନୀଳଗିରି ଥାନାର କେଶ ନଂ.୩୦୦/୨୨ ଦଫା। ୩୭୬ ମୂଳେ ମାମଲା ରୁଜୁ କରି ଶିକ୍ଷକଙ୍କୁ କୋର୍ଟ ଚାଲାଣ କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo